




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୨ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 August 2024

Vol.No. 35 ■ No.226 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସଂରକ୍ଷଣ ରାୟକୁ ବିରୋଧ କରି ୧୨ ଘଣ୍ଟିଆ ଭାରତ ବନ୍ଦ

### ବିହାର, ଝାଡଖଣ୍ଡ, ରାଜସ୍ଥାନରେ ପଡିଲା ଅଧିକ ପ୍ରଭାବ

ନୂଆଦିଲ୍ଲୀ, ୨୧/୮ : କେଉଁଠି ଲାଠିମାଡ଼, କେଉଁଠି ଧାରଣାରେ ପ୍ରଦର୍ଶନକାରୀ । କେଉଁଠି ରେଳ ରୋକରେ ଯାତ୍ରୀ ହସନ୍ତସନ୍ତ । ଆଜି ବିଭିନ୍ନ ରାଜ୍ୟରେ ସକାଳୁ ଦୃଶ୍ୟ କିଛି ଏଭଳି ରହିଥିଲା । ବାଇକରାଲି, ପଦଯାତ୍ରା କରି ଭାରତ ବନ୍ଦକୁ ସଫଳ କରିବାକୁ ଚେଷ୍ଟା କରିଥିଲେ ଆନ୍ଦୋଳନକାରୀ । ଭାରତ ବନ୍ଦ ଯୋଗୁ ଆଜି କିଛି ଘଂଟା ପାଇଁ ପ୍ରଭାବିତ ହୋଇଛି ସାରା ଦେଶ ସାରା ଦେଶ। ବିଭିନ୍ନ ରାଜ୍ୟରେ ବସ, ରେଳ ରୋକ କରିଥିଲେ ଆନ୍ଦୋଳନକାରୀ। ବିହାରରେ ବିକ୍ଷୋଭକାରୀଙ୍କ ଉପରେ ପୁଲିସର ଲାଠିଚାର୍ଜ କରିଛି । ଏସସି, ଏସଟିଙ୍କ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ



ବିରୋଧ କରି ବନ୍ଦ ପାଳନ କରଯାଇଥିଲା । ସଂରକ୍ଷଣକୁ ନେଇ ଆଜି ସମଗ୍ର ଦେଶରେ ୧୪ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ବହୁଜନ ସମାଜ ପାର୍ଟି ନେତ୍ରୀ ମାୟାବତୀ, ଭୀମ ସେନା ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଏବଂ ଆଦିବାସୀ ପାର୍ଟି ନେତା ମୋହନ ଲାଲ ରୋତଙ୍କ ସମେତ କେତେକ ପ୍ରମୁଖ ଦଳିତ ସଂଗଠନ ଏହି ଆହ୍ୱାନକୁ ସମର୍ଥନ କରିଥିଲେ । ଅନେକ କଂଗ୍ରେସ ଏବଂ ଅନ୍ୟ ନେତା ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଆଗେଇ ଆସିଥିଲେ । ବିଭିନ୍ନ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିବାବେଳେ ବିହାରରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଫଳରେ କିଛି ଭିକ୍ଷୋଭକାରୀଙ୍କ ଉପରେ ଲାଠିଚାର୍ଜ କରିଛି ପୁଲିସ। ଅନ୍ୟ କେତେକ ସ୍ଥାନରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଟ୍ରେନ୍ ଓ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା କିନ୍ତୁ ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯାଇ ଥିବାବେଳେ ସ୍କୁଲ୍-କଲେଜ ଖୋଲା ରହିଥିଲ । ନିକଟରେ ଏସସି/ଏସଟି ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ଏକ ରାୟ ଦେଇଥିଲେ। ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଥିଲେ ଯେ, ଏସସି/ଏସଟି ସଂରକ୍ଷଣରୁ 'କ୍ରିମି ଲେୟର' ବା ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦିଆଯିବ। ଏହାକୁ 'ସଂରକ୍ଷଣ ବଚାଓ ସଂଘର୍ଷ ସମିତି' ବିରୋଧ କରି ବନ୍ଦ ଡାକରା ଦିଆଯାଇଥିଲା

## ଭିଜିଲାନ୍ସ ଜାଲରେ କନିଷ୍ଠ ରାଜସ୍ୱ ସହାୟକ

ବୌଦ୍ଧ, ୨୧/୮ (ନି.ପ୍ର): ୨୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକ। ବକେୟା ବିଲ୍ କରାଇଦେବାକୁ କହି ସେ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଟିମ୍ ଏବେ ଔଜଇଙ୍କ ଅଫିସ୍, ସରକାରୀ କ୍ୱାର୍ଟର୍ସ ଓ ପୈତୃକ ଘରେ ଚଢ଼ଉ ଜାରି ରଖିଛି। ୨୦୨୧-୨୨ ମସିହାରେ ବୌଦ୍ଧ ଜିଲ୍ଲା ମ୍ୟୁଜିୟମ୍‌ରେ ଭୁବନେଶ୍ୱରର ଏକ ଠିକା ସଂସ୍ଥା ଆକ୍ୟୁରମ୍ ପ୍ରକଳ୍ପ କରିଥିଲା। ହେଲେ ସେହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ବିଲ୍ ମିଳୁନଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଥିଲେ ଚୌଧୁରୀ ପୁପୁନ କୁମାର ଦାଶ ଏହି ବିଲ୍ ପାଇଁ ଡିଲ୍ କରିଥିଲେ। ୨୫ ହଜାର ଟଙ୍କା ଦେଲେ ଫାଇନାଲ୍ କରି ଦିଆଯିବ ବୋଲି ଶ୍ରୀ ଦାଶ କହିଥିଲେ।

▶▶ପୃଷ୍ଠା ୭

## ଭୟଙ୍କର ବଜ୍ରପାତ: ୮ ଜଣଙ୍କ ଜୀବନ ଚାଲିଗଲା, ୫ ଗୁରୁତର



ଭୁବନେଶ୍ୱର, ୨୧/୮ (ନି.ପ୍ର): ଭଞ୍ଜନଗର ବଡ଼ଗଡ଼ ଥାନା ଗୋକୁଳପୁର, କେନ୍ଦ୍ରାପଡା ସଦର ଥାନା ଆୟବା ଗାଁରେ ବି ଜୀବନ ନେଇଛି ବଜ୍ରପାତ। ତେବେ ସମ୍ବଲପୁର ଶାସନ ଥାନା ଡବଲା ଗାଁରେ ଏବଂ ଭଦ୍ରକ ବାସୁଦେବପୁର ଚୂଡ଼ାମଣି ଗାଁରେ ବଜ୍ରାଘାତରେ ୨ ଗୁରୁତର ହୋଇପଡ଼ିଛନ୍ତି। ପ୍ରାଣ ନେଇଗଲା ଘାତକ ବଜ୍ର। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୮ ଜଣଙ୍କ ଜୀବନ ଯାଇଥିବା ବେଳେ ୫ ଜଣ ଗୁରୁତର ହୋଇପଡ଼ିଛନ୍ତି। ଉଦବେଗର କଥା ହେଉଛି, ବିଲରେ କାମ କରୁଥିବାବେଳେ ଅନେକଙ୍କ ଜୀବନ ଯାଇଛି। ଭଦ୍ରକ ଆଗରପଡ଼ାରେ ବିଲରେ କାମ କଲାବେଳେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବନ୍ତ ବ୍ଲକ୍ ଚାରିଗାଁରେ ଜଣେ, ବାଲେଶ୍ୱର ଖଇରା ଥାନା ପଦୁନା ଗାଁର ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ନୀଳଗିରି ଓଲଡଙ୍ଗ୍ ଅଞ୍ଚଳରେ କାମ କରିବା ବେଳେ ଜଣଙ୍କର ପ୍ରାଣହାନୀ ହୋଇଥିବାବେଳେ ଢେଙ୍କାନାଳ

▶▶ପୃଷ୍ଠା ୭

## ଚିକିଟି ବିଷାକ୍ତ ମଦ ମୃତ୍ୟୁକୁ ନେଇ ହଇଚଇ: ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର, ୨୧/୮ (ନି.ପ୍ର): ଟେନସନ୍ ବଢ଼ାଉଛି ଚିକିଟି ମଦ ଟ୍ରାଜେଡି। ବିଷାକ୍ତ ମଦର ବିଭୀଷିକାରେ ଗଡିଲାଣି ଦୁଇ-ଦୁଇଟି ମୁଣ୍ଡ। ସକାଳେ ସାମ୍ନାକୁ ଆସିଥିଲା ଚିକିଟି ପେଣ୍ଠ ଜେନାପୁରର ଜୁର ବେହେରାଙ୍କ ମୃତ୍ୟୁ ଖବର। ଅପରାହ୍ନରେ ଆସିଲା ସେହି

▶▶ପୃଷ୍ଠା ୭



## ତ୍ରିପୁରାରେ ଭୟଙ୍କର ଭୂସ୍ଖଳନ: ୭ ମୃତ, ୨ ନିଖୋଜ

ନୂଆଦିଲ୍ଲୀ, ୨୧/୮ : ତ୍ରିପୁରାରେ ଭୟଙ୍କର ଭୂସ୍ଖଳନ । ଚାଲିଗଲା ୭ ଜଣଙ୍କ ଜୀବନ ଓ ୨ ଜଣ ନିଖୋଜ ରହିଛନ୍ତି । ଲଗାତାର ବର୍ଷା କାରଣରୁ ରାଜ୍ୟର ପ୍ରାୟ ଅଞ୍ଚଳରେ ଭୂସ୍ଖଳନ ହେବାରେ ଲାଗିଛି । ଦକ୍ଷିଣ ତ୍ରିପୁରାର ଦେବୀପୁର ଜିଲ୍ଲାରେ ସୋମବାର ରାତି ସାରା ବର୍ଷା ଲାଗି ରହିଥିଲା । ଯାହା ଫଳରେ ଭୟଙ୍କର ଭୂସ୍ଖଳନ ହୋଇଛି । ଲଗାଣ ବର୍ଷାରେ ବେହାଲା ତ୍ରିପୁରା । ରାଜ୍ୟରେ ବିଭିନ୍ନ ସ୍ଥାନରେ ସୋମବାର ଠାରୁ ଲଗାତାର ବର୍ଷା ଲାଗି ରହିଛି । ବର୍ଷା ପରେ ଭୂସ୍ଖଳନ ହୋଇଛି । ଏଥିରେ ଗୋଟିଏ ପରିବାରର ୩ ଜଣଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ମାଟି ତଳେ ପୋତି ହୋଇ ଦୁଇ ଜଣ ନିଖୋଜ ଅଛନ୍ତି ।

## ରାଜ୍ୟସଭା ନାମାଙ୍କନରେ ଟ୍ୱିଷ୍ଟ: ବିଜେପିରୁ ମମତା ସ୍ୱାଧୀନ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ

ଭୁବନେଶ୍ୱର, ୨୧/୮ (ନି.ପ୍ର): ମମତା ଭରିଲେ ନାମାଙ୍କନ। ପୁଣିଥରେ ଯିବେ ରାଜ୍ୟସଭା। ଏଥର କିନ୍ତୁ ବିଜେଡି ନୁହଁ, ବିଜେପିରୁ ଯିବେ। ମମତା ମହାନ୍ତ ଆଜି ଦିନ ପ୍ରାୟ ସାଢ଼େ ୧୧ଟା ବେଳେ ବିଧାନସଭାରେ ପହଂଚି ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ନାମାଙ୍କନ ଭରିବା ପରେ ମମତା କହିଛନ୍ତି ଓଡ଼ିଶାବାସୀଙ୍କ ପାଇଁ ସେ ଦିଲ୍ଲୀରେ ସ୍ୱର ଉତ୍ତୋଳନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ବିଜେପି ନେତା ତଥା ୨୦୨୪



ନିର୍ବାଚନରେ ଭୁବନେଶ୍ୱର-ମଧ୍ୟରୁ ବିଜେପି ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ପ୍ରଧାନଙ୍କ ଶେଷ ମୁହୂର୍ତ୍ତରେ ନାମାଙ୍କନ ଦାଖଲକୁ ନେଇ ଚର୍ଚ୍ଚା ବଢ଼ିଛି। ସୂଚନା ଅନୁଯାୟୀ ଯଦି ମମତାଙ୍କ ନାମାଙ୍କନ କାଏମ ରୁହେ, ତେବେ ଜଗନ୍ନାଥ ନିଜ ନାମାଙ୍କନ ପ୍ରତ୍ୟାହାର କରିବେ। ଏଣେ ମମତା ନାମାଙ୍କନ ଦାଖଲ କରିବା ପରେ ଘନେଇଛି ରାଜ୍ୟ ରାଜନୀତି। ବିଜେପି ବିଧାୟକ ଅଶୋକ ମହାନ୍ତି ବିସ୍ଫୋରକ ବୟାନ ଦେଇ କହିଛନ୍ତି ଆଗକୁ ଅନେକ ବିଜେଡି ନେତା ବିଜେପିରେ ସାମିଲ ହେବେ। ନବୀନ ବାବୁଙ୍କ ଏକଛତ୍ରବାଦ ଶାସନରେ ଅତିଷ୍ଠ ହୋଇ ଏବେ ସମସ୍ତେ ବିଜେପି ମୁହାଁ । ସେପଟେ ବିଜେଡି କହିଛି, ବିଜେପି ଅନ୍ୟ ଦଳକୁ ଭାଙ୍ଗିବାକୁ ଉଦ୍ୟମ କରୁଛି। ବିଜେଡି କିନ୍ତୁ ଏକ୍‌ଦମ୍ ମଜଭୁତ୍। କେହି ଜଣେ ବି ନେତା ବିଜେପି ସଂପର୍କରେ ନାହାନ୍ତି ବୋଲି ବିଜେଡି ସ୍ପଷ୍ଟ କରିଛି। ତେବେ ମମତା ବିଜେଡି ଛାଡି ବିଜେପି ଯିବା ଏବଂ ବିଜେପି ପୁଣି ତାଙ୍କୁ ରାଜ୍ୟସଭା ପଠାଇବା ଅନେକ କିଛି ସୂଚାଉଛି। ହୁଏତ ବିଜେପି ସଂକେତ ଦେଉଛି ଯେ, ଯଦି କୌଣସି ଜନପ୍ରତିନିଧି ନିଜ ଦଳ ଛାଡି ବିଜେପିକୁ ଆସନ୍ତି ତେବେ

▶▶ପୃଷ୍ଠା ୭

## ବ୍ରାହ୍ମଣୀରେ ବୁଡ଼ିଗଲେ +୨ ଛାତ୍ର

ଯାଜପୁର, ୨୧/୮ (ନି.ପ୍ର): ଯାଜପୁର ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇ ନିଖୋଜ ହୋଇଯାଇଛନ୍ତି ଜଣେ କଲେଜ ଛାତ୍ର। ନିଖୋଜ ଛାତ୍ର ଜଣଙ୍କ ହେଲେ ସେକ ଜାଲାଲ। ସେ ବ୍ରାହ୍ମବାଦା କଲେଜରେ ଯୁକ୍ତ ୨ ଛାତ୍ର। ଆଜି ସେ ରସୁଲପୁର ବ୍ଲକ ବ୍ରାହ୍ମବରଦା ଥାନା ଚାନ୍ଦପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ନଦୀରେ ଥିବା ବାଲିଖାଦାନ ଗଣ୍ଡରେ ପଡ଼ି ଯାଇଥିଲେ। ଗଣ୍ଡରେ ପାଣି ଅଧିକ ଥିବାରୁ ସେ ବୁଡ଼ି ଯାଇଥିଲେ। ଖବର ପାଇ ଓଡ୍ରାଫ ଟିମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ଏଯାଏ ତାଙ୍କର କୌଣସି ପ୍ରକାରର ପତ୍ତା ମିଳିନାହିଁ। ସେ ଗଣ୍ଡରେ ପଡ଼ି ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିବା କୁହାଯାଉଛି।

## ବେଆଇନ ମଦ କାରବାରରେ ସଂପୃକ୍ତଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ: ଶ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୨୧/୮ (ନି.ପ୍ର): ବେଆଇନ୍ ମଦ କାରବାର ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ମାମଲାରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ। ଏଥିସହିତ ବେଆଇନ୍ ତଥା ଚୋରା ମଦ କାରବାରକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆବଶ୍ୟକୀୟ ସମସ୍ତ



ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗଞ୍ଜାମ ଜିଲ୍ଲା ଚିକିଟିଠାରେ ହୋଇଥିବା ମଦ ଘଟଣା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଓ ଅବକାରୀ କମିଶନର ନରସିଂହ ଭୋଳଙ୍କ ସହ ଆଲୋଚନା କରି ସବିଶେଷ ତଥ୍ୟ ମାଗିଛନ୍ତି। ରାଜ୍ୟରେ ବେଆଇନ ମଦ କାରବାର କେବେ ବି ଗ୍ରହଣୀୟ ନୁହେଁ। ତେଣୁ ଏହି ଘଟଣା ନେଇ ରାଜ୍ୟର ସମସ୍ତ

▶▶ପୃଷ୍ଠା ୭

## କେନାଲ ପାଣିରେ ଫିଙ୍ଗିଦେଲେ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଅରୁଆ ଚାଉଳ

କୋଣାର୍କ, ୨୧/୮ (ନି.ପ୍ର): କେନାଲ ପାଣିରେ ଫିଙ୍ଗିଦେଲେ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଅରୁଆ ଚାଉଳ। ଦିନ ଦ୍ୱି'ପହରରେ ଏପରି ଚିତ୍ର ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ। ତେବେ କାହିଁକି ଏ ଚାଉଳ ଫିଙ୍ଗା ଯାଉଛି, ସେ ସମ୍ପର୍କରେ କାହା ପାଖରେ କିଛି ଉତ୍ତର ନାହିଁ। କିନ୍ତୁ ଚର୍ଚ୍ଚା ହେଉଛି ଫିଙ୍ଗା ଯାଉଥିବା ଚାଉଳ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ଆଦାୟ ହୋଇଥିଲା। ଆଜି ଅପରାହ୍ନରେ ନିମାପଡା-ଗୋପ ବ୍ରାଞ୍ଚ କେନାଲର ବାୟାକୁଦା ବ୍ରିଜ ନିକଟରେ ଗୋଟିଏ ମିନି ଟ୍ରକ୍ ଠିଆ ହେଲା। ତା'ପରେ ୩ରୁ ୪ ଜଣ ଶ୍ରମିକ ଟ୍ରକ୍‌ରୁ ଓହ୍ଲାଇଲେ। ପରେ ଟ୍ରକ୍‌ରୁ ଚାଉଳ ବସ୍ତା ଖୋଲି ସିଧା କେନାଲ୍‌ରେ ଯାଉଥିବା ପାଣିରେ ଭସାଇ ଦେଲେ।

▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୫ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୪

ଅବଗଣନା

୦୩ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱଚରିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୫ ଅଗଷ୍ଟ, ୨୦୨୪, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର


## ବଦଳିଲା ଯୁକ୍ତ ଦୁଇ ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା: ଏଥର ୮୦ ମାର୍କରୁ ୨୪ ରଖିଲେ ପାସ୍

ଭୁବନେଶ୍ୱର, ୨୧/୮ (ନି.ପ୍ର): ବଦଳିଲା ଯୁକ୍ତ ଦୁଇ ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା । ଏଣିକି ପାସ୍ ମାର୍କ ୩୦ ନୁହେଁ ୨୪ । ୨୦୨୫ ବାର୍ଷିକ +୨ ପରୀକ୍ଷା ପାଇଁ ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା ବଦଳାଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା ବଦଳି ଯାଇଛି। ୨୦୨୩ରେ ଯେଉଁ ଛାତ୍ରଛାତ୍ରୀ ନାମ ଲେଖିଛନ୍ତି ଓ ୨୦୨୫ରେ ପରୀକ୍ଷା ଦେବେ ସେମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ। ୮୦ ମାର୍କର ପରୀକ୍ଷା ହେଲେ ମଧ ଛାତ୍ରଛାତ୍ରୀଙ୍କୁ ପୂର୍ବଭଳି ୩ଘଣ୍ଟାର ସମୟ ଦିଆଯିବ ବୋଲି ବୋର୍ଡ ନିଷ୍ପତି ନେଇଛି। ନୂଆ ଢାଞ୍ଚା ଅନୁଯାୟୀ, ଏଣିକି ବାର୍ଷିକ ପରୀକ୍ଷାରେ ୧୦୦ ନୁହେଁ ବରଂ ପରୀକ୍ଷାର୍ଥୀଙ୍କୁ ୮୦ ମାର୍କର ଥିଓରୀ ପରୀକ୍ଷା ଦେବାକୁ ପଡ଼ିବ। ପିଲାଙ୍କୁ ୮୦ ପ୍ଲସ୍ ୨୦

▶▶ପୃଷ୍ଠା ୭

## ୪୫ ବର୍ଷ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ପୋଲାଣ୍ଡରେ ମୋଦୀ

ନୂଆଦିଲ୍ଲୀ, ୨୧/୮ : ପୋଲାଣ୍ଡରେ ପହଁଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।ବିମାନବନ୍ଦରରେ ମୋଦୀଙ୍କ ପୋଲାଣ୍ଡ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ଜଣାଯାଇଛି ।ପରେ ପ୍ରବାସୀ ଭାରତୀୟଙ୍କ ଗହଣରେ ପହଁଚି ସେମାନଙ୍କୁ ଭେଟିବା ସହ ଅଭିବାଦନ ଗ୍ରହଣ କରିଛନ୍ତି । ଗତ ୪୫ ବର୍ଷ ମଧ୍ୟରେ ପୋଲାଣ୍ଡ ଗସ୍ତରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ ଗସ୍ତ। ପୋଲାଣ୍ଡର ୱାର୍ସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି । ଏଠାରେ ସେ ରାଷ୍ଟ୍ରପତି ଆଣ୍ଡ୍ରେଜେ ସେବାଷ୍ଟିଆନ୍ ଡୁଡାଙ୍କୁ ଭେଟିବେ। ଏଥିସହ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ବ୍ୟତୀତ ପିଏମ ମୋଦି ପୋଲାଣ୍ଡରେ ରହୁଥିବା ଭାରତୀୟ ସମ୍ପ୍ରଦାୟର ଲୋକଙ୍କୁ ମଧ ଭେଟିବା କାର୍ଯ୍ୟକ୍ରମ ରହିଛି। ସେପଟେ ପୋଲାଣ୍ଡରେ

▶▶ପୃଷ୍ଠା ୭



## ଆରାଧନା ପକ୍ଷରୁ ଦ୍ୱିତୀୟ ସସ୍ନେହା ସମ୍ମାନ ଉତ୍ସବ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ଆରାଧନା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଡଃ ସ୍ନେହପ୍ରଭା ସାମନ୍ତରାୟଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଦ୍ୱିତୀୟ ସସ୍ନେହା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆରାଧନାର ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ୟୁଏସ୍ଏମ୍ ପ୍ରିନ୍ସିପାଲ ଗୁରୁ ବିଜୟ ଜେନା, ସରପଂଚ କାମଦେବ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ ଏବଂ ଗୁରୁ ଡଃ ସ୍ନେହପ୍ରଭା ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୟୂରଭଞ୍ଜ ଛଉନୃତ୍ୟ ପାଇଁ ଗୁରୁ ଶ୍ରୀମତୀ ଶୁଭଶ୍ରୀ ମୁଖାର୍ଜୀଙ୍କୁ ସସ୍ନେହା ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଦ୍ୱାରା ତାଳବାଦ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ରାଜକୁମାର କର, ଟି. ତୁଳିକା ରେଡ୍ଡି, ଗୁରୁ ନାରାୟଣ ପାଣ୍ଡେ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସ୍ମୃତିମୟୀ, ସୌମିର୍ଲି ଦେ, ମଧୁସ୍ମିତା ପ୍ରଧାନ, କରୁଣାକର ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ଡଃ ସ୍ନେହପ୍ରଭା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡଃ ଶ୍ରୀନିବବାସ ଘଟୁଆରୀ ପରିଚାଳନା କରିଥିଲେ।

## ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଜୟପୁର,୨୧/୦୮ (ନି.ପ୍ର): ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି । ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ୮୦ ତମ ଜୟନ୍ତୀ ସଦଭବନ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ନାୟକ, କୃଷ୍ଣ ନେପାକ, ହସନ ମଦାନି ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନ୍ଦରଗଡ଼ ଜିଲ୍ଲାରେ ଭାରତ ବନ୍ଦର ମହାପ୍ରଭାବ: ଗଡୁନି ଅଖଚକ, ସବୁଠି ତାଲା




ସୁନ୍ଦରଗଡ଼,୨୧/୦୮ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତିଙ୍କୁ ମିଳୁଥିବା ସଂରକ୍ଷଣରୁ ଲହୁଣି ପରସ୍ତ (କ୍ରିମି ଲେୟାର )ଙ୍କୁ ବାଦ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟର ପ୍ରତିବାଦ କରିଛି ଆଦିବାସୀ ଓ ଦଳିତ ମଞ୍ଚ ସମୂହ।
ପ୍ରତିବାଦରେ ସର୍ବ ଭାରତୀୟ ସ୍ତରରେ ଦିଆଯାଇଥିବା ବନ୍ଦ ଡାକରାକ୍ରମେ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ବନ୍ଦର ମହାପ୍ରଭାବ ଦେଖିବାକୁ ମିଳିଛି। ସକାଳୁ ସକାଳୁ ସୁନ୍ଦରଗଡ଼ ଅନୁସୂଚିତ ଜାତି, ଜନଜାତି ମିଳିତ ମଞ୍ଚର କର୍ମକର୍ତ୍ତା ଓ ଶତାଧିକ ସଦସ୍ୟ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଜିଲ୍ଲା ସଦର ମହକୁମା ସମେତ ସମଗ୍ର ଜିଲ୍ଲାରେ ବସ୍, ଟ୍ରକ ଆଦି ସମସ୍ତ ପ୍ରକାର ଯାନବାହନ ସେବା ବନ୍ଦ ରହିଥିବାବେଳେ ସ୍କୁଲ କଲେଜ, ବ୍ୟାବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ତାଲା ପଡ଼ିଛି। କେବଳ ଅତ୍ୟାବଶ୍ୟକ ଜରୁରୀ ସେବାକୁ ବାଦ ଦେଲେ ସବୁ କିଛି ବନ୍ଦ ରହିଛି । ସକାଳ ୯ଟାରେ ଡିଆରଡିଏ ଛକରୁ ମିଳିତ ମଞ୍ଚ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ସର୍ବୋଚ୍ଚ ନ୍ୟାୟାଳୟ ରାୟର ପୁନର୍ବିଚାର କରିବାକୁ ଦାବି କରିଛି।

## ଗତିପଥ ବଦଳାଉଛି ସମାକୋଇ: ଗାଁ ଛାଡୁଛନ୍ତି ବାସିନ୍ଦା, ବିପଦରେ ୧୨ ଗାଁ

ତେଲକୋଇ,୨୧/୦୮ (ନି.ପ୍ର): ସମାକୋଇ ନଦୀରୁ ବେଧଡ଼କ ଚାଲିଛି ବାଲି ଉତ୍ତୋଳନ। ବେଆଇନ ଭାବେ ନଦୀପଠାରେ ଇଟାଭାଟି କରାଯାଇଛି। ଇଟା ତିଆରି ପାଇଁ ମାଟି ଖୋଳା ହେଉଛି। ଫଳରେ ସମାକୋଇ କୂଳ ଖାଇବା ସହ ତା'ର ଗତିପଥ ବଦଳାଉଛି। ଏହି କାରଣରୁ ୧୨ଟି ଗାଁ ବିପଦରେ। ନଦୀଗର୍ଭରେ ୩୦୦ ମିଟର ଲୀନ ହେବା ସହିତ ୧୫ ଏକର ଚାଷଜମି, ଜଙ୍ଗଲ, ଜନବସତି ନଦୀଗର୍ଭକୁ ଚାଲିଗଲାଣି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ?ର ୯ଟି ଓ ଅନୁଗୁଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳର ତିନିଟି ଗାଁ ପ୍ରତି ଏହା ବିପଦ ସୃଷ୍ଟି କରୁଛି। ବର୍ଷାଦିନେ ସମାକୋଇ ଭୟଙ୍କର ରୂପ ଧାରଣ କରୁଛି। ତେଲକୋଇ ବ୍ଲକର ଜୀବନରେଖା ସମାକୋଇ। ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ହୁଣ୍ଡା ଅଞ୍ଚଳରୁ ଏହି ନଦୀ ବାହାରି ତେଲକୋଇ ବ୍ଲକର ତାଳପଦା, ବଡ଼ଖମଣ, ପଙ୍ଗା, ଶିମିଳିପାଳ, ଶିବନାରାୟଣପୁର, ଗୋଡ଼ା, ବେତଖୋଲି, କୁମୁଣ୍ଡୁ, ବାଙ୍ଗୁରପାଳ, ଭାଲିଆଡାଳ, କମଳାଙ୍ଗ, ତେଲକୋଇ, ରାମଚନ୍ଦ୍ରପୁର, ଦନ୍ଦୁଆମୁଣ୍ଡା, ଦେଉଳଡିହା, ନୂଆଗଡ଼, ଘୁଣ୍ଟୁପଶି, ଦେଉଳଡିହା, ଜେନାଦର, ସନ୍ତେଇଭଞ୍ଜା, ଦୋବଲାପାଳ, କରଦାଙ୍ଗି, ରଗଡ଼ା, ସାପଲାଞ୍ଜି, ଚକଦର ଓ ସରେଇ ଗ୍ରାମ ଦେଇ ପ୍ରବାହିତ ହୋଇଛି। ଅନୁଗୁଳ ଜିଲ୍ଲାର ଗହମ ନିକଟରେ ସମାକୋଇ ବ୍ରାହ୍ମଣୀ ନଦୀରେ ମିଶିଛି। ସମାକୋଇ ନଦୀର ଲିଜ୍ ଅଞ୍ଚଳ ସମେତ ବାହାରୁ ଜେସିବି ମେସିନ ଲଗାଇ ବେଧଡ଼କ ବାଲି ଉତ୍ତୋଳନ କରାଯାଉଛି। ବାଲି ଉତ୍ତୋଳନ ଓ ମାଟି ଖନନ ଯୋଗୁଁ ସମାକୋଇ ତା'ର ଗତିପଥ ବଦଳାଉଛି। ତେଲକୋଇ ଥାନାସାହି ନିକଟ ଘରମାରେ ପୂର୍ବରୁ ଜନବସତି ଥିଲା। ନଦୀ କୂଳ ଖାଉଥିବାରୁ ଏଠାକାର ଲୋକେ ଭୟଭୀତ ହୋଇ ଅନ୍ୟତ୍ର ଚାଲି ଯାଇଛନ୍ତି। ଗତବର୍ଷ ସମାକୋଇର ପ୍ରଖର ସ୍ରୋତରେ ଘରମା ନିକଟରେ ୧୫୦ ମିଟରର ନାଳ ସୃଷ୍ଟି ହୋଇଛି। ସେହିପରି ତଳମୁଣ୍ଡ କୁହାଯାଉଥିବା କରଦାଙ୍ଗି ଗ୍ରାମର ଦୋମୁହାଁଣି ଡଙ୍ଗାଘାଟ ନିକଟରେ ନଦୀ ଗତିପଥ ବଦଳାଉଛି। ସମାକୋଇ ନଦୀ ଓ ଏହାର ଉପନାଳ ଘୁରୁଡ଼ିଆର ମୁହାଣ ନିକଟ ବାମପାର୍ଶ୍ୱ କରଦାଙ୍ଗି ଗ୍ରାମର ଖଳିଡିପ ଅଞ୍ଚଳକୁ ନଦୀ ପ୍ରବାହିତ ହେଉଛି। ବର୍ଷାଦିନେ କରଦାଙ୍ଗି-ସରେଇ ପ୍ରଧାନମନ୍ତ୍ରୀ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଉଛି। ତେଲକୋଇ ଅଞ୍ଚଳର ୯ଟି ଗାଁ କରଦାଙ୍ଗି, ସାପଲାଞ୍ଜି, ସନ୍ତେଇଭଞ୍ଜା, ରଗଡ଼ା, ଜେନାଦର, ଦୋବଲାପାଳ, ଘୁଣ୍ଟୁପଶି, ନୂଆଗଡ଼, ତେଲକୋଇ ତଳସାହି ଓ ଅନୁଗୁଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳର ରାଇପାଳ, ବନମୁହାଣ, ଝରାଳହ ଆଦି ଗାଁ ପ୍ରତି ସମାକୋଇ ବିପଦ ସୃଷ୍ଟି କରିଛି। ପ୍ରସ୍ତାବିତ ସମାକୋଇ-ଚକଦର ପ୍ରକଳ୍ପ ନିର୍ମାଣ ହେଲେ ଏସବୁ ଗ୍ରାମ ଗୁଡ଼ିକ ଆହୁରି ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। କରଦାଙ୍ଗି ଓ ସାପଲାଞ୍ଜି ଗ୍ରାମର ୧୬୦ ହେକ୍ଟର ଚାଷଜମି, ୧୭୦ ହେକ୍ଟର ପତିତଜମି ଓ ୮୬ ହେକ୍ଟର ଜଙ୍ଗଲ ଜମି ମୋଟ ୪୧୬ ହେକ୍ଟର ଜମି ନଦୀଗର୍ଭରେ ଲୀନ ହୋଇଯିବ।

## କାଜୁ ଚୋରି ମାମଲାରେ ଜଣେ ଗିରଫ


ଜୟପୁର,୨୧/୦୮ (ନି.ପ୍ର): କାଜୁ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଦିଶାରିଗୁଡା ଅନନ୍ତ ବିଷୋୟୀ (୩୦) । ପୋଲିସ ସୂଚନା ଅନୁଯାୟୀ, ୩୦.୫.୨୪ ଅନ୍ତା ଗ୍ରାମର ୫୦ କେ.ଜି. ଓଜନର ୧୧ ପ୍ୟାକେଟ କାଜୁ ଚୋରି ହୋଇଯାଇଥିଲା । ଏନେଇ ଜୟପୁର ସହର ଦାଶରି ସାହିର କେ. ଶିବ ପ୍ରସାଦ ଅଭିଯୋଗ କରିଥିଲେ । ତାଙ୍କର ଏକ କାଜୁ ମିଲ ଅନ୍ତାରେ ଅଛି । ୫୦ କେ.ଜି. ଓଜନର ୧୧ଟି କାଜୁ ପ୍ୟାକେଟ, କାଜୁ, ମୋଟର ପମ୍ପ ଚୋରି ହୋଇଛି । ଚୋରି ହୋଇଥିବା ଜାଣି ସେ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ଆଗରୁ ୪ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ଅନ୍ୟ ଏକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ଏପଟେ ବୃକ୍ଷରୋପଣ, ସେପଟେ ପ୍ରଦୂଷଣ

ବଲାଙ୍ଗୀର,୨୧/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପାଇଁ ବୃକ୍ଷରୋପଣ ଅଭିଯାନ ଅପରିହାର୍ଯ୍ୟ ହୋଇପଡ଼ିଛି। ଜିଲ୍ଲାରେ ଯେଉଁ ହିସାବରେ ପାଣିପାଗ ଗଡ଼ବଡ଼ ହେଉଛି, ତାହା ପରିବେଶବିତ୍ ?ଙ୍କୁ ବିଚଳିତ କରିଛି। ଜିଲ୍ଲାର ବାର୍ଷିକ ବୃଷ୍ଟିପାତ ହାର ୧୨୧୫.୬ ମିମି ରହିବା କଥା। କିନ୍ତୁ ଗୋଟିଏ ଦଶନ୍ଧିର ପରିସଂଖ୍ୟାନ ଅନୁସାରେ ଏହି ହାର ୧୧ଶହ ମିମି ତଳକୁ ଖସି ଆସିଛି। ସେହିପରି ଗତ ତିନି ଦଶନ୍ଧି ହେଲା ଜିଲ୍ଲାର ତାପମାତ୍ରା ଆଶ୍ଚର୍ଯ୍ୟଜନକ ଭାବେ ୮ ଡିଗ୍ରି ବୃଦ୍ଧି ପାଇଛି । ଶ୍ରାବଣରେ ପାଣି ବଦଳରେ ଅଗ୍ନିବର୍ଷା ହେଉଛି। ଏସବୁ ସମସ୍ୟା ଲୋକଙ୍କୁ ସଚେତନ ହେବାକୁ ବାଧ କରିଛି। ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଜିଲ୍ଲାରେ ବନୀକରଣ ଅଭିଯାନ ଆଗେଇ ଚାଲିଛି। କିନ୍ତୁ ବର୍ଦ୍ଧିତ ପ୍ରଦୂଷଣ କାରଣରୁ ଏହି ଅଭିଯାନ ପାଣିଚିଆ ହେବା ଭଳି ମନେ ହେଉଛି। ବଲାଙ୍ଗୀର ସହର କଥା ଉଦାହରଣ ଭାବେ ନିଆଯାଇପାରେ। ସହରରେ ଜୁଲାଇ ମାସରେ କ୍ରମାଗତ ଭାବେ ତାପମାତ୍ରା ୪୫ ଡିଗ୍ରି ଉପରେ ରହୁଛି। ତେଣୁ ସହର ଆଖପାଖରେ ବ୍ୟାପକ ବୃକ୍ଷରୋପଣ ଚାଲିଛି। କିନ୍ତୁ ଯେଉଁଠି ବୃକ୍ଷରୋପଣ କରାଯାଉଛି, ସେଠାରେ ପରିବେଶକୁ ସୁହାଉନଥିବା କଠିନ ବର୍ଜ୍ୟବସ୍ତୁ ପକାଇ ଦିଆଯାଉଛି। ବଲାଙ୍ଗୀର-ସମ୍ବଲପୁର ରାଜପଥ କଡ଼େ ବନ ବିଭାଗ ଓ ବିଭିନ୍ନ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ ହୋଇଛି। କିନ୍ତୁ ଚାରା କଡ଼ରେ ପଲିଥିନ୍ ଓ ଅନ୍ୟ ବର୍ଜ୍ୟ ପକାଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ, ରାଜପଥ କଡ଼ ଡମ୍ପିଂୟାର୍ଡ ପାଲଟିଛି। ବର୍ଜ୍ୟବସ୍ତୁ ଗଚ୍ଛିତ ରହୁଥିବାରୁ ଅଧିକାଂଶ ସ୍ଥାନରେ ଚାରା ମରିବାକୁ ଲାଗିଛି। ବଲାଙ୍ଗୀରରୁ ଟିଟିଲାଗଡ଼କୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ସଂରକ୍ଷିତ ଜଙ୍ଗଲ ରହିଛି। ଯାହା ଇକୋ ସେନ୍ସିଟିଭ୍ ଜୋନ୍ ମଧ୍ୟରେ ଯାଉଛି। କିନ୍ତୁ ଏହି ରାସ୍ତା କଡ଼ ଜଙ୍ଗଲରେ ଦୈନିକ ଶହ ଶହ ଟନ୍ ବର୍ଜ୍ୟବସ୍ତୁ ପଡୁଛି। ବଲାଙ୍ଗୀର ସହରରେ ଦିନକୁ ଦିନ ପଲିଥିନ୍ ତଥା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମାତ୍ରା ବଢ଼ିବାରେ ଲାଗିଛି।

## ଅଣାୟତ୍ତ ହେଉଛି ଡେଙ୍ଗୁ: ଆକ୍ରାନ୍ତ ସଂଖ୍ୟା ୭୦୦ ଟପିଲା

ରାଉରକେଲା: ଜିଲ୍ଲାରେ କୋକୁଆ ଭୟ ଖେଳାଇଲାଣି ଡେଙ୍ଗୁ। ବିଶେଷକରି ରାଉରକେଲାରେ ଡେଙ୍ଗୁ ଅଣାୟତ୍ତ ହେବାରେ ଲାଗିଛି। ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଅଞ୍ଚଳ ଅପେକ୍ଷା ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଅନ୍ତର୍ଗତ ସେକ୍ଟର ଅଞ୍ଚଳରେ ଏହି ସ୍ଥିତି ଉଦ୍‌ବେଗଜନକ। ଜିଲ୍ଲାର ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୭୪.୪୭% ହେଉଛନ୍ତି କେବଳ ଆରଏସ୍‌ପି ସହରାଞ୍ଚଳ ବାସିନ୍ଦା। ଏତଦ୍‌ବ୍ୟତୀତ, ରାଉରକେଲା ସହରର ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୯୦.୬୩% ରୋଗୀ ହେଉଛନ୍ତି ଆରଏସ୍‌ପି ଅନ୍ତର୍ଗତ ବିଭିନ୍ନ ସେକ୍ଟର ଅଞ୍ଚଳ ବାସିନ୍ଦା। ଇତିମଧ୍ୟରେ ଜଗଦା ଅଞ୍ଚଳର ଜଣେ ବୃଦ୍ଧ (୭୩)ଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଛି। ବୃଦ୍ଧ ଜଣକ ଡେଙ୍ଗୁରେ ଆକ୍ରାନ୍ତ ହେଲାପରେ ଇସ୍ପାତ ଜେନେରାଲ ହସପିଟାଲରେ ଚିକିତ୍ସାଧୀନ ଥିଲେ। ଏନେଇ ଆନୁଷ୍ଠାନିକଭାବେ ଆଇଜିଏଚ୍ କର୍ତ୍ତୃପକ୍ଷଙ୍କଠାରୁ ସୂଚନା



ମିଳିପାରିନାହିଁ। ପୂର୍ବବର୍ଷ ଭୁଲ୍‌କୁ ସୁଧାରିବାରେ ଆରଏସ୍‌ପି ବିଫଳ ହୋଇଥିବାରୁ ଡେଙ୍ଗୁ ଏବେ ଅଣାୟତ୍ତ ହେଉଥିବା ଆଲୋଚନା ହେଉଛି । ମିଳିଥିବା ସୂଚନାନୁସାରେ, ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୭୧୭ରେ ପହଞ୍ଚିଲାଣି। ଏଥିମଧ୍ୟରୁ ୫୮୪ ଜଣ ରାଉରକେଲା (ଉଭୟ ଆରଏମ୍‌ସି ଓ ଆରଏସ୍‌ପି)ର ହୋଇଥିବା ବେଳେ ଅବଶିଷ୍ଟ ୧୩୩ ଜଣ ହେଉଛନ୍ତି ଜିଲ୍ଲାର ଅବଶିଷ୍ଟ ଅଞ୍ଚଳର। ରାଉରକେଲାର ମୋଟ୍ ୫୮୪ ଜଣଙ୍କ ମଧ୍ୟରୁ ସର୍ବାଧିକ ୫୩୪ ଜଣ କେବଳ ଆରଏସ୍‌ପିର ବିଭିନ୍ନ ସେକ୍ଟର ଅଞ୍ଚଳର ହୋଇଥିବାବେଳେ ଅବଶିଷ୍ଟ ୫୦ ଜଣ ଆରଏସ୍‌ପି ଅଞ୍ଚଳର। ବିଭିନ୍ନ ସେକ୍ଟର ଅଞ୍ଚଳ ଏବେ ହଟସ୍ପଟ୍‌ରେ ପରିଣତ ହୋଇଛି। ସେକ୍ଟର-୧, ସେକ୍ଟର-୧୪, ସେକ୍ଟର-୧୫, ସେକ୍ଟର-୧୬, ସେକ୍ଟର-୧୯, ସେକ୍ଟର-୨୧ ଅଞ୍ଚଳରୁ ମାତ୍ରାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ରେଲୱେ କଲୋନି, ଛେଣ୍ଡ୍, ଗୋପବନ୍ଧୁପାଲି, ଜଳଦା, ଝିରପାଣି ଆଦି ଅଞ୍ଚଳରୁ ମଧ୍ୟ ଚିହ୍ନଟ ହୋଇଛନ୍ତି। କେବଳ ଗତ ମାସକରେ ଆକ୍ରାନ୍ତଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଛି। ଗତ ଜୁଲାଇ ମାସରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୦ ଭିତରେ ରହିଥିଲା। କିନ୍ତୁ ଅଗଷ୍ଟ ଆରମ୍ଭରୁ ଏଥିରେ ଆଶାତୀତ ବୃଦ୍ଧି ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ମାସରେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ରେ ମୋଟ୍ ୪୪୨ଟି ନମୁନା ପରୀକ୍ଷା କରାଯାଇଥିବା ବେଳେ ୭୦ ଜଣ ଡେଙ୍ଗୁ ଆକ୍ରାନ୍ତଥିବା ଜଣାପଡ଼ିଥିଲା। ତେବେ ଅଗଷ୍ଟ ପହିଲାରୁ ୧୯ ତାରିଖ ପର୍ଯ୍ୟନ୍ତ କରାଯାଇଥିବା ପରୀକ୍ଷାରେ ଆକ୍ରାନ୍ତ ସଂଖ୍ୟା ଅଧିକ ରହିଛି। ଗତ ୧୯ ଦିନ ଭିତରେ ଆରଜିଏଚ୍‌ରେ ମୋଟ୍ ୧୦୦୭ଟି ନମୁନା ପରୀକ୍ଷା କରାଯାଇଥିଲା। ଏଥି ମଧ୍ୟରୁ ୧୮୧ ଜଣ ଡେଙ୍ଗୁ ଆକ୍ରାନ୍ତଥିବା ଜଣାପଡ଼ିଛି। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ଆରଏସ୍‌ପି ପକ୍ଷରୁ ନିୟମିତଭାବେ ପ୍ରେସ୍ ବାର୍ତ୍ତାରେ କହାଯାଉଛି। କିନ୍ତୁ ଏସବୁ କେବଳ କାଗଜକଲମରେ ସୀମିତ ରହୁଥିବାରୁ ଆକ୍ରାନ୍ତ ସଂଖ୍ୟା ବଢୁଛି ସିନା କମିବାର ନାଁ ନେଉନି ବୋଲି ସାଧାରଣରେ ଆଲୋଚନା ହେଉଛି।

## ସରୋଜିନୀ ପରିଡ଼ାଙ୍କ ଶ୍ରାଦ୍ଧୋତ୍ସବ


କେନ୍ଦ୍ରାପଡ଼ା,୨୧/୦୮ (ନି.ପ୍ର): ପବିତ୍ର ଗହ୍ମା ପୂର୍ଣ୍ଣିମାରେ ବାରୁଅସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତ ମୁଖ୍ୟ ଅତିଥି, ନିରଞ୍ଜନ ପରିଡା ମୁଖ୍ୟବକ୍ତା ଏବଂ କବି ଗଗନ ବିହାରୀ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଗହ୍ମାପୂର୍ଣ୍ଣିମା ଏବଂ ରକ୍ଷାବନ୍ଧନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିବା ସହିତ ମହିୟସୀ ମହିଳା ସରୋଜିନୀଙ୍କ ବନ୍ଧୁ ବତ୍ସଳତା ଏବଂ ଆତିଥ୍ୟ ପରାୟଣତା ସଂପର୍କରେ ଆଲୋଚନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, କେନ୍ଦ୍ର ନିର୍ଦ୍ଦେଶକ ଇଂ. ବିଶ୍ୱଜିତ ପରିଡା ଏବଂ କାର୍ଯ୍ୟକ୍ରମ ନିଷ୍ପାଦିକା ସୁଶ୍ରୀ ସଂଗୀତା ଜେନା ସ୍ତୁତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ରେଳ ଲାଇନ ପ୍ରକଳ୍ପରେ ୨ କିମି ଦୈର୍ଘ୍ୟ ଟନେଲ କାର୍ଯ୍ୟ ଶେଷ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପରେ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତାରେ ପୂର୍ବତଟ ରେଳପଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ପୁରୁଣାକଟକ ଓ ଚାରିଛକ ମଧ୍ୟରେ ୧,୯୭୫ ମିଟର ଲମ୍ବ ଟନେଲ୍ (ଟନେଲ୍ ନମ୍ବର ୦୭) ର ନିର୍ମାଣ କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରିଛି । ଏହି ଅଂଚଳରେ ରେଳ ସଂଯୋଗର ସମ୍ପ୍ରସାରଣ ଏବଂ ଉନ୍ନତି ପାଇଁ ଚାଲୁରହିଥିବା ପ୍ରୟାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇଛି । ଓଡ଼ିଶାରେ ପ୍ରମୁଖ ଭିତିଭୂମି ପ୍ରକଳ୍ପର ଠିକ ସମୟରେ ସମାପ୍ତ କରିବାକୁ ରେଳ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଆସୁଅଛି ଯାହାଦ୍ୱାରା ରାଜ୍ୟର ବିକାଶକୁ ପ୍ରାଥମିକତା ଭିତିରେ ତ୍ୱରାନ୍ୱିତ କରାଯାଉଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ହେଉଛି ଏହିପରି ଏକ ପ୍ରକଳ୍ପ ଯାହା ସଂଯୋଗକୁ ବୃଦ୍ଧି କରିବା ଏବଂ ଏହି ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ବିଭିନ୍ନ ରେଳ ପ୍ରକଳ୍ପର ଅଗ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଭିତିଭୂମି ନିର୍ମାଣ କ୍ଷେତ୍ରରେ ବିଭିନ୍ନ ସଂସ୍ଥା ଓ କାର୍ଯ୍ୟାଳୟ ଗୁଡିକ ସହିତ ସମନ୍ୱୟ ରଖି ବାଧା ଉପୁଜୁଥିବା ବିଷୟବସ୍ତୁକୁ ସମାଧାନ କରାଇ ପ୍ରକଳ୍ପ କାର୍ଯ୍ୟକୁ ସମାପ୍ତ କରିବାକୁ ସେ ଅଧିକାରୀ ମାନଙ୍କୁ ଉପଦେଶ ଦେଇଛନ୍ତି ।୧,୯୭୫ ମିଟର ଟନେଲର ସଫଳତା ପୂର୍ବତଟ ରେଳପଥ ନିର୍ମାଣ ସଂସ୍ଥାର କୁଶଳୀ ଇଞ୍ଜିନିୟରିଂ ଦଳ ଦ୍ୱାରା ବୌଦ୍ଧ ଜିଲ୍ଲାରେ ଅନ୍ତିମ ବିସ୍ଫୋରଣ କରାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ମାଇଲଖୁଣ୍ଟ ସମ୍ପୃକ୍ତ ଦଳର ଉତ୍ସର୍ଗୀକୃତ ଏବଂ ବୈଷୟିକ ଜ୍ଞାନର ଏକ ପ୍ରମାଣ ଅଟେ । ଖୋର୍ଦ୍ଧା ରୋଡ-ବାଲାଙ୍ଗୀର ପ୍ରକଳ୍ପ ପାଇଁ ଯୋଜନା ହୋଇଥିବା ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୮୩ କିଲୋମିଟର ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରର ଉଭୟ ପାର୍ଶ୍ୱରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ଝାରମୁଣ୍ଡା ପର୍ଯ୍ୟନ୍ତ ୭୭ କିଲୋମିଟର କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଏହା ସହିତ, ଝରମୁଣ୍ଡା ଠାରୁ ବୌଦ୍ଧ ପର୍ଯ୍ୟନ୍ତ ୧୬.୨୭ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ପାଖାପାଖି ୨୭ କିଲୋମିଟର ଦୈର୍ଘ୍ୟ ରେଳପଥ କାର୍ଯ୍ୟ ବୌଦ୍ଧ ଠାରୁ ପୁରୁଣାକଟକ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆସନ୍ତା କିଛି ମାସ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି। ଏହିପରି ବୃହତ ରେଳ ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବା ବିଭିନ୍ନ ସମୟରେ ଜଡିତ, ଯଥା ସମୟରେ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁର, ଉପଯୋଗୀତା ସ୍ଥାନାନ୍ତର, ଆଇନଗତ ମଞ୍ଜୁରୀ ପାଇବା ଏବଂ ଏହି ଅଂଚଳର ଭୌଗୋଳିକ ଏବଂ ଟପୋଗ୍ରାଫିକ୍ ସହିତ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି। ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବା ପରେ ଭୁବନେଶ୍ୱର ଏବଂ ବଲାଙ୍ଗୀରର ଦୂରତାକୁ ଯଥେଷ୍ଟ ହ୍ରାସ କରିବ। ଅଧିକନ୍ତୁ, ଏହି ପ୍ରକଳ୍ପ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଏକ ପ୍ରମୁଖ ଅନୁକ୍ରମଣିକା ବା ବୃହତ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି ।

## ନିୟମଗିରିରେ ନିୟମ ଉଲ୍ଲଂଘନ: ଲୋପ ପାଇଲାଣି ଔଷଧୀୟ ବୃକ୍ଷଲତା

ରାୟଗଡ଼ା,୨୧/୦୮ (ନି.ପ୍ର): ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ନିୟମଗିରି ପାହାଡ଼ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ଯୋଡ଼ି ରଖିଛି। ସମୁଦ୍ର ପତ୍ତନ ଠାରୁ ୪୯୭୦ ଫୁଟ୍ ଉଚ୍ଚତାରେ ୨୫୦ ବର୍ଗକିମି ଅଞ୍ଚଳକୁ ମାଡ଼ିଛି ଏହି ପାହାଡ଼। ଏଠାକୁ ପକ୍କା ରାସ୍ତା ନିର୍ମାଣ ପରେ ଡଙ୍ଗରିଆ କନ୍ଧଙ୍କ ବାସସ୍ଥଳ ଏବେ ବିପଦରେ। ଦୁଇ ଦଶନ୍ଧି ଧରି ଜଙ୍ଗଲ କଟା ଓ ପୋଡୁଚାଷ ଯୋଗୁଁ ଏଠାକାର ପରିବେଶ ସଂପୂର୍ଣ୍ଣ ବଦଳି ଯାଇଛି। ଯାହାକି ନିୟମଗିରିର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଛି। ବନ୍ୟଜନ୍ତୁଙ୍କ ସହ ଔଷଧୀୟ ବୃକ୍ଷଲତା ଲୋପ ପାଇବାରେ ଲାଗିଛି। ନିୟମ ରାଜାର ନିୟମ ଅନୁଯାୟୀ ଏଠାକାର ଡଙ୍ଗରିଆକନ୍ଧ ଯୁଗଯୁଗ ଧରି କରି ଏହି ପ୍ରାକୃତିକ ପ୍ରାଚୁର୍ଯ୍ୟକୁ ସୁରକ୍ଷା ଦେଇ ଆସୁଥିଲେ। ୯୦ଦଶକରେ ନକ୍ସଲଙ୍କ ଗତିବିଧି ଯୋଗୁଁ ଏହି ଅଞ୍ଚଳକୁ ଯିବାକୁ ଲୋକେ ଅସୁରକ୍ଷିତ ମନେ କରୁଥିଲେ। ରାସ୍ତା ନଥିବାରୁ



ବି ଅନେକ ସମୟରେ ବାହାର ଲୋକଙ୍କ ପାଦ ପଡୁନଥିଲା। ହେଲେ ବିକାଶର ରାସ୍ତା ପାଇଁ ଏହି ଅଞ୍ଚଳକୁ ରାସ୍ତା ନିର୍ମାଣ ପରେ ସବୁକିଛି ବଦଳି ଯାଇଛି। ନିୟମ ରାଜାର ଦ୍ୱାହି ଦେଇ ଜଙ୍ଗଲକୁ ସୁରକ୍ଷା ଦେଉଥିବା ଡଙ୍ଗରିଆ କନ୍ଧମାନେ ଏବେ ମୂଲ୍ୟବାନ ଗଛ କାଟି ବିକ୍ରି କରି ଦେଉଛନ୍ତି। ପାରମ୍ପରିକ ଚାଷ ଛାଡ଼ି ଡଙ୍ଗରିଆମାନେ କପା ଚାଷ ମଧ୍ୟ ଆରମ୍ଭ କରିଛନ୍ତି। ଜୈବିକ ସାର ବଦଳରେ ରାସାୟନିକ ସାର ବ୍ୟବହାର ଯୋଗୁଁ ମାଟି ଉର୍ବରତା ହରାଉଛି। ଯାହାଫଳରେ ୩୦୦ ଭିନ୍ନ ଭିନ୍ନ କିସମ ଔଷଧୀୟ ବୃକ୍ଷ ମଧ୍ୟରୁ ଅଧିକାଂଶ ବିଲୁପ୍ତ ହୋଇସାରିଲାଣି। ରାଜ୍ୟ ବାହାର ଦଲାଲ ଗଛକୁ ମୂଳରୁ ଓପାଡ଼ି ନେଇଯାଉଛନ୍ତି। ସେହିପରି ନିୟମଗିରି ପାହାଡ଼ରେ ଥିବା ବହୁ ଚିରସ୍ରୋତା ଝରଣା ମରିଗଲାଣି। ବର୍ଷାଜଳ ଧାରଣ ଶକ୍ତି କମିଯିବା ସହ ଏଠାରୁ ଉତ୍ପତ୍ତି ହୋଇଥିବା ନାଗାବଳୀ ଏବଂ ବଂଶଧାରା ନଦୀ ମଧ୍ୟ ଶୁଷ୍କ ହେବାରେ ଲାଗିଛି। ଏପରିକି ବର୍ଷା ଦିନେ ଯେଉଁ ପରିମାଣରେ ଜଳ ଉଭୟ ନଦୀରେ ରହିବା କଥା ତାହା କିଛି ବର୍ଷ ହେଲା ରହୁନଥିବା ଦେଖିବାକୁ ମଳିଛି। ନିୟମଗିରିର ଅକଳନୀୟ କ୍ଷତି ହୋଇସାରିଥିବା ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ. ଗୌରାଙ୍ଗ ଚରଣ ରାଉତ ପ୍ରକାଶ କରିଛନ୍ତି । ପାହାଡ଼ରେ ଗମନାଗମନ ପାଇଁ ସରକାର ଚଉଡ଼ା ରାସ୍ତା ତିଆରି କରୁଥିବା କାରଣରୁ ପ୍ରାକୃତିକ ସଂପଦ ନଷ୍ଟ ହେବାକୁ ବସିଲାଣି। ଜଙ୍ଗଲ କ୍ଷୟ କାରଣରୁ ବାଘ, ଭାଲୁ ଓ ଅନ୍ୟାନ୍ୟ ପଶୁପକ୍ଷୀ ଲୋପ ପାଇଲେଣି। ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା, ବିଷମକଟକ, କଲ୍ୟାଣସିଂହପୁର ଓ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ୧୦ଟି ପଞ୍ଚାୟତର ପ୍ରାୟ ୧୧୫ ଗାଁର ୧୦ହଜାରରୁ ଊର୍ଦ୍ଧ୍ୱ ଡଙ୍ଗରିଆକନ୍ଧ, କୁଟିଆ ଓ ଝରଣିଆକନ୍ଧ ନିୟମଗିରିରେ ବସବାସ କରୁଛନ୍ତି। ନିୟମଗିରିରେ ଥିବା ଖଣିଜ ପଦାର୍ଥର ସୁରକ୍ଷା ପାଇଁ ଆନ୍ଦୋଳନ ହେଉଥିବା ବେଳେ ଏହାର ଜୈବବିବିଧତା ନଷ୍ଟ ହେଉଥିଲେ ସୁଦ୍ଧା ଚୁପ୍ ରହୁଥିବା ଦେଖିବାକୁ ମିଳିଛି।

## ସତ୍ତା ହରାଉଛି 'ଅଳକା' ଜବରଦଖଲ ଯୋଗୁଁ ବନ୍ଦ ହୋଇଗଲାଣି ଜଳପ୍ରବାହ

ଜଗତସିଂହପୁର,୨୧/୦୮ (ନି.ପ୍ର): କାଠଯୋଡ଼ିର ଶାଖା ନଦୀ ଦେବୀରୁ ବାହାରିଥିଲା ଅଳକା ନଦୀ। ଦିନେ ଏହି ନଦୀ ବାଟ ଦେଇ ଇଂରେଜମାନେ ମାଲ୍ ପରିବହନ କରୁଥିଲେ। ସମୁଦ୍ରରେ ଥିବା ଜାହଜରେ ମାଲ୍ ବୋଝେଇ କରି ବୋଟ୍‌ଗୁଡ଼ିକ ଫେରୁଥିଲା। ନଦୀରେ ଉଦ୍‌ବୃତ୍ତ ବର୍ଷା ଜଳ ମଧ୍ୟ ନିଷ୍କାସିତ ହୋଇପାରୁଥିଲା। ଅଳକା ନଦୀ କୂଳରେ ଚାଷବାସ ସହ ଜନବସତି ଗଢ଼ି ଉଠିଥିଲା। ଚାଷ ଜମିକୁ ଜଳସେଚନ ହେଉଥିଲା। ଏବେ କିନ୍ତୁ ବ୍ୟାପକ ଜବରଦଖଲ ପ୍ରକ୍ରିୟାରେ ସତ୍ତା ହରାଇବାରେ ଲାଗିଛି ୫୨ କିଲୋମିଟର ଦୀର୍ଘ ଅଳକା ନଦୀ। ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ଫଳ ଶୂନ। ତଥ୍ୟ ଅନୁଯାୟୀ ୧୬୩୦ରେ ଇଂରେଜ ନାବିକ ବ୍ରୁଟନଙ୍କ ସହ ୭ ଜଣ ସାଥୀ ସମୁଦ୍ର ପଥ ଦେଇ ମାଛଗାଁ ନିକଟରେ ସମୁଦ୍ର ସହ ସଂଯୋଗ ପାଟୁଆ(ଅଳକା) ନଦୀ ଦେଇ ମରିଚପୁରରେ ପହଞ୍ଚିଥିଲେ। ସେମାନେ ବାଲିକୁଦାରୁ ଅଳକା ନଦୀ ଦେଇ ଜଗତସିଂହପୁରରେ ପହଞ୍ଚିଥିଲେ। ବର୍ତ୍ତମାନ ଯେଉଁଠି ଶ୍ରୀକୃଷ୍ଣ ଏକାଡେମି ରହିଛି ସେହି ଜାଗାକୁ ସେମାନେ ଚିହ୍ନଟ କରିଥିଲେ। ସେଠାରେ ଏକ ସୂତାକଳ ତିଆରି କରିଥିଲେ। ଅଳକା ନଦୀ ଦେଇ ବୋଟ, ବଡ଼ବଡ଼ ପାଲଟଣା ଡଙ୍ଗାରେ କଞ୍ଚାମାଲ ଓ ତିଆରି ସାମଗ୍ରୀକୁ ସମୁଦ୍ରପଥ ଦେଇ ନିଜ ଦେଶକୁ ନେଉଥିଲେ। ସୂତାକଳ ବନ୍ଦ ହୋଇଯିବା ପରେ ଇଂରେଜମାନେ ବି ଅଞ୍ଚଳରୁ ଫେରି ଯାଇଥିଲେ। ଗବେଷକ ମହେନ୍ଦ୍ର ଆଚାର୍ଯ୍ୟଙ୍କ କହିବା ଅନୁସାରେ, ନ' ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନେ ତାଳଦଣ୍ଡା କେନାଲ ଖୋଲିଥିଲେ। ବିରିବାଟୀ ଠାରୁ ଜଗତସିଂହପୁର ଦେଇ ମାଛଗାଁ କେନାଲ ଖୋଲାଯାଇଥିଲା। ମାଛଗାଁ କେନାଲ୍ ଖୋଲାଯିବା ଫଳରେ ବୀରବରପାଟଣା ନିକଟରେ ଦେବୀ ନଦୀରୁ ବାହାରିଥିବା ଅଳକା ନଦୀ ମୁହାଣ ପୋତି ହୋଇଗଲା। ସମୟକ୍ରମେ ପାଣିର ଧାର ବି ବନ୍ଦ ହୋଇଗଲା। ଅଳକା ନଦୀର ପୁନରୁଦ୍ଧାର ଲାଗି ୧୨କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେଲାଣି। କିନ୍ତୁ ଏହା କେଉଁଠି ଛୋଟ ନାଳ ଭଳି ହୋଇଛି ତ ଆଉ କେଉଁଠି ଗତିପଥ ବଦଳାଇଛି।

## କେନ୍ଦ୍ରାପଡ଼ା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,୨୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ବିଧାନସଭା କଂଗ୍ରେସ ପକ୍ଷରୁ ନିଆରା ଢଙ୍ଗରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। କେନ୍ଦ୍ରାପଡ଼ା ଦୁହୁରିଆ ନିକଟ ରେ ଥିବା କୁଷ୍ଠ ରୋଗରେ ପୀଡ଼ିତ ପରିବାର ଙ୍କ ସହିତ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ସ୍ୱର୍ଗତ ରାଜୀବ ଗାନ୍ଧି ଙ୍କ ଦେଶ ପ୍ରତିଦେଇଥିବା ବଳିଦାନ ଓ ଦେଶ ପାଇଁ କରିଥିବା ଅନେକ ଉନ୍ନତି ମୂଳକ ଯୋଜନା ସମ୍ପର୍କ ରେ ଆଲୋଚନା ହୋଇ ଉପସ୍ଥିତ ଥିବା କୁଷ୍ଠ ରୋଗୀ ସମ୍ପ୍ରଦାୟ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାନସଭାର କଂଗ୍ରେସ ବିଧାୟିକା ପ୍ରାର୍ଥୀନୀ ତଥା କେନ୍ଦ୍ରାପଡ଼ା ର ପୂର୍ବତନ ବିଧାୟିକା ଡ.ସିପ୍ରା ମଲ୍ଲିକ, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ପୂର୍ବତନ ସରପଂଚ ହରିଶ ପଟ୍ଟନାୟକ, ଯୁବ ନେତା ହିମାଂଶୁ ନନ୍ଦ, ଏମ.ଡି ଆନସ, ସେଖ କାଲା, ଛାତ୍ର କଂଗ୍ରେସ ପକ୍ଷରୁ ସନ୍ଦୀପ ସାମଲ, ଆୟୁଷ୍ମାନ ରଣା, ଅମ୍ରିତା ଧଳ, ସ୍ମୃତିରେଖା ପ୍ରିୟଦର୍ଶିନୀ ଧଳଙ୍କ ସହିତ ଅନେକ କଂଗ୍ରେସ ନେତୃ ବୃନ୍ଦ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମଦିବସ ପାଳନ କରିଥିଲେ।

# ସୁସ୍ଥ କେଶର ରହସ୍ୟ



କେଶ ଝଡ଼ିବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ୩୦ ଟପିବା ଆଗରୁ ଅନେକଙ୍କ ମୁଣ୍ଡରୁ କେଶ ଝଡ଼ିଲାଣି ତ କେହି କେହି ଚନ୍ଦା ହେବାକୁ ମଧ୍ୟ ବସିଲେଣି। କେଶ ଝଡିବା ଦେଖି ଘରେ ବାପାମା'ଙ୍କ ଚିନ୍ତା ବଢ଼ିଲାଣି। ପ୍ରାୟ ଏକ ଦଶନ୍ଧି ପୂର୍ବେ ୪୦ରୁ ୫୦ ବର୍ଷ ବୟସ ମଧ୍ୟରେ କେଶ



ଝଡିବା ଆରମ୍ଭ ହେଉଥିବା ବେଳେ ଏବେ ୧୦ରୁ ୩୦ ବର୍ଷ ମଧ୍ୟରେ କେଶ ଝଡ଼ିବା ଆରମ୍ଭ ହୋଇ ଯାଉଛି। ଜୀବନ ଶୈଳୀରେ ପରିବର୍ତ୍ତନ, ଖାଦ୍ୟପାନୀୟ ଓ ପୋଷକତତ୍ତ୍ୱର ଅଭାବ କାରଣରୁ ଏହି ସମସ୍ୟା ସବୁ ଦେଖା ଦେଉଛି। ପ୍ରକୃତ ସଂଖ୍ୟା ଆମ ପାଖରେ ଉପଲବ୍ଧ ନଥିଲେ ମଧ୍ୟ ମହାନଗର ଓ ସହରରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପୂର୍ବେ ବୟସ୍କମାନେ କେଶ ଝଡିବା ନେଇ କହୁଥିବା ବେଳେ ଏବେ ସ୍କୁଲ କଲେଜର ପିଲାମାନେ ଏହି ଅଭିଯୋଗ ଆଣୁଛନ୍ତି। ଡାକ୍ତରଙ୍କ ମତରେ ଏଥିପାଇଁ ଆମେ ହିଁ ଦାୟୀ। ଆମ ଜୀବନ ଶୈଳୀ, ଖାଦ୍ୟ ପାନୀୟ, ଭିଟାମିନର ଅଭାବ, ବ୍ୟାୟାମ ନ କରିବା ଏବଂ ଖୁବ୍ କମ ବୟସରୁ ଧୂମପାନ ଓ ମଦ୍ୟପାନ କରିବା ଫଳରେ କେଶ ସମସ୍ୟା ଆରମ୍ଭ ହୋଇଥାଏ। ଏହା ସହିତ ଅନିଦ୍ରା, ଚିନ୍ତା, ଚାପ, ହରମୋନ ଏବଂ ନୀତିନିୟମ ବିହୀନ ଖାଦ୍ୟ ଏହାର ପ୍ରାଥମିକ କାରଣ। ସାଧାରଣତଃ, ନିୟମିତ ୫୦ ରୁ ୧୦୦ କେଶ ଝଡିଥାଏ। ଶରୀର ଅସୁସ୍ଥ ରହିଲେ ମଧ୍ୟ ଏହି ସମସ୍ୟା ଦେଖା ଦେଇଥାଏ। କେଶ ଝଡିବା ଓ ଚନ୍ଦାପଣ ହଠାତ୍ ଆରମ୍ଭ ହୋଇନଥାଏ, ଆମ ଜୀବନ ଶୈଳୀ ଯେମିତି ଧୀରେ ଧୀରେ ପରିବର୍ତ୍ତନ ହୋଇଥାଏ ଠିକ୍ ସେହିପରି କେଶ ଝଡିବା ବୃଦ୍ଧି ପାଇଥାଏ। ନିୟମିତ ବ୍ୟାୟାମ, ଯୋଗ, ମେଡିଟେସନ, ଉପଯୁକ୍ତ ଆହାର ଓ କେଶର ଯତ୍ନ ନେଲେ ଏହି ସମସ୍ୟା ବହୁ ପରିମାଣରେ ହ୍ରାସ ପାଇବ।

କେଶ ସମସ୍ୟାର ଉପଚାର-

ବ୍ୟାୟାମ: ଶାରୀରିକ ପରିଶ୍ରମ କମ୍ ହେଲେ କେଶ ଝଡିବା ଆରମ୍ଭ ହୋଇଥାଏ। ବ୍ୟାୟାମ କିମ୍ବା ଶାରୀରିକ ପରିଶ୍ରମ ନ କରିବା ଫଳରେ ରକ୍ତ ସଂଚାର ହ୍ରାସ ପାଇଥାଏ ଏବଂ କେଶ ଯେଉଁଠାରୁ ବାହାରିଥାଏ ଏବଂ କେଶ ଯେଉଁଠାରୁ ବାହାରିଥାଏ ସେଠାକୁ ପୋଷକତତ୍ତ୍ୱ ମିଳେନାହିଁ, ଫଳରେ କେଶ ଝଡ଼େ। ଠିକ ଭାବେ ରକ୍ତ ସଂଚାଳନ ନ ହେବା ଫଳରେ ପର୍ଯ୍ୟାପ୍ତ ରକ୍ତ ମୁଣ୍ଡର ଉପରଭାଗକୁ ଯାଇନଥାଏ ଏବଂ କେଶର ମୂଳ ଦୁର୍ବଳ ହୋଇଯାଏ। ଏହାପରେ କେଶ ଝଡ଼ିବା ଆରମ୍ଭ କରେ। କେଶ ଝଡିବା ବନ୍ଦ କରିବା ଲାଗି ପ୍ରତିଦିନ ଅତି କମ୍‌ରେ ୪୫ ମିନିଟ ବ୍ୟାୟାମ କରନ୍ତୁ।

ଜଳ: କେଶ ଝଡ଼ିବା ହ୍ରାସ କରିବା ଲାଗି ଜଳ ଖୁବ୍ ଲାଭଦାୟକ। ସାଧାରଣତଃ ଶୋଷ ଲାଗି ହିଁ ଲୋକମାନେ ଜଳ ଗ୍ରହଣ କରିଥାନ୍ତି। କିନ୍ତୁ ଶରୀରର ଆବଶ୍ୟକତା ଅନୁସାରେ ଜଳ ସେବନ କରିବା ଶରୀର ଓ କେଶ ଲାଗି ଲାଭଦାୟକ।

ଭିଟାମିନ ଡି: କେଶକୁ ଭିଟାମିନ 'ଡି'ର ଆବଶ୍ୟକ ହୋଇଥାଏ। ଏଥିପାଇଁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ପ୍ରକୃତରେ ଭିଟାମିନ୍ ଡି କେଶକୁ ବୃଦ୍ଧି କରିଥାଏ। ସୂର୍ଯ୍ୟ କିରଣରେ ମାତ୍ର ୧୫ ମିନିଟ ଠିଆ ହେଲେ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ ଡି ଶରୀରକୁ ମିଳିଥାଏ।

ଆହାର: ଯୁବପିଢ଼ି ଓ ସହରାଂଚଳର ଲୋକମାନେ ସୁସ୍ଥ ଖାଦ୍ୟ ତୁଳନାରେ ସ୍ୱାଦିଷ୍ଟ ଖାଦ୍ୟ ଉପରେ ଅଧିକ ଧ୍ୟାନ ଦେଇଥାନ୍ତି। ଜଙ୍କ ଫୁଡ, ପ୍ୟାକ୍‌ଡ ଖାଦ୍ୟ, ତେଲଯୁକ୍ତ ଖାଦ୍ୟରେ ପୋଷକତତ୍ତ୍ୱର ଅଭାବ ରହିଥାଏ। ଏପରି ଖାଦ୍ୟ ଭୋକ ମେଂଟାଇଥାଏ, କିନ୍ତୁ ଶରୀରକୁ ଆବଶ୍ୟକତା ଅନୁସାରେ ପ୍ରୋଟିନ ଓ ଭିଟାମିନ ଯୋଗାଇପାରେ ନାହିଁ।



ଚିନ୍ତା ଓ ଚାପ: ଚିନ୍ତା ଓ ଚାପ କେଶ ଝଡିବା ଲାଗି ପ୍ରମୁଖ ଭାବେ ଦାୟୀ। ଅବସାଦ କାରଣରୁ ଶରୀର ଅନେକ ରୋଗକୁ ନିମନ୍ତ୍ରଣ କରିଥାଏ। ଚାପ ଓ ଚିନ୍ତାରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତି ପାଇବା ଅସମ୍ଭବ, ତେଣୁ ଯଥା ସମ୍ଭବ ଏହାକୁ କମ୍ କରିବାକୁ ପ୍ରୟାସ କରନ୍ତୁ।

ଧୂମପାନ ଓ ମଦ୍ୟପାନ: ଧୂମପାନ ଓ ମଦ୍ୟପାନ କରିବା ଦ୍ୱାରା ଶରୀରରେ ଅଥେରୋସେଲେରୋସିସ ବିକଶିତ ହୋଇଥାଏ। ଏହାଦ୍ୱାରା ରକ୍ତ ସଂଚାଳନ ବାଧାପ୍ରାପ୍ତ ହୁଏ। ଏହା ସହିତ ଆପଣ ଯେତେ ସୁସ୍ଥ ଆହାର ସେବନ କରିଲେ ମଧ୍ୟ ଏହାର ପୋଷକତତ୍ତ୍ୱ ଶରୀରର ସବୁ ସ୍ଥାନକୁ ଯାଇପାରିନଥାଏ।

ରାସାୟନିକ: ବଜାରରେ ଉପଲବ୍ଧ ତେଲ, ସାମ୍ପୋ, କଣ୍ଡିସନର ଏବଂ ଅନ୍ୟାନ୍ୟ ଜିନିଷକୁ ବ୍ୟବହାର କରିଥାନ୍ତି। ବିଜ୍ଞାପନ ଦେଖି ଏହାର ବ୍ୟବହାର କରିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶ ନେଇ ଏହାର ବ୍ୟବହାର କରିବା ଉଚିତ୍।

**କେଶ ନିମନ୍ତେ ଖାଦ୍ୟ:** ଘନ ଓ ସୁନ୍ଦର କେଶ ଲାଗି ଉପଯୁକ୍ତ ଖାଦ୍ୟ ନିହାତି ଆବଶ୍ୟକ। ଦୁର୍ବଳ କେଶ ଯେ ଖୁବ୍‌ଶୀଘ୍ର



ଝଡିଯାଏ ତା ନୁହେଁ, ଏହା ଦ୍ୱାରା କେଶର ଚମକ ହ୍ରାସ ପାଇଥାଏ। ଏପରି କ୍ଷେତ୍ରରେ କିଛି ଖାଦ୍ୟ ଗ୍ରହଣ କରି ଆପଣ ସୁଦୃଢ଼ ଓ ସୁନ୍ଦର କେଶ ସହଜରେ ପାଇ ପାରିବେ। ବଜାରରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର ତେଲ ଅପଣଙ୍କ କେଶର ସୌର୍ନ୍ଦ୍ୟ ବୃଦ୍ଧି କରିପାରିବ ନାହିଁ, ସେଥିପାଇଁ ଉପଯୁକ୍ତ ଆହାର ଆବଶ୍ୟକ। ଶକ୍ତ କେଶ ଓ ଚର୍ମ ପାଇଁ ଶରୀରକୁ ଆବଶ୍ୟକ ହୋଇଥାଏ ଭିଟାମିନ ଓ ମିନେରାଲ। ଦରକାର ଭିଟାମିନ ଏ, ସି, ବି ପ୍ରୋଟିନ, ଓମେଗା ୩ ଫ୍ୟାଟି ଏସିଡ ଏବଂ ଜିଙ୍କ। ତେବେ ସେ ଖାଦ୍ୟ ସମ୍ପର୍କରେ କିଛି ଜାଣନ୍ତୁ....

**ଗାଜର:** ଗାଜର କେବଳ ଆଖି ପାଇଁ ନୁହେଁ କେଶ ଲାଗି ଏକ ଉପଯୁକ୍ତ ଆହାର। ଗାଜରରେ ଥିବା ଭିଟାମିନ 'ଏ' ମୁଣ୍ଡର ଚର୍ମକୁ ପୋଷକତତ୍ତ୍ୱ ପ୍ରଦାନ କରିଥାଏ। ଏହା କେଶର କଣ୍ଡିସନିଙ୍ଗ ମଧ୍ୟ କରିଥାଏ। ଏହା ସହିତ ଖାଦ୍ୟରେ ସନ୍ତୁଳିତ ପ୍ରୋଟିନ, ଫଳ, ପନିପରିବା ଏବଂ ମାଛକୁ ସାମିଲ କରନ୍ତୁ।

**ଶୁଷ୍କ ଫ୍ଳମ ଫଳ:** ଯଦି ଆପଣଙ୍କ କେଶ ଶୁଷ୍କ ଓ ଦୁର୍ବଳ ତେବେ ଆଇରନ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏଥିପାଇଁ ଖାଦ୍ୟରେ ଶୁଷ୍କ ଫ୍ଳମ ଫଳ ଓ ସବୁଜ ପନିପରିବାକୁ ସାମିଲ କରନ୍ତୁ।

ଅଖରୋଟ: ଓଟସ୍ ଓ ଅଖରୋଟ କେଶ ପାଇଁ ଅତ୍ୟନ୍ତ ଲାଭଦାୟକ। ଅଖରୋଟରେ ଓମେଗା ୬ ଫ୍ୟାଟି ଏସିଡ ସହିତ ଜିଙ୍କ, ଆଇରନ, ଭିଟାମିନ ବି୧ ବି୬ ଏବଂ ବି ୯ ରହିଛି। ଏଥିରେ ପ୍ରୋଟିନ ମଧ୍ୟ ରହିଛି ଯାହା କେଶକୁ ଶକ୍ତ କରିଥାଏ।

ଅଣ୍ଡା: ପ୍ରୋଟିନ୍, ଭିଟାମିନ ବି ୧୨, ଆଇରନ, ଜିଙ୍କ ଏବଂ ଓମେଗା ୬ଫ୍ୟାଟି ଏସିଡ ଯୁକ୍ତ ଅଣ୍ଡା କେଶ ଲାଗି ଏକ ଉତ୍ତମ ଆହାର। ନିୟମିତ ଅଣ୍ଡା ଖାଇବା ଫଳରେ କେଶ ଝଡିବା ହ୍ରାସ ପାଇଥାଏ।

ମାଛ: ମାଛରେ ପର୍ଯ୍ୟାପ୍ତ ପରିମାଣରେ ଓମେଗା ୩ ଫ୍ୟାଟି ଏସିଡ୍, ଭିଟାମିନ୍ ବି ୧୨ ଏବଂ ଆଇରନ ରହିଛି। ଏହାର ମିଶ୍ର ଫଳରେ କେଶରେ ଚମକ ଆସିଥାଏ। ଏହା ସହିତ କେଶ ଝଡିବା ଏବଂ ଭାଙ୍ଗିବା ହ୍ରାସ ପାଇଥାଏ।

କନ୍ଦମୂଳ: ଏହା କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ ଏଥିରେ ଥିବା ଆଂଟିଅକ୍ସିଡାଂଟଣ୍ଟ ଏବଂ ଭିଟାମିନ ଏ ମୁଣ୍ଡର ଚର୍ମକୁ ଆବଶ୍ୟକ ତୈଳ ଯୋଗାଇଥାଏ ଯାହା ଫଳରେ କେଶର ମୂଳ ଶକ୍ତ ହୋଇଥାଏ।

# କୋଲେଷ୍ଟେରଲରୁ ମୁକ୍ତି

ଆବଶ୍ୟକତା ଠାରୁ କୋଲେଷ୍ଟେରଲ ଅଧିକ ହେଲେ ମଣିଷ ପାଇଁ ବିପଦ ପହଂଚିଥାଏ। ଶରରରେ ରକ୍ତ ଏବଂ କୋଷରେ ଥିବା ଏହା ଚର୍ବି ଜାତୀୟ ପଦାର୍ଥ। ତେବେ ଏହା କୌଣସି ଉଦ୍ଭିଦ ଜାତ ଦ୍ରବ୍ୟରୁ ମିଳେନି। ପ୍ରାଣୀଙ୍କ ଠାରେ ସ୍ନେହସାର ଭାବରେ ମିଳୁଥିବା ବେଳେ କୋଲେଷ୍ଟେରଲ ସ୍ନେହସାରଯୁକ୍ତ ଖାଦ୍ୟ ମାଧ୍ୟମରେ ରକ୍ତରେ ପ୍ରବେଶ କରିଥାଏ।



କୋଲେଷ୍ଟେରଲ ପରିମାଣ ଶରୀର ପାଇଁ ଅଧିକ ହେଲେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ବିଶେଷକରି ଏହା ଶରୀରରେ ଜୀବକୋଷ ତିଆରି କରିବାରେ ବହୁଳ ଭାବେ ସାହାଯ୍ୟ କରେ ଏହାଛଡ଼ା ପୁରୁଷ ଏବଂ ସ୍ତ୍ରୀ ହରମୋନ ସମେତ ଭିଟାମିନ ତିଆରି କରିବାରେ ସହାୟତା କରିଥାଏ। ମଣିଷ ଶରୀରରେ କୋଲେଷ୍ଟେରଲର ମାତ୍ରା ନିରୂପଣ ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିହୁଏ। ଜଣେ ସୁସ୍ଥ ଲୋକର କୋଲେଷ୍ଟେରଲ ମାତ୍ରା ୧୦୦ ମିଲିମିଟର ଥିବାବେଳେ ରକ୍ତରେ ୧୫୦ରୁ ୨୨୦ ମିଲିଗ୍ରାମ ରହିଥାଏ। ତେବେ ଶରୀରରେ କୋଲେଷ୍ଟେରଲର ମାତ୍ରା ଅଧିକ ହେଲେ ଏହା ଶରୀରରେ ଥିବା ରକ୍ତନଳୀ ଭିତରେ ଜମା ହୋଇ ରକ୍ତନଳୀର ଛିଦ୍ରକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ରକ୍ତ ଚଳପ୍ରଚଳ ହେବାରେ ବାଧା ଉପୁଜିଥାଏ। ଏହାର ପରିଣାମ ସ୍ୱରୂପ ମନୁଷ୍ୟକୁ ଉଚ୍ଚ ରକ୍ତଚାପ,ପାରାଲିସିସ, ହୃଦଘାତ ଓ ପିତ୍ତକୋଷରେ ପଥର ଆଦି ସୃଷ୍ଟି ହୋଇଥାଏ। ସତର୍କତା: ତେବେ ମଣିଷ ଏହି କୋଲେଷ୍ଟେରଲ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ଖାଦ୍ୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଜରୁରୀ। ଏଥିପାଇଁ ନିୟମିତ ବ୍ୟବଧାନରେ ରକ୍ତ ପରୀକ୍ଷା କରିବା ଆବଶ୍ୟକ। ଶାରୀରିକ ସନ୍ତୁଳନ ରକ୍ଷା ପାଇଁ ନିୟମିତ ଯୋଗ, ବ୍ୟାୟାମ ଆଦି କରିବା ଦରକାର। ଏତଦବ୍ୟତୀତ ଚର୍ବିଯୁକ୍ତମାଂସ, ଅଣ୍ଡାର କେଶର, ଲହୁଣି, ଘିଅ, ରିଫାଇନ ତେଲ ଆଦିରେ ଯଥେଷ୍ଟ କୋଲେଷ୍ଟେରଲ ଥିବାରୁ ଏଥିରୁ ନିବୃତ ରହିପାରିଲେ ଜଣେ ସୁସ୍ଥ ରହିପାରିବ।

# ପବନ ମୁକ୍ତାସନ



ଶବାସନରେ ଶୋଇ ଗୋଡ଼ ହାତ ଲମ୍ବାଇ ରଖ। ପ୍ରଥମେ ଡାହାଣ ପାଦ ଆଣ୍ଠୁ ଠାରୁ ବଙ୍କାଇ ଆଣି ଏପଟ ଓ ଛାତି ଉପରେ ଦୁଇ ହାତରେ ଚାପି ରଖନ୍ତୁ। କିଛି ସମୟ ଏପରି ଅବସ୍ଥାରେ ରହି ଡାହାଣ ପାଦକୁ ବିଶ୍ରାମ ଦେଇ ଅନୁରୂପ ଭାବେ ବାମ ପାଦକୁ ଆଣ୍ଠୁ ଠାରୁ ମୋଡ଼ି ଆଣି ପେଟ ଓ ଛାତିରେ ଚାପି ରଖନ୍ତୁ। କିଛି ସମୟ ରହି ବିଶ୍ରାମ କରନ୍ତୁ। ତା'ପରେ ଏକତ୍ର ଦୁଇ ଗୋଡ଼କୁ ଆଣ୍ଠୁ ଠାରୁ ବଙ୍କାଇ ଆଣି ପେଟ ଓ ଛାତି ଉପରେ ଜାକି ରଖନ୍ତୁ। ଯେପରି ଚିବୁକ ଆଣ୍ଠୁକୁ ଛୁଇଁବା ଛିଡ଼ା ହୋଇଥିବା ଅବସ୍ଥାରେ ମଧ୍ୟ ଏ ଆସନ କରାଯାଇପାରିବ। ଗୋଟିଏ ପାଦରେ ଛିଡ଼ା ହୋଇ ଅନ୍ୟଟିକୁ ଉଠାଇ ଜାକି ଧରାଯିବ। ପ୍ରଥମେ ଦୁଇଗ୍ଲାସ ପାଣି ପିଇ ଏହି ଆସନ କରନ୍ତୁ। ପ୍ରତ୍ୟେହ ୩/୪ଥର କରନ୍ତୁ। ଏହି ଆସନ କଲେ ପ୍ରସବ ପରେ ପେଟ ବଢ଼ିବାକୁ ଦିଏନାହିଁ, ଗର୍ଭାଶହ ବିକଅତି ଦୂରହୁଏ, ଚର୍ବି ହ୍ରାସ କରେ, ଅଜୀର୍ଣ୍ଣ, ଅମ୍ଳ ଆରୋଗ୍ୟ କରେ, ପେଟରେ ପେଶୀ ଶକ୍ତ କରେ ଓ ପେଟରେ ସମସ୍ତ ବାୟୁ ଦୋଷ ଦୂରକରେ।

# ଘରେ ପ୍ରସ୍ତୁତ କରନ୍ତୁ କ୍ରିମି ଚିକେନ

ଆବଶ୍ୟକ ସାମଗ୍ରୀ: ଚିକେନ, ବସାଦହି, ଲଙ୍କାଗୁଣ୍ଡ, ରିଫାଇନ୍ ତେଲ, ପିଆଜ ବଟା, ଅଦା ରସୁଣ ବଟା, ଟମାଟୋ ପ୍ୟୁରି, ଧନିଆ ପାଉଡର, ଜୀରା ପାଉଡ଼ର, ଗରମ ମସଲା, ଲୁଣ, କ୍ଷୀର, କ୍ରିମ୍, ଚାଟ ମସଲା ଓ ଗୋଟା କଞ୍ଚାଲଙ୍କା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନରେ ବସାଦହି, ଲଙ୍କାଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ମ୍ୟାରିନେଟ କରନ୍ତୁ। କରେଇରେ ତେଲ ଗରମ କରି ମ୍ୟାରିନେଟ ଚିକେନ୍‌କୁ ଭାଜି ରଖନ୍ତୁ। ପୁଣି କରେଇରେ ତେଲ ଗରମ କରି ପିଆଜ ବଟା, ଅଦା ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ଅଳ୍ପ କଷି ହେବା ପରେ ଟମାଟୋ ପ୍ୟୁରି, ଧନିଆ ପାଉଡର, ଜୀରା ପାଉଡ଼ର, ଗରମ ମସଲା, ଲୁଣ ଓ କ୍ଷୀର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ଭଲ ଭାବେ କଷି ହେବା ପରେ ପାଣି ଓ ଭାଜି ରଖିଥିବା ଚିକେନକୁ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ଚିକେନରେ କ୍ରିମ୍, ଚାଟ ମସାଲା ଓ ଗୋଟା କଞ୍ଚାଲଙ୍କା ପକାଇ ଗୋଳାଇ ଦିଅନ୍ତୁ ଓ ଏହାକୁ ୫ ମିନିଟ୍? ଘୋଡ଼ାଇ ରଖନ୍ତୁ। ଏବେ ପ୍ରସ୍ତୁତ ହୋଇଯିବ ଗରମାଗରମ କ୍ରିମି ଚିକେନ। ଏହାକୁ ଗରମାଗରମ ରୁଟି, ନାନ କିମ୍ବା ଭାତ ସହ ଖାଇପାରିବେ।



# ଗର୍ଭଧାରଣରେ ଅକ୍ଷମତା: କାରଣ ଓ ପ୍ରତିକାର

ଗର୍ଭଧାରଣ ବା ପ୍ରଜନନ ଜନିତ ଅକ୍ଷମତା ଆଜିକାଲି ଏକ ବଡ଼ ସମସ୍ୟା। ପରିବର୍ତ୍ତିତ ଜୀବନଶୈଳୀ, ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥିତି ତଥା କେତେକ ଚିକିତ୍ସାଗତ ସମସ୍ୟା ଏହାର ପ୍ରମୁଖ କାରଣ। ଆବଶ୍ୟକତା ଠାରୁ କମ୍ କିମ୍ବା ଅଧିକ ଓଜନର ମହିଳାଙ୍କ କ୍ଷେତ୍ରରେ ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହରମନ ଏଥିପାଇଁ ଦାୟୀ। ଏହି ହରମନ ଋତୁସ୍ରାବ ପାଇଁ କାର୍ଯ୍ୟକରେ। କମିଗଲେ ପ୍ରଜନନ କ୍ଷମତା ହ୍ରାସପାଏ। ବିଶେଷ କ୍ଷେତ୍ରରେ ପତଳୀମାନେ ଗର୍ଭଧାରଣରେ ଅସୁବିଧା ଭୋଗକରନ୍ତି। ଗର୍ଭରୋଧକ ଟୀକା, ଦୀର୍ଘକାଳ ଧରି ବଟିକା ସେବନ,ଇଞ୍ଜେକସନ ଗ୍ରହଣ ଦ୍ୱାରା ପ୍ରଜନନ କ୍ଷମତା ହ୍ରାସପାଏ। ମେଦ ବହୁଳତା ଦ୍ୱାରା ଆବଶ୍ୟକ ହରମନ ନିର୍ଗତରେ ବାଧା ଉପୁଜେ ଓ ଗର୍ଭଧାରଣ ସମ୍ଭବ ହୁଏନାହିଁ। କମ ବୟସରେ ଅନିୟମିତ ଋତୁସ୍ରାବ ସମସ୍ୟା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏହାଚଡ଼ା ପଞ୍ଚତିରିଶ ବର୍ଷପରେ ସ୍ୱାଭାବିକ ଭାବେ ଡିମ୍ବାଣୁ ସଂଖ୍ୟା କମିଯାଉଥିବାରୁ ପ୍ରଜନନ କ୍ଷମତା ମଧ୍ୟ କମିଯାଏ। ଯୌନାଙ୍ଗ ସଂହକ୍ରମଣ, ପ୍ରମେହ ଆଦି ଯୌନରୋଗ, ଥାଇରଏଡ଼ ସମସ୍ୟା





ପ୍ରଜନନ କ୍ଷମତାକୁ କମାଇଦିଏ। ଆଜିକାଲି ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଡାଏଟିଂ ଜିମ ବ୍ୟାୟାମ ଆଦି ଅଭ୍ୟାସ କରୁଛନ୍ତି। ସିଧାସଳଖ ପ୍ରଶିକ୍ଷକ କିମ୍ବା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଉ ନାହାନ୍ତି। ଏ ବାବଦରେ ଟେଲିଭିଜନରେ ପ୍ରସାରିତ କାର୍ଯ୍ୟକ୍ରମ ଗୁଡ଼ିକ ଦେଖି ଘରେ ଅଭ୍ୟାସ କରୁଛନ୍ତି। ଶରୀର ପାଇଁ ଏହା କ୍ଷତିକାରକ। ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼େ ଓ ଗର୍ଭାଶୟ ପ୍ରଭାବିତ ହୁଏ। ପତଳୀ ହେବା ପାଇଁ ସପ୍ତାହକୁ ପାଂଚଘଂଟାରୁ ଅଧିକ ସମୟ ବ୍ୟାୟାମ କଲେ ପ୍ରଜନନ କ୍ଷମତା କମିଯାଏ। ମାତୃତ୍ୱ ଲାଭରୁ ବଂଚିତ ହେବାକୁ ପଡ଼େ। ସୁରା ଓ ଧୂମପାନ, ନିଶା ସେବନ ମଧ୍ୟ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏଥିପ୍ରତି ସତର୍କ ରହିବା ଜରୁରୀ। ସୁସ୍ଥ ଓ ସୁନ୍ଦର ରହିବା ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ଖାଆନ୍ତୁ, ଅଧିକ ନୁହେଁ କିମ୍ବା କମ ନୁହେଁ। ଫାଷ୍ଟ ଫୁଡ଼, ଅଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ପରାମର୍ଶରେ ବ୍ୟାୟାମ କରନ୍ତୁ। ଠିକ ଭାବେ ବିଶ୍ରାମ ନିଅନ୍ତୁ। ଦୁଷ୍ଚିନ୍ତା ଠାରୁ ନିଜକୁ ଦୂରେଇ ରଖନ୍ତୁ। ସୁନିଦ୍ରା ଓ ଉତମ ଭାବନା ମନରେ ପୋଷଣ କରନ୍ତୁ। ଏହାଦ୍ୱାରା ହରମୋନ ସନ୍ତୁଳିତ ରହେ ଓ ପ୍ରଜନନ କ୍ଷମତା ବଢ଼େ। ମାଆ ବନିବାର ସୌଭାଗ୍ୟ ମିଳେ। ଆବଶ୍ୟକ ସ୍ଥଳେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲକ୍ଷ୍ମଣରେଖା...

କଂଗ୍ରେସ ଶାସିତ ରାଜ୍ୟ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଧାରରେ ମୋକଦ୍ଦମା ରୁଜୁ ପାଇଁ ସେଠାକାର ରାଜ୍ୟପାଳ ଥୱରଚାନ୍ଦ ଗେହେଲୋଟ୍ ଅନୁମତି ଦେବା ପରେ ପୁଣି ଥରେ ରାଜ୍ୟପାଳଙ୍କ ସାମ୍ବିଧାନିକ କର୍ତ୍ତବ୍ୟ, ଲକ୍ଷଣରେଖା ଓ ଅତିକ୍ରିୟାକୁ ନେଇ ବିତର୍କ ଆରମ୍ଭ ହୋଇଛି। ଗତ କିଛିବର୍ଷ ଧରି କେତେକ ଅଣଏନ୍‌ଡିଏ ଶାସିତ ରାଜ୍ୟରେ ରାଜ୍ୟପାଳମାନଙ୍କର ଭୂମିକା ବିବାଦୀୟ ହୋଇରହିଛି। ସେହିସବୁ ରାଜ୍ୟରେ ରାଜ୍ୟପାଳମାନେ କେନ୍ଦ୍ରର ବୋଲକରା ସାଜି ସାମ୍ବିଧାନିକ ଲକ୍ଷଣରେଖା ଅତିକ୍ରମ କରି ଅତିକ୍ରିୟାମାନ ପ୍ରକାଶ କରୁଥିବା ସମ୍ବିଧାନ ଓ ବିଧି ବିଶେଷଜ୍ଞମାନେ ମତ ଦେଉଛନ୍ତି। ବିରୋଧୀ ରାଜନୈତିକ ଦଳମାନଙ୍କର ଅଭିଯୋଗ ହେଉଛି ଯେ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଞ୍ଚଳିକ ଦଳ ଓ ଅଣବିଜେପି ଶାସିତ ରାଜ୍ୟରେ ନିଜର ରାଜନୈତିକ ପ୍ରଭାବ ବୃଦ୍ଧି କରିବାକୁ ସମ୍ପୃକ୍ତ ରାଜ୍ୟପାଳମାନଙ୍କର କ୍ଷମତାକୁ ଦୁରୁପଯୋଗ କରୁଛି। ଫଳରେ ସମ୍ପୃକ୍ତ ରାଜ୍ୟପାଳମାନେ ପ୍ରାଦେଶିକ ଶାସନରେ ସିଧାସଳଖ ହସ୍ତକ୍ଷେପ କରୁଛନ୍ତି ଏବଂ ନିର୍ବାଚିତ ସରକାରଙ୍କ କାମରେ ବାଧା ସୃଷ୍ଟି କରୁଛନ୍ତି। ବିଗତ ଦିନରେ ଆମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜି-ତତ୍‌କାଳୀନ ରାଜ୍ୟପାଳ ଜଗଦୀପ ଧନଖଡ଼, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍-ରାଜ୍ୟପାଳ ଆର ଏନ ରବି, କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ୍-ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍-ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା, ପୁଡୁଚେରି ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ନାରାୟଣସ୍ୱାମୀ – ତତ୍କାଳୀନ ଉପରାଜ୍ୟପାଳ କିରଣ ବେଦୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍-ରାଜ୍ୟପାଳ ସି ପି ରାଧାକ୍ରିଷ୍ଣନ୍, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ-ରାଜ୍ୟପାଳ ବନୱାରୀଲାଲ୍ ପୁରୋହିତଙ୍କ ମଧ୍ୟରେ ତିକ୍ତ ସମ୍ପର୍କର ଅଶୋଭନୀୟ ଉଦାହରଣମାନ ଦେଖିଛୁ। ସେହି ଆଧାରରେ ବିଧି ବିଶାରଦ ଓ ରାଜନୈତିକ ଦଳମାନଙ୍କର ଉପରୋକ୍ତ ଅଭିଯୋଗ ନିରାଧାର ନୁହେଁ ବୋଲି କୁହାଯାଇପାରେ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉପରୋକ୍ତ ରାଜ୍ୟପାଳମାନଙ୍କ ମଧ୍ୟରୁ କେତେକଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ବିହିତ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ୧୯୯୪ର ଏସ୍‌ଆର ବୋମାଇ ମାମଲାରୁ ଆରମ୍ଭ କରି ୨୦୨୦ର ଶିବରାଜ୍ ସିଂହ ଚୌହ୍ୱାନ ମାମଲା ପର୍ଯ୍ୟନ୍ତ ଏକାଧିକ ଘଟଣାରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି ଯେ ରାଜ୍ୟପାଳମାନେ ରାଜ୍ୟର ପ୍ରଶାସନିକ ବ୍ୟାପାରରେ ସିଧାସଳଖ ହସ୍ତକ୍ଷେପ କରିପାରିବେ ନାହିଁ। ଏବେ ସିଦ୍ଦରମେୟାଙ୍କ ବିରୋଧରେ ଆସିଥିବା ଜମି(ମୁଦା) ଦୁର୍ନୀତି ଅଭିଯୋଗ ଭଳି ଘଟଣାର ତଦନ୍ତ ପାଇଁ ସିବିଆଇ ଓ ଇଡି ପରି କେନ୍ଦ୍ରୀୟ ସଂସ୍ଥାମାନଙ୍କୁ ବିପୁଳ କ୍ଷମତା ଓ ଅଧିକାର ଏନ୍‌ଡିଏ ସରକାର ଦେଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ ମଧ୍ୟ ହୋଇସାରିଛି। ଏହାଛଡ଼ା ଲୋକପାଳ/ଲୋକାୟୁକ୍ତମାନେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ଆଇନଗତ ବିଚାର ପାଇଁ କ୍ଷମତାପ୍ରାପ୍ତ। ଏହାସତ୍ତ୍ୱେ କର୍ଣ୍ଣାଟକ ରାଜ୍ୟପାଳ ଯେଉଁଳି ଭାବେ ସାଧାରଣ ଅଭିଯୋଗ ଆଧାରରେ ମୋକଦ୍ଦମା ରୁଜୁ ପାଇଁ ସୁପାରିସ କରିଛନ୍ତି ତାହା ସ୍ୱାଧୀନ ଭାରତରେ ବିରଳରୁ ବିରଳତମ ଉଦାହରଣ ସୃଷ୍ଟି କରିଛି। ରାଜ୍ୟପାଳ ଗେହେଲୋଟ୍‌ଙ୍କ ଏହି ନିଷ୍ପତ୍ତି ଯେ ଉଦ୍ଦେଶ୍ୟମୂଳକ ଓ ପ୍ରଚ୍ଛନ୍ନ ଇଙ୍ଗିତ ପ୍ରଣୋଦିତ ବୋଲି ସର୍ବସାଧାରଣରେ ଏକ ଧାରଣା ସୃଷ୍ଟି ହେଉଛି ଏବଂ ତାଙ୍କୁ ଅଧିକ ବିତର୍କିତ ଓ ବିବାଦୀୟ କରିଛି। ସ୍ୱାଧୀନତାର ୭୮ ବର୍ଷର ସଂଘୀୟ ଇତିହାସ ଏଭଳି ଅନେକ ଘଟଣାର ସାକ୍ଷୀ, ଯେଉଁଠାରେ ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ ଅନେକ ଗଣତାନ୍ତ୍ରିକ ସରକାରଙ୍କୁ ଭାଙ୍ଗିଦେଇଛନ୍ତି। ପୁଣି କେତେବେଳେ ସରକାରୀ ବିଧେୟକଗୁଡ଼ିକ ଉପରେ କୌଣସି ପଦକ୍ଷେପ ନ ନେଇ ମାସ ମାସ ଧରି ପକାଇ ରଖିଛନ୍ତି କିମ୍ୱା ରାଜ୍ୟ ମନ୍ତ୍ରିମଣ୍ଡଳ ପରିଷଦର ସଦସ୍ୟଙ୍କୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେବା ଭଳି ଅତିକ୍ରିୟା ଦେଖାଇଛନ୍ତି। ଭାରତର ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଶାସନରେ ରାଜ୍ୟପାଳମାନଙ୍କୁ ସମ୍ବିଧାନ କେତେକ ନିର୍ଦ୍ଦିଷ୍ଟ କ୍ଷମତା ଓ ଦାୟିତ୍ୱ ଦେଇଛି। ସେମାନେ କେନ୍ଦ୍ରର ପ୍ରତିନିଧି ଭାବେ ରାଜ୍ୟ ଶାସନର ସାମ୍ବିଧାନିକ ମୁଖ୍ୟ ହେଲେ ମଧ୍ୟ ସମ୍ପୃକ୍ତ ରାଜ୍ୟର ନିର୍ବାଚିତ ସରକାରଙ୍କ ପରାମର୍ଶ ଓ ସହାୟତାରେ ହିଁ ପରୋକ୍ଷଭାବେ ସେମାନଙ୍କ ମାଧ୍ୟମରେ ଶାସନ କାର୍ଯ୍ୟ ନିର୍ବାହ କରିବାର ବ୍ୟବସ୍ଥା ପ୍ରଚଳିତ ଅଛି। ତେଣୁ ସେମାନେ ରାଜ୍ୟ ଶାସନର ପ୍ରତୀକାତ୍ମକ ମୁଖ୍ୟ ହୋଇ ସାମ୍ବିଧାନିକ ମର୍ଯ୍ୟାଦାର ସୀମା ଭିତରେ ଗଣତାନ୍ତ୍ରିକ ପ୍ରଶାସନକୁ ସୁରକ୍ଷା ଓ ସମ୍ମାନ ଦେବା ଉଚିତ। ଆହୁରି ମଧ୍ୟ ଶାସନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କୁ ସେ କିଛି ପରାମର୍ଶ ଦେଇପାରିବେ, ବାଧ୍ୟ କରିପାରିବେ ନାହିଁ। ଜନପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ଏକ ନିର୍ବାଚିତ ସରକାରଙ୍କୁ ବିରୋଧ କରିବାର ଅଧିକାର ସମ୍ବିଧାନ ତାଙ୍କୁ ଦେଇ ନାହିଁ। ଝୁଲା ବିଧାନସଭା ବା ଅସ୍ପଷ୍ଟମତ ଭଳି ପରିସ୍ଥିତିରେ ରାଜ୍ୟପାଳମାନେ ବିଧାନସଭାରେ ଆସ୍ଥା ପ୍ରସ୍ତାବ ଆଣିବା ପାଇଁ ସରକାର ତଥା ବିଧାନସଭା ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇପାରିବେ। ଏହାଛଡ଼ା ରାଜ୍ୟରେ ଆଇନ ଶୃଙ୍ଖଳା ଅଣାୟତ୍ତ ହେଲେ ଏବଂ ସାମ୍ବିଧାନିକ ଶୃଙ୍ଖଳା ଭଙ୍ଗ ହେଲେ ରାଜ୍ୟରେ ଜରୁରିକାଳୀନ ବ୍ୟବସ୍ଥା ଓ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିପାରିବେ। କିନ୍ତୁ ଏବେ ରାଜ୍ୟପାଳମାନଙ୍କ ଭୂମିକା ଯେଉଁଳି ବିବାଦୀୟ ହୋଇପଡୁଛି ଏବଂ ଅତିକ୍ରିୟାର ଉଦାହରଣମାନେ ଘଟୁଛି ତାହା ସଂଘୀୟ ଓ ସାମ୍ବିଧାନିକ ବ୍ୟବସ୍ଥାର ପରିପନ୍ଥୀ ବୋଲି ଆଇନ ବିଶାରଦମାନେ ଦେଉଥିବା ମତ ସମ୍ପୂର୍ଣ୍ଣ ଅଯୌକ୍ତିକ ବୋଲି କହିହେବ ନାହିଁ।

# ହରିବଂଶ ପୁରାଣ : ଶ୍ରୀବିଷ୍ଣୁଙ୍କ ଅଂଶ ରାଜା ପୃଥୁଙ୍କ କଥା



### ବିପିନ ବିହାରୀ ରାଉତ

''ପୁରାଣ ଅଟେ ଅଷ୍ଟାଦଶ, ତାଙ୍କଠୁ ଶ୍ରେଷ୍ଠ ହରିବଂଶ.....''

'ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ। ଦେବୀଂ ସରସ୍ୱତୀ ବ୍ୟାସଂ ତତୋଜୟ ମୁଦୀରୟେତ୍।। ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍। ଯତ୍ କୃପା ତମହଂବନ୍ଦେ ପରମାନନ୍ଦ ମାଧବ।। ବ୍ୟାସାୟ ବିଷ୍ଣୁରୂପାୟ ବ୍ୟାସ ରୂପାୟ ବିଷ୍ଣବେ। ନମୋ ବୈଃ ବ୍ରହ୍ମବେଧାୟ ବିଶିଷ୍ଟାୟ ନମୋନମଃ।।' - ହରିବଂଶ ମହାପୁରାଣର ଏହି ପବିତ୍ର ପଂକ୍ତି ଆମ ଆଧ୍ୟାତ୍ମିକ ଜୀବନକୁ ଦିବ୍ୟମୟ କରିଥାଏ। ହରିବଂଶ ଗ୍ରନ୍ଥର ବିଭିନ୍ନ ପର୍ବ ରହିଛି ଯେପରି ହରିବଂଶ ପର୍ବ ଯେଉଁଥିରେ ସମୁଦାୟ ବାରଟି ଅଧ୍ୟାୟ ଭିତରେ ଆଦିସୃଷ୍ଟିର ବର୍ଣ୍ଣନା, ଯଦୁବଂଶ, ଯୁଗବାଦ ଓ ପ୍ରଳୟର ବର୍ଣ୍ଣନା ସହ ଭଗବାନଙ୍କର ଅବତାର ପ୍ରସଙ୍ଗ ଏକ ଅଧ୍ୟାୟରେ ରହିଛି। ସେହିପରି କଂସର ଦିଗ୍‌ବିଜୟଠାରୁ ଗୋଲକଧାମରେ ପ୍ରବେଶ ପର୍ଯ୍ୟନ୍ତ ଏହି ଅଧ୍ୟାୟରେ ବର୍ଣ୍ଣିତ। ସେହିପରି ବିଷ୍ଣୁ ପର୍ବରେ ଅଣଚାଶଟି ଅଧ୍ୟାୟ ଭିତରେ ଦେବକୀଙ୍କ ପୁତ୍ର ଜନ୍ମ, ବଳଦେବ ଜନ୍ମ, ଯୋଗମାୟାଙ୍କ ଆବିର୍ଭାବ, ଗୋବର୍ଦ୍ଧନ ଗିରିର ଉତ୍ପତ୍ତି, କାଳୀୟଦଳନ, ରାସଲୀଳା, ଧନୁଯାତ୍ରାର ଆୟୋଜନ, ମଥୁରା ବିଜୟ ଓ ଶ୍ରୀକୃଷ୍ଣଙ୍କ ମଥୁରା ପ୍ରତ୍ୟାବର୍ତ୍ତନ ପରି ଷଡ଼ତ୍ରିଂଶ ଅଧ୍ୟାୟ ରହିଛି। ସେହିପରି ଭବିଷ୍ୟ ପର୍ବର ତ୍ରୟୋଦଶ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ଦ୍ୱାରକା ଗମନ, ବଳଦେବ ଓ ରେବତୀଙ୍କ ବିବାହ, ସୁଭଦ୍ରାଙ୍କ ଜନ୍ମ ଓ ପରିଣୟ, ଯଦୁବଂଶ ଧ୍ୱଂସ ଓ କଳି ଯୁଗର ପ୍ରବୃତ୍ତି ଓ ଜୀବମୁକ୍ତି ଉପାୟ ପରି ତେରଟି ଅଧ୍ୟାୟ ରହିଛି। ଭଗବାନଙ୍କର ଅବତାର ପ୍ରସଙ୍ଗରେ ଉଲ୍ଲେଖ ରହିଛି 'ସେ ପ୍ରଭୁ ସ୍ୱୟଂ ଭଗବାନ, ରସସାଗର ଶ୍ୟାମାବର୍ଣ୍ଣ। ସଚ୍ଚିଦାନନ୍ଦ ଆତ୍ମାରାମ, ଶ୍ରୀକୃଷ୍ଣ ଅଟେ ତାଙ୍କ ନାମ।' ପ୍ରଭୁ ବଳଦେବଙ୍କ ଜନ୍ମ ସମ୍ବନ୍ଧରେ ଉଲ୍ଲେଖ ରହିଛି 'ଦେବକୀ ଗର୍ଭୁ ଆକର୍ଷଣ, ଯା ନାମ ହେବ ଶଙ୍କର୍ଷଣ। ଗୋପରେ ବଢ଼ିଲା ଆନନ୍ଦ, ନନ୍ଦ ଭୁବନେ ଉଦେ ଚାନ୍ଦ।'

ହରିବଂଶ ପୁରାଣରେ ରାଜା ପୃଥୁଙ୍କ ବିଷୟରେ ଉଲ୍ଲେଖ ରହିଛି। ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଥିଲେ ଧ୍ରୁବ। ତାଙ୍କରି ବଂଶରେ ରାଜା ବେନଙ୍କର ଜନ୍ମ ହେଲା। ବେନ କିନ୍ତୁ ଭଲ ରାଜା ନଥିଲେ। ସେ ପୃଥିବୀରେ ଯଜ୍ଞ ଆୟୋଜନ ଉପରେ ନିଷେଧାଜ୍ଞା ଜାରି କଲେ। ସେ ଆଦେଶ ଦେଇ କହିଲେ, ବିଷ୍ଣୁଙ୍କୁ କାହିଁକି ପୂଜା କରୁଛ, ମୁଁ ବିଷ୍ଣୁଙ୍କ ଠାରୁ ଆହୁରି ଶକ୍ତିଶାଳୀ। ଋଷିଗଣ ପଥଭ୍ରଷ୍ଟ ରାଜାଙ୍କୁ ବାଟକୁ ଆଣିବା ଲାଗି ଚେଷ୍ଟା କଲେ, ମାତ୍ର କିଛି ଫଳ ହେଲା ନାହିଁ। ବେନ କାହା କଥା ଶୁଣିବା ଲାଗି ପ୍ରସ୍ତୁତ ହେଲେନାହିଁ। ଏହାପରେ ଋଷିଗଣ ଚିନ୍ତା କଲେ ଯେ ବେନଙ୍କ ମୃତ୍ୟୁ ନହେବା ପର୍ଯ୍ୟନ୍ତ ସଂସାରରେ ଅନ୍ୟାୟ ଅତ୍ୟାଚାର ରୋକିବା ସମ୍ଭବପର ହେବନାହିଁ। ବେନଙ୍କ ମୃତ୍ୟୁ ହିଁ ଏକମାତ୍ର ଉପାୟ। ତେଣୁ ସେମାନେ ମନ୍ତ୍ରଶକ୍ତି ମାଧ୍ୟମରେ ବେନଙ୍କୁ ବଧ କଲେ। ଏବେ ସମସ୍ୟା ଉପୁଜିଲା ଯେ ବେନଙ୍କ ରାଜ୍ୟର ଶାସନଭାର କିଏ ସମ୍ଭାଳିବ। କାରଣ ବେନଙ୍କର କୌଣସି ସନ୍ତାନ ନଥିଲେ। ତେଣୁ ଋଷିଗଣ ବେନଙ୍କ ଜଙ୍ଘକୁ ଖୁବ୍ ଜୋରରେ ଘର୍ଷଣ କରିବାକୁ ଲାଗିଲେ। ଏହାପରେ ସେଥିରୁ ଛୋଟ ଖୁଣ୍ଟ ଭଳି ଜଣେ ବାମନ ସୃଷ୍ଟି ହେଲେ। ମୁଁ ଏବେ କ'ଣ କରିବି ? ସେହି ବାମନ ପଚାରିଲା। ବସ ! ଋଷିଗଣ ଆଜ୍ଞା ଦେଲେ ବସିବାରୁ ସେହି ବାମନର ନାମକରଣ ନିଶାଦ ହେଲା। ଏହାପରେ ନିଶାଦ ବିନ୍ଧ୍ୟ ପାର୍ବତ୍ୟାଞ୍ଚଳରେ ରହିବାକୁ ଲାଗିଲେ। ସେଠାରେ ତାଙ୍କର ବଂଶବିସ୍ତାର ହେଲା। ଋଷିଗଣ ଯେତେବେଳେ ବେନଙ୍କ ମରଶରୀରର ଡାହାଣ ହାତକୁ ଘଷିବାକୁ ଲାଗିଲେ, ସେଥିରୁ ଜଣେ ଉଜ୍ଜ୍ୱଳ ବ୍ୟକ୍ତି ପ୍ରକଟ ହେଲେ। ସେ ଥିଲେ ପୃଥୁ। ସେ ଜନ୍ମ ନେବା ସହିତ ତାଙ୍କ ହାତରେ ଏକ ଦିବ୍ୟ ଧନୁ, ଶର ଏବଂ ଅସ୍ତ୍ରଶସ୍ତ୍ର ଆକାଶମାର୍ଗରୁ ଖସିପଡ଼ିଲା। ମୃତ୍ୟୁପରେ ମଧ୍ୟ ପୁତ୍ର ପ୍ରାପ୍ତି କରିବା ହେତୁ ବେନଙ୍କୁ ନର୍କଗାମୀ ହେବାକୁ ପଡ଼ିଲା ନାହିଁ। ପୃଥୁ ସିଂହାସନ ଆରୋହଣ କରିବା ମାତ୍ରେ ଚାରିଆଡ଼େ ଧର୍ମପ୍ରତିଷ୍ଠା ହେଲେ। ପ୍ରକୃତି ଏବଂ ସଂସ୍କୃତିର ସୁରକ୍ଷା ହେଲା। ସମସ୍ତେ ଆନନ୍ଦରେ ରହିବାକୁ ଲାଗିଲେ। ପୃଥୁଙ୍କ ରାଜ୍ୟାଭିଷେକ ଉତ୍ସବରେ ସ୍ୱୟଂ ବ୍ରହ୍ମା ବ୍ରହ୍ମଲୋକରୁ ଆସି ପୂଜା କାର୍ଯ୍ୟ ସମ୍ପନ୍ନ କରାଇଥିଲେ। ସ୍ୱର୍ଗରୁ ଦେବତାମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିଥିଲେ। ବ୍ରହ୍ମା ଲକ୍ଷ୍ୟ କଲେ ଯେ ପୃଥୁଙ୍କ ଡାହାଣ ହାତରେ ଶ୍ରୀବିଷ୍ଣୁଙ୍କ ଅସ୍ତ୍ର ଚକ୍ର ଚିହ୍ନ ରହିଛି। ସେ ଭାବିଲେ ଯେ ପୃଥୁ ନିଶ୍ଚୟ ଜଣେ ଦିବ୍ୟାତ୍ମା ହୋଇଥିବେ। କାରଣ ସେ ଭଗବାନ ବିଷ୍ଣୁଙ୍କ ଅଂଶରୁ ଜାତ ହୋଇଛନ୍ତି। ଏପରି ଦିବ୍ୟ ଚିହ୍ନ ଦେବତାଙ୍କ ହାତରେ ମଧ୍ୟ ଦେଖିବାକୁ ମିଳେନାହିଁ। ଏପରି ଜଣେ ମହାନ ରାଜା ନିଶ୍ଚୟ ଜଗତର କଲ୍ୟାଣ କରିବେ ବୋଲି ବ୍ରହ୍ମ ମନେ ମନେ ଚିନ୍ତା କଲେ। ଶେଷରେ ପୃଥୁ ସିଂହାସନ ଆରୋହଣ କରି ରାଜମୁକୁଟ ପିନ୍ଧିଲେ। ସେ ଜଣେ ଶକ୍ତିଶାଳୀ ରାଜା ଥିଲେ। ସେ ଯେଉଁ ସ୍ଥାନକୁ ଯାଉଥିଲେ ସମୁଦ୍ର, ପର୍ବତ ତାଙ୍କୁ ମାର୍ଗ ଛାଡ଼ି ଦେଉଥିଲେ। ତାଙ୍କର ପତାକା କେବେ ହେଲେ ଅବନତ ହୋଇନଥିଲା। ରାଜା ପୃଥୁଙ୍କ ରାଜୁତି କାଳରେ ବିନା ହଳରେ ପୃଥିବୀରେ ଶସ୍ୟାଦି ଉତ୍ପନ୍ନ ହେଲା। ଗାଈମାନେ ପ୍ରଚୁର ପରିମାଣରେ କ୍ଷୀର ଦେଲେ। ଫୁଲରୁ ବହୁପରିମାଣରେ ମଧୁ ଝରିଲା। ପୃଥୁ ରାଜା ହେବାମାତ୍ରେ ସାରା ସଂସାରର କଲ୍ୟାଣ ନିମନ୍ତେ ଯଜ୍ଞ ଆୟୋଜନ କରାଇଥିଲେ। ଏହି ଯଜ୍ଞରୁ ସୁତ ଏବଂ ମଗଧମାନେ ଉତ୍ପନ୍ନ ହେଲେ ଏବଂ ସେମାନେ ପୃଥୁଙ୍କ ପ୍ରଶଂସା ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଲେ। କିନ୍ତୁ ବେନଙ୍କ ମୃତ୍ୟୁ ଏବଂ ପୃଥୁଙ୍କ ଜନ୍ମ ମଧ୍ୟରେ ସୀମିତ ସମୟର ଅବଧି ଥିଲା ଯେତେବେଳେ ପୃଥିବୀରେ କେହି ରାଜା ନଥିଲେ। ରାଜାଙ୍କ ଅଭାବରୁ ଜଗତର ବିକାଶ ସମ୍ଭବ ହେଲାନାହିଁ। ଭୂମାତା ଶସ୍ୟ ଉତ୍ପନ୍ନ ନକରିବାରୁ ଲୋକମାନେ ଖାଇବାକୁ ପାଇଲେ ନାହିଁ। ଏହିପରି ଦୁଃଖଦୁର୍ଦ୍ଦଶାରେ କାଳ କାଟୁଥିବା ଲୋକମାନେ ପୃଥୁଙ୍କ ରାଜ୍ୟାଭିଷେକ ପରେ ତାଙ୍କ ନିକଟରେ ଦୁଃଖ ଜଣାଇବା ଲାଗି ପହଞ୍ଚିଲେ। ସେମାନେ ପୁଣିଥରେ ଧରାପୃଷ୍ଠକୁ ଶସ୍ୟଶ୍ୟାମଳା କରିଦେବା ଲାଗି ରାଜା ପୃଥୁଙ୍କୁ ଅନୁରୋଧ କଲେ। ବୃକ୍ଷଲତା, ବନସ୍ପତିଙ୍କୁ ପୁନଃ ଉତ୍ପନ୍ନ କରିବା ଲାଗି ଧନୁତୀର ଧରି ଆଗେଇ ଆସିଲେ। ପୃଥୁଙ୍କୁ ଦେଖି ଭୂମାତା ଏକ ଗାଈ ରୂପ ଧାରଣ କରି ପଳାୟନ କରିବାକୁ ଲାଗିଲେ। କିନ୍ତୁ ପୃଥୁ ତାଙ୍କୁ ଛାଡ଼ିଲେ ନାହିଁ। ଶେଷରେ ଭୂମାତା ଧରାଦେଲେ ଏବଂ ବନସ୍ପତି, ବୃକ୍ଷଲତା ଆଦି ଉତ୍ପନ୍ନ କରି ପୁଣିଥରେ ପୃଥିବୀକୁ ଶସ୍ୟରେ ଭରିଦେଲେ। ଚତୁର୍ଦ୍ଦିଗ ଶସ୍ୟଶ୍ୟାମଳା ହୋଇ ଉଠିଲା। ରାଜା ପୃଥୁ ନିଜ ଧନୁ ସାହାଯ୍ୟରେ ବିରାଟ ପର୍ବତକୁ ଭାଙ୍ଗି ସମାନ କରିଦେଲେ। ଚାରିଆଡ଼େ ନଗର, ଗ୍ରାମମାନ ପ୍ରତିଷ୍ଠା ହେଲା। ଶସ୍ୟ ଉତ୍ପାଦନ, ପଶୁପାଳନ, କୃଷି ଏବଂ ବାଣିଜ୍ୟ ଆଦି ସ୍ୱଭାବିକ ଭାବେ ଚାଲିଲା। ରାଜା ପୃଥୁଙ୍କ କାରଣରୁ ଏହା ସମ୍ଭବ ହୋଇପାରିଲା। ସାରା ଜଗତକୁ ପୁର୍ନଜୀବିତ କରିଥିବା କାରଣରୁ ପୃଥୁଙ୍କ ନାମାନୁସାରେ ଭୂମଣ୍ଡଳର ନାମକରଣ ପୃଥିବୀ ହୋଇଥିଲା।

ଆସନ୍ତୁ ହରିବଂଶ ପାରାୟଣର ମହିମା ବର୍ଣ୍ଣନା କରି ଭଗବାନ ପ୍ରେମମୟ କୃଷ୍ଣଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରି ପ୍ରାର୍ଥନା କରିବା- 'ପୁରାଣ ଅଟେ ଅଷ୍ଟାଦଶ, ତାଙ୍କଠୁ ଶ୍ରେଷ୍ଠ ହରିବଂଶ। ଜୀବନ ଭରିଦିଏ ଶୁଣଇ, ସକଳ ପାପ ଯାଏ ଧୋଇ। ନବାହ୍ନ ଆଉ ଏକ ବିଂଶ, ବିଧିରେ କଲେ ହରିବଂଶ। କଳିଯୁଗରେ ପରାୟଣ, ସକଳ ଅଭିଷ୍ଟ ପୂରଣ।'

ତୁଳସୀପୁର କଟକ

# ବିବର୍ତ୍ତନ ଧାରାରେ ଓଡ଼ିଆ ଭାଷା



### ପଣ୍ଡିତ ଦୈତ୍ୟାରି ମହାପାତ୍ର

ଓଡ଼ିଆ, ଏକ ଭାରତୀୟ ଭାଷା। ଯାହା ଇଣ୍ଡୋ-ଇୟୁରୋପୀୟ ଭାଷା ଗୋଷ୍ଠୀ ଅନ୍ତର୍ଗତ ଇଣ୍ଡୋ-ଆର୍ଯ୍ୟଭାଷା। ଏହା ସର୍ବ ପ୍ରାଚୀନ ଭାରତ ଦେଶର ଓଡ଼ିଶା ପ୍ରଦେଶର ସର୍ବାଧିକ ଲୋକ ବ୍ୟବହାର କରୁଥିବା ଏକ ମୁଖ୍ୟ ଭାଷା। ଯାହା ୯୧.୮୫ ପ୍ରତିଶତ ଲୋକ ଦୈନନ୍ଦିନ ଜୀବନରେ ବ୍ୟବହାର କରିଥାନ୍ତି। ଓଡ଼ିଶା ପ୍ରଦେଶ ସମେତ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଗୁରୁରାଟ ଆଦି ରାଜ୍ୟରେ ବ୍ୟବହୃତ ହେଉଥିବାର ପ୍ରାୟ ଦେଖିବାକୁ ମିଳେ।

ଓଡ଼ିଆ, ଓଡ଼ିଶାର ସରକାରୀ ଭାଷା। ଏହା ଭାରତୀୟ ସମ୍ୱୀଧାନ ସ୍ୱୀକୃତି ପ୍ରାପ୍ତ ୨୨ ଗୋଟି ଭାଷା ମଧ୍ୟରୁ ଗୋଟିଏ ଏବଂ ଝାଡ଼ଖଣ୍ଡର ଦ୍ୱିତୀୟ ପ୍ରସାଶନିକ ଭାଷା। ଓଡ଼ିଆ ଷଷ୍ଠ ଭାରତୀୟ ଭାଷା ଭାବରେ ଏକ ସ୍ୱତନ୍ତ୍ର ଏବଂ ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ହୋଇନଥିବା ଭାଷା ଭାବରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି।

ଓଡ଼ିଆ ଭାଷା କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ କେତେକ ପ୍ରମୁଖ ଅଞ୍ଚଳରେ ଲୋକମାନେ ବ୍ୟବହାର କରିଥାନ୍ତି। ଓଡ଼ିଶାର ପାଖାପାଖି ଅନେକ ରାଜ୍ୟରେ ଓଡ଼ିଆ ଭାଷାରେ ଅଧିକାଂଶ ଲୋକ କଥା କହିଥାନ୍ତି। ପଶ୍ଚିମବଙ୍ଗର ମେଦିନୀପୁର ସମେତ ଆନୁରି ଅନେକ ଅଞ୍ଚଳ ଝାଡ଼ଖଣ୍ଡର ସିଂହଭୂମୀ ଜିଲ୍ଲା, ଆନ୍ଧ୍ରପ୍ରଦେଶର ଶୀକାକୂଳକ, ବୀଜୟନଗର ଓ ବିଶାଖାପାଟ୍ଟନମ୍, ଛତିଶଗଡ଼ର ପୂର୍ବଜିଲ୍ଲା ଏବଂ ନାଗପୁର ଅଞ୍ଚଳରେ ବହୁଳଭାବରେ ବ୍ୟବହାର କରାଯାଉଛି। ଗୁଜୁରାଟର ସୁରଟ ଭାରତର ଦ୍ୱିତୀୟ ଓଡ଼ିଆ ଭାଷାବହୁଳ ଅଞ୍ଚଳ। ଏହା ଛଡ଼ା ବେଙ୍ଗାଲୋରୁ, ପଣ୍ଡିଚେରୀ, ହାଇଦ୍ରାବାଦ, ଗୋଆ, ଚେନ୍ନାଇ, ମୁମ୍ବାଇ, ବରୋଦା, ଜାମସେଦପୁର, ରାୟପୁର, ଆହମ୍ମଦାବାଦ, ଦିଲ୍ଲୀ, କଲିକତା, ଖଡ଼ଗପୁର, ଗୋଆହାଟୀ, ପୁନେ ଓ ସିଲଭାସା ଆଦି ସହରରେ ବହୁମାତ୍ରାରେ ଓଡ଼ିଆ ଭାଷାଭାଷୀ ଲୋକ ଦେଖାଯାଆନ୍ତି।

ଓଡ଼ିଆ ଭାଷାରା ମୂଳ ଉତ୍ସ ବା ଆଧାର

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ ଯେ ଓଡ଼ିଆ ଭାଷାର ମୂଳ ଉତ୍ସ ହେଉଛି "ଗୁମ୍ଫାଲେଖ"। ଆଜକୁ ପ୍ରାୟ କୋଡ଼ିଏ ହଜାର ବର୍ଷ ତଳେ କଳାହାଣ୍ଡିର ଗୁଡ଼ ହାଣ୍ଡିରୁ ମିଳିଥିବା ଚିତ୍ର, ଦଶ ହଜାର ବର୍ଷ ତଳେ ନୂଆପଡ଼ାର ଯୋଗୀ ମଠରୁ ମିଳିଥିବା ଚିତ୍ରଲିପି, ତିନି ହଜାର ପାଞ୍ଚଶହ ବର୍ଷ ତଳେ ଝାରସୁଗୁଡ଼ାର ବିକ୍ରମ ଖୋଲରୁ ମିଳିଥିବା ଗୁମ୍ଫାଲିପି ଏବଂ ଭଦ୍ରକର ମହାରାଜ ଗଣଙ୍କ ନବମ ଶତାବ୍ଦୀର ଶିଳାଲେଖ ହେଉଛି ଓଡ଼ିଆ ଭାଷାର ମୂଳ ଆଧାର। ଯୋଗୀ ମଠର ଚିତ୍ରଲିପିରେ ନାରଙ୍ଗୀ ରଙ୍ଗରେ ଲିଖିତ "୦" ଲିପି ଆଜି ପର୍ଯ୍ୟନ୍ତ ଓଡ଼ିଆ ସମେତ ସମସ୍ତ ଭାରତୀୟ ଲିପି ମାଳାରେ ଅବିକଳ ଭାବରେ ବ୍ୟବହୃତ। ସେ "୦"ର ଅର୍ଥ ହେଉଛି ଶୂନ୍ୟ, ଅଣାକାର, ପୂର୍ଣ୍ଣବ୍ରହ୍ମ। ତେଣୁ ଆଜିବି ଓଡ଼ିଆ ଶିଶୁମାନଙ୍କୁ ପ୍ରଥମେ "୦" ବା ଶୂନ୍ୟ ଲେଖାଯାଇ ଓଡ଼ିଆ ବର୍ଣ୍ଣ ଅଭ୍ୟାସ କରାଯାଏ।

ଓଡ଼ିଆ ହେଉଛି ଏକ ଭାରତୀୟ ଭାଷା। ମୂଳ ଓଡ଼ିଆ ଭାଷା ପାଲି ଓ ଔଡ୍ରୀ ପ୍ରାକୃତରୁ ସିଧାସଳଖ ସୃଷ୍ଟି ହୋଇଥିବାର ବୈଜ୍ଞାନିକମାନେ ପ୍ରମାଣ ଦେଇଛନ୍ତି। ଓଡ଼ିଆ ଭାଷା ଭାରତରେ ପ୍ରାୟ ଦୁଇ ହଜାର ପାଞ୍ଚଶହ ବର୍ଷ ବୋଲି ଗବେଷକମାନେ ମତ ଦିଅନ୍ତି। ବୌଦ୍ଧ ଧର୍ମର ତ୍ରିପିଟକ ହେଉ ବା ଜୈନ ଧର୍ମର ଅଙ୍ଗସୂତ୍ର, ଉପାଙ୍ଗସୂତ୍ର, କଳ୍ପସୂତ୍ର ହେଉ ସମସ୍ତ ଶାସ୍ତ୍ର ଓଡ଼ିଆ ବା ଔଡ୍ରୀ ଭାଷାରେ ପ୍ରଥମେ ରଚନା କରାଯାଇଥିବାର ଅନୁମାନ କରାଯାଏ। ଖାଲି ସେତିକି ନୁହେଁ ପାରସୀ ଏବଂ ଆରବୀ ଭାଷା ମଧ୍ୟ ଓଡ଼ିଆ ଭାଷା ସହିତ ସମଭାବାଦର୍ଶୀ।

ଓଡ଼ିଆ ଭାଷାର ଉତ୍ପତ୍ତି ଏବଂ ବିବର୍ତ୍ତନ ଧାରାରେ କ୍ରମବିକାଶ ସମ୍ପର୍କରେ ବିଭିନ୍ନ ଗବେଷକ ତଥା ଐତିହାସିକମାନେ ସ୍ୱତନ୍ତ୍ର ମତ ପ୍ରକାଶ କରିଛନ୍ତି। ଇଂଲଣ୍ଡର କୁଇନ୍ ଟେସେନ୍ ସିଆଲ୍‌ଙ୍କ ଭାଷାରେ ଧଉଳି ଠାରୁ ମିଳିଥିବା ଅଶୋକଙ୍କ ସମୟରେ ଶିଳାଲେଖ, ଜଉଗଡ଼ର ଶିଳା ଲେଖ ଏବଂ ଖାରବେଳଙ୍କ ସମୟରେ ନିର୍ମିତ ହୋଇଥିବା ଖଣ୍ଡଗିରି ଏବଂ ହାତୀ ଗୁମ୍ଫାର ଶିଳା ଲେଖରୁ ଜଣାଯାଏ ଯେ ଆଧୁନିକ ଓଡ଼ିଆ ଭାଷାର ମୂଳ ହେଉଛି "ପାଳି" ବା "ପାଲି" ଭାଷା। ହାତୀ ଗୁମ୍ଫାର ଶିଳା ଲେଖରେ ଲେଖଭାଷା ହେଉଛି "ପାଳି" ଏବଂ ଲିପି ହେଉଛି "ବ୍ରାହ୍ମୀ"। ଏଥିରୁ ଆମେ ନିଶ୍ଚିତ ହେବା ଯେ ଓଡ଼ିଆ ଭାଷା ହେଉଛି ଅନ୍ୟ ସମସ୍ତ ଭାଷା ଠାରୁ ପୁରାତନ। ତେଣୁ ଓଡ଼ିଆ ଭାଷାକୁ "ଭାଷାର ଜନନୀ" ବୋଲି କୁହାଯାଏ। ସଂସ୍କୃତ ଭାଷାର ପ୍ରଭାବରେ ପୁରୁଣା "ପାଳି" ଭାଷା ଅନେକ କ୍ଷେତ୍ରରେ କିଛି ଶବ୍ଦ ବଦଳି ଯାଇଛି ମାତ୍ର ଓଡ଼ିଆ ଭାଷା ଭାରତୀୟ ଭାଷାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପ୍ରଫେସର ଓଲ୍‌ଡେନ ବର୍ଗଙ୍କ ମତରେ "ପାଳି" ଭାଷା ହେଉଛି ଓଡ଼ିଆ ଭାଷାର ମୂଳ। ଭାଷାର ଇତିହାସ ସମ୍ପର୍କୀୟ ଅନେକ ମତ ଆସିଥିଲେ ମଧ୍ୟ ଓଡ଼ିଆ ଭାଷା ଯେ ସର୍ବପୁରାତନ ଏହାକୁ ଅସ୍ୱୀକାର କରାଯାଇ ପାରିବନାହିଁ।

ଓଡ଼ିଆ ଭାଷାର ବ୍ୟବହାର ପ୍ରାୟତ ସପ୍ତମ ଶତାବ୍ଦୀରେ ବିଭିନ୍ନ ତାଳପତ୍ର ପୋଥୀରେ ରଚିତ ହୋଇଥିବାର ଦେଖିବାକୁ ମିଳେ। ବିଶେଷ କରି ନେପାଳ ରାଜଦରବାରରୁ ସଂଗୃହିତ ବୌଦ୍ଧ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ "ଚର୍ଯ୍ୟା ସାହିତ୍ୟ" ହେଉଛି ଓଡ଼ିଆ ଶବ୍ଦାବଳୀର ଗନ୍ତାଘର।

ଓଡ଼ିଆ ଭାଷାର ଆଦ୍ୟ ଝଙ୍କୃତ ନାଦକ୍ଷେତ୍ର "ଭଦ୍ରକ"


ବାସ୍ତବପକ୍ଷେ ଦେଖିବାକୁ ଗଲେ ଓଡ଼ିଆ ଭାଷାର ଆଦ୍ୟ ଝଙ୍କୃତ ନାଦକ୍ଷେତ୍ର ହେଉଛି ଭଦ୍ରକ। ଏହାକୁ କେବେବି ଅସ୍ୱୀକାର କରାଯାଇପାରିବ ନାହିଁ। ଭଦ୍ରକ ଭୁକ୍ଷେତ୍ରରୁ ବା ଭୁମଣ୍ଡଳରୁ ପ୍ରାପ୍ତ ମହାରାଜ ଗଣଙ୍କ ନବମ ଶତାବ୍ଦୀରେ ଲିଖିତ ଶିଳା ଲେଖରେ "ଦେବ କହି ଭକତି କରୁଣ ବୋଲାନ୍ତି ଭୋ କୁମାର ଶେଣ"। ଏହିପରି ସ୍ୱୟଂ ସମ୍ପର୍ଣ୍ଣ ଓଡ଼ିଆ ଭାଷାରେ ରଚିତ। ଏହା ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ଭାଷାରେ ରଚିତ ହୋଇଅଛି। ଆହୁରି ମଧ୍ୟ ଓଡ଼ିଆ ଶବ୍ଦ କୁମ୍ଭାରର ବ୍ୟବହାର ତମ୍ବା ପଟାରେ ଲେଖା ଥିବାର ଦେଖିବାକୁ ମିଳେ। ବ୍ରାହ୍ମଣ ଗାଁ ଶୈବ ମନ୍ଦିର ଯାହା ଆଠ ଶହ ଷୋହଳ ଶାଳରେ ନିର୍ମିତ। ସିଂହଦ୍ୱାରା ସମୁଖ ଏବଂ କୁମାରେଶ୍ୱର ଓ ସିନ୍ଧୁକେଶ୍ୱର ମହାଦେବଭଳି ବହୁ ପ୍ରାଚୀନ୍ନ ମନ୍ଦିର ସିଂହଦ୍ୱାରା ସମୁଖରେ ଲିଖିତ ପାଳି ଭାଷାର ଶବ୍ଦ ଓଡ଼ିଆ ଭାଷାର ସୃଷ୍ଟି ସମ୍ପର୍କରେ ଆଲୋକପାତ କରେ। ସେହିଭଳି ନଅ ଶହ ଏକାନବେ ସନର ଲେଖ ଓ ସାତସଶ ପନ୍ଦର ସନର ଲେଖ ଓଡ଼ିଆ ଶବ୍ଦ "ଭିତୁରୁ, ପନ୍ଦୋରୋ" ଆଦି ଶବ୍ଦ ବ୍ୟବହୃତ ହୋଇଥିବାର ଦେଖିବାକୁ ମିଳିଛି। କ୍ରମ ବିବର୍ତ୍ତନ ଧାରାରେ ଓଡ଼ିଆ ଭାଷା ବିକଶିତ ହୋଇ ଆଜି ସ୍ୱୟଂ ସମ୍ପୂର୍ଣ୍ଣ ଲାଭ କରିବା ସହିତ ୨୦୧୪ ମାର୍ଚ୍ଚ ୧୧ ତାରିଖ ଦିନ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ସମସ୍ତ ଓଡ଼ିଆ ପ୍ରେମୀ ଓ ବିଶେଷଜ୍ଞଙ୍କ ମନରେ ଆନନ୍ଦ ଖେଳି ଯାଇଛି।

ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ତଥା ଲେଖକ, ଭଦ୍ରକ, ଓଡ଼ିଶା
ମୋ- ୮୭୬୩୫୪୮୨୦୨




## ପ୍ରୀତି ଚିହ୍ନ

### କୀର୍ତ୍ତନ ସାହୁ



ତମକୁ ଦେଖିଲେ ଦିଶି ଯାଏ ଯେହ୍ନେ
ଆକାଶରେ ରୂପା ଜହ୍ନ
ତମ ସୁର ଲାଗେ କୋଇଲିର ସୁର
ବାନ୍ଧି ରଖେ ହୃଦ ମନ ।


ତମ ଚାଲି ମିଠା କବିତାର ଧାଡ଼ି
ତୋଳେ ମଧୁମୟ ଛନ୍ଦ
ତମ ଠାଣି ହୃଦେ ଆଙ୍କି ବସେ ଛବି
ଝରେ ପ୍ରୀତି ମନ୍ଦ ମନ୍ଦ
କଥା ପଦେ ତମ ସତେ ମହୁ ଝର
ଶୁଣି ସୁଖେ କଟେ ଦିନ
ତମକୁ ଦେଖିଲେ ......।

ସକାଳ କଅଁଳ ସୂରୁଜ ତା ରଙ୍ଗ
ବୋଲି ଦିଏ ତମ ଦେହେ
ଆକାଶର ଜହ୍ନ ଜୋଛନା ବିଛାରେ
ତମରି ଉପରେ ସ୍ନେହେ
ମନ ହୃଦୟରେ ରହି ପ୍ରେମାବେଶେ
ରଖି ଯାଅ ପ୍ରୀତି ଚିହ୍ନ
ତମକୁ ଦେଖିଲେ......।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ:୯୪୩୮୪୧୪୭୦୧

## ପ୍ରାକୃତିକ ଚାଷ !

### ଅଜିତ କୁମାର ରାଉତ



ହେ ଚାଷୀ ! ଚାଷ ଆମ୍ଭା ଜୀବିକା
ପ୍ରାକୃତିକ ଚାଷେ ଫଳ ଅଧିକା !
ପଦ !....
ପୁରୁଣା ପଦ୍ଧତି ଆସୁଛି ଫେରି

ପ୍ରାକୃତିକ ଚାଷ ପୂର୍ବର ପରି
ବୈଜ୍ଞାନିକ ଚାଷ ଆଣେ ଆପଦ
ଜମିର ଉର୍ବର ହୁଏ ସମାପ୍ତ !!
ହେ ଚାଷୀ............(୧)

ଅତ୍ୟଧିକ ସାର ମାଟି ଜାଳୁଛି
ଉର୍ବର ଶକ୍ତି ମାଟିରୁ ଘଟୁଛି
ପଥର ପରି ହେ ମାଟି ହେଉଛି !!
ହେ ଚାଷୀ.........(୨)
ବିନା ସାର ରେ ଚାଷ ନହୁଛି

ଅଣୁ ଜୀବ ବୃଦ୍ଧି କାହିଁ ହେଉଛି ?
କେଞ୍ଚୁଆ ବିଲରେ ଶୂନ୍ୟ ଦିଶୁଛି
ଚିନ୍ତାର କାରଣ ତହୁଁ ଲାଗୁଛି !!
ହେ ଚାଷୀ..........(୩)

ବୈଜ୍ଞାନିକ ଚାଷ କୃଷି ସାରିବ
କୃଷକର ପେଟ କିଏ ଭରିବ ?
ପୁରୁଣା ପଦ୍ଧତି ଚାଷ କରିବା
ଜମି ଉର୍ବରତା ବଞ୍ଚାଇ ଥିବା !!
ହେ ରାଷୀ...........(୪)

ଗାଇ, ଛେଳି, ମେଣ୍ଢା କୁକୁଡ଼ା ଆଦି
ରଖିବା ଘରରେ ଏ ସବୁ ଯଦି
ତାଙ୍କ ମଳ ମୁତ୍ର ଜମିରେ ଦେବା
ଅଧିକ ଫସଲ ଆମ୍ଭେ ପାଇବା !!
ହେ ଚାଷୀ.......(୫)

ପ୍ରାକୃତିକ ଚାଷେ ଲାଭ ଅଧିକ
ବୁଝି ଛନ୍ତି ଏବେ କୃଷକ ଲୋକ
ପଶୁ ପାଳନ ର ମହତ୍ତ୍ୱ ଦେବେ
ସେଥି ରୁ ମଧ୍ୟ ଲାଭ ପାଇବେ !!
ହେ ଚାଷୀ.........(୬)

ପୁନର ଉଦ୍ଧାର ଜମିର ହେବ
ଶସ୍ୟ ପାଇଁ ଅଳ୍ପ ଜଳ ଲାଗିବ
ମୋଟା ଧାନ ଚାଷ କରିବା ଭାଇ
ନୀରୋଗ ରଖିବ ଆମ୍ଭକୁ ଏହି !!
ହେ ଚାଷୀ.........(୭)

ଅଣୁ ଜୀବ ହେବେ ତହୁଁ ଉତ୍ପତ୍ତି
କେଞ୍ଚୁଆ ଦେଖିବା ବିଲେଇ ନିତି
ଜୈବିକ ଖତର ବହୁ ମହତ୍ତ୍ୱ
ମାଟିର ଉର୍ବର ଥିବ ଅନନ୍ତ !!
ହେ ଚାଷୀ ..........(୮)

ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ
ରାଜ୍ୟ !

## ସୁକର୍ମ ସୁଫଳ ଦେବ

### ନିରଞ୍ଜନ ସାହୁ




ଭାବନାହିଁ କେବେ ଯାହା କରୁଅଛ
ଭଲ ସବୁଠାରୁ ତାହା
ସମୟ ଆସିବ ବୁଝି ବି ପାରିବ
କରିଗଲ ତୁମେ ଯାହା ।

ଭଲକାମ ଆଉ ମନ୍ଦକାମ କ'ଣ
ଏବେଠାରୁ ବୁଝିନିଅ
ସଦା ଭଲକାମ କରିବା ପାଇଁକି
ମନକୁ ବୁଝାଇ ଦିଅ
ଭଲକାମ ନିଶ୍ଚେ ଆଣିବ ସୁଫଳ
ବିପଦେ ହୋଇବ ସାହା ।


କର୍ମ ଜୀବନର ମାନଦଣ୍ଡ ଅଟେ
ଏହିକଥା ଜାଣିଥାଅ
ପ୍ରାଣୀ କର୍ମଫଳ ଅବଶ୍ୟ ଭୁଞ୍ଜଇ
ସୁକର୍ମର ଜୟ ଗାଅ
କୁକର୍ମ କରିଲେ ଏହି ସଂସାରରେ
କେହି କରିବେନି ଆହା ।

କର୍ମବୀର ସଦା ପ୍ରଂଶସାର ଯୋଗ୍ୟ
ଆଳସ୍ୟ ମନରୁ ତେଜ
ସୁକର୍ମ କରିଲେ ସୁଫଳ ଲଭିବ
ଏହି କଥାଟିକୁ ହେଜ
କରମର ଫଳ ସୁଫଳ ହୋଇଲେ
ମିଳିବ ବଞ୍ଚିବା ରାହା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩







ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୩୦



ଡ.ସିନ୍ଧୁ ସେନ୍

ଦୁଃଖ ଜାଣିବାର ଅଧିକାର ଆପଣଙ୍କର ଅଛି, ଝରଣା ଜଳରେ ମୋର ଅସହାୟ ଭାବେ କାନ୍ଦିବାର କାରଣ ଯଦି ଜାଣି ପାରିଲେ, ତେବେ ଏବେ ମୋ ମନର ଅକୁହା କଥାକୁ ଜାଣିପାରୁ ନାହାନ୍ତି କେମିତି ? ଆଉ ଯଦି ସତରେ ଜାଣିପାରୁ ନାହାନ୍ତି ତେବେ ମୋ ଡାକରାରେ ମୋତେ ଅନୁସରଣ କରି ପଛେପଛେ ଆସୁଛନ୍ତି କେମିତି ?

ମୋ ଆଗେଆଗେ ମନ୍ଦୋଦରୀ ଚାଲୁଥିଲେ ମୋ ଦୃଷ୍ଟି ଥିଲା ତାଙ୍କ ପାଦଦୁଇଟିରେ । ସତରେ କି କୋମଳ, ସୁନ୍ଦର ପାଦ । ଓଃ... କି ସୁନ୍ଦର ଚାଲି, ଧୀରେଧୀରେ ପାଦ ପକାଇ ସେ ଆଗକୁ ବଢୁଥିଲେ । ଆଉ ମୁଁ ପଛେପଛେ ଆଗେଇ ଚାଲିଥିଲି । ସେଇ କ୍ଷଣିକ ସମୟ ପାଇଁ ସତେ ଯେମିତି ମୁଁ ମନ୍ଦୋଦରୀ ପାଖରେ ବନ୍ଧା ପଡ଼ି ଯାଇଥିଲି । ଭୁଲି ଯାଇଥିଲି ମୁଁ ଲଙ୍କାର ରାଜା । ମୁଁ ତ କେବଳ ମନ୍ଦୋଦରୀର ପ୍ରେମ ଫାଶରେ ବନ୍ଧା ହୋଇଯାଇଥିଲି । ଆଉ ମନ୍ଦୋଦରୀ ମୋତେ ଟାଣିଟାଣି ନେଉଥିଲା ଆଗକୁ ଆଗକୁ ।

ଆଶ୍ରମରେ ପହଞ୍ଚିବା ମାତ୍ରେ ମୟଦାନବ ମୋତେ ଖୁବ୍ ସ୍ୱାଗତ ସମ୍ବର୍ଦ୍ଧନା କଲେ । ମୋ ପରିଚୟ ଜାଣିବା ପରେ ତାଙ୍କର ମୋ ପ୍ରତି ସମ୍ମାନବୋଧ ଯଥେଷ୍ଟ ବଢ଼ି ଯାଇଥିଲା । ମୋତେ ଆସନରେ ବସାଇ କହିଲେ ତୁମେ ବିଶ୍ରବା ନନ୍ଦନ ରାବଣ । ତୁମ ବିଷୟରେ ମୁଁ ଅନେକ ଶୁଣିଥିଲି । ହେଲେ ଦେଖିବାର ସୌଭାଗ୍ୟ ପାଇନଥିଲି । ଆଜି ମୋ କନ୍ୟା ମନ୍ଦୋଦରୀ ପାଇଁ ଆପଣଙ୍କୁ ଅତିଥି ରୂପେ ପାଇ ନିଜକୁ ଭାଗ୍ୟବାନ ମନେକରୁଛି । ଅନୁରୋଧ କରୁଛି ଆପଣ ଏଠାରେ କିଛିଦିନ ଅବସ୍ଥାନ କରି ମୋ ଆତିଥ୍ୟକୁ ସ୍ୱୀକାର କରିବେ । ମୟଦାନବଙ୍କ ମୁହଁରୁ ଏତକ ଶୁଣି ମୁଁ ନିଜକୁ କୃତକୃତ ମନେ କରୁଥିଲି । ବାସ୍ତବରେ କି ସୁନ୍ଦର ଏ ଆଶ୍ରମର ପରିବେଶ ମନେ ପଡ଼ି ଯାଉଥିଲା ପିଲାଦିନେ ବାପାଙ୍କ ସହ ବିତାଇଥିବା ଆଶ୍ରମ ଜୀବନ । ଯେଉଁଠିଥିଲା କିଛି ନୀତି, ଆଦର୍ଶ ଆଉ ପରମ୍ପରା । ଆଉ ଏଠି ମୟଦାନବଙ୍କ ଆନ୍ତରିକତା, ଆତିଥ୍ୟତା, ଆଉ ଅନ୍ତର ଭରା କୃତଜ୍ଞତା । ସତରେ କେତେ ସ୍ନେହୀ ମୟଦାନବ । ଖୁବ୍ ଅଳ୍ପଦିନ ମଧ୍ୟରେ ସେ ମୋ ନିକଟରେ ଏତେ ଖୋଲାପ୍ରାଣର ମଣିଷଟିଏ ହୋଇଗଲେ କେମିତି ? ନହେଲେ କେହି କ'ଣ ତା ଜୀବନର ଅକୁହା କଥାକୁ ଏକ ଅଜଣା ଲୋକ ପାକରେ ବ୍ୟକ୍ତ କରିଦେବ ? ମୋତେ ବା ମୟଦାନବ କେତେ ଜାଣନ୍ତି, ତଥାପି ପ୍ରଥମ ଦେଖାରେ ତାଙ୍କର ମୋ ପ୍ରତି ଏତେ ଆତ୍ମୀୟତା, ଅନ୍ତରଂଗତା, ମୋତେ ବିଭୋର କରି ଦେଉଥିଲା ।

ମୟଦାନବ କହି ଚାଲିଥିଲେ ନିଜର ଅକୁହା ବ୍ୟଥାଭରା ଜୀବନ କାହାଣୀକୁ । ସେ ସତରେ କହୁଥିଲେ ନା ମୋ ହୃଦୟର ସିକ୍ତ କାନ୍‌ଭାସ ଉପରେ ଆଙ୍କି ଚାଲିଥିଲେ ଜୀବନ କାହାଣୀର ଚିତ୍ରପଟଟିଏ । ମନ୍ଦୋଦରୀଙ୍କ ଜନ୍ମବୃତ୍ତାନ୍ତ ବର୍ଣ୍ଣନା କଲାବେଳେ ସେ ଏମିତି ଭାବବିହ୍ୱଳ ହୋଇ ପଡୁଥିଲେ ଯେ ମୁଁ ତାଙ୍କ ଆଖି ସହ ଆଖି ମିଶାଇ ଚାହିଁ ପାରୁ ନଥିଲି । ମୁଁ କେବଳ ମନଧ୍ୟାନ ଦେଇ ଶୁଣୁଥିଲି ତାଙ୍କ କାହାଣୀ । ହିରଣ୍ୟପୁର ରାଜ୍ୟରେ ମୟଦାନବଙ୍କ ଜନ୍ମ, ଯୌବନ କାଳରେ ତାଙ୍କର ଜଣେ ଅପ୍‌ସରାଙ୍କ ସହ ସାକ୍ଷାତ ହୋଇଥିଲା । ଯିଏ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ସେଇ ହେମାଙ୍କ ସହ ପ୍ରଥମ ସାକ୍ଷାତରୁ ଆରମ୍ଭ ହୋଇଥିଲା ପ୍ରେମ ଆଉ ତାପରେ ପ୍ରଣୟ । ଶେଷରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ମୟଦାନବ ନିର୍ମାଣ ବିଦ୍ୟାରେ ବହୁତ ଧୁରନ୍ଧର । ସ୍ୱୟଂ ବିଶ୍ୱକର୍ମାଙ୍କ ସମକକ୍ଷ । ହେମାଙ୍କୁ ସୁଖରେ ରଖିବାପାଇଁ ସେ ଏକ ସୁନ୍ଦର ପ୍ରାସାଦଟିଏ ନିର୍ମାଣ କରିଥାନ୍ତି । ମାତ୍ର ହେମା ତାଙ୍କ ସ୍ୱପ୍ନକୁ ଅଧୁରା କରି ମନ୍ଦୋଦରୀକୁ ତାଙ୍କ କୋଳରେ ଟେକିଦେଇ ସ୍ୱର୍ଗପୁରୀ ଯାତ୍ରା କରନ୍ତି । ମନ୍ଦୋଦରୀ ତେଣୁ ଶୈଶବ ଅବସ୍ଥାରୁ ମାତୃସ୍ନେହରୁ ବଞ୍ଚିତା । କେତେକଷ୍ଟରେ କିପରି ମୟଦାନବ ନିଜ କନ୍ୟାକୁ ବାପା ମାଆ ଉଭୟ ସ୍ନେହ ଦେଇ ମଣିଷ କରିଛନ୍ତି ସେସବୁ ବର୍ଣ୍ଣନା କରୁଥିବା ବେଳେ ତାଙ୍କ ଆଖିରୁ ଝରି ପଡୁଥାଏ ଧାରଧାର ଲୁହ । ମନ୍ଦୋଦରୀ ଏବେ ପ୍ରାପ୍ତ ଯୌବନା, ଆଉ ସେଇଥିପାଇଁ ପିତା ହିସାବରେ ଜାମାତା ଖୋଜିବା ପାଇଁ ସେ ଅନେକ କିଚି କଲେଣି, ଏତକ କହି ମୟଦାନବ ନିରବୀ ଗଲେ । ମୟଦାନବଙ୍କ ଦୁଃଖରେ ମୋ ହୃଦୟ ତରଳି ଯାଉଥିଲା । ଭାବୁଥିଲି ମୋ ଠାରୁ ସେ କି ପ୍ରକାର ସାହାଯ୍ୟ ଚାହୁଁଛନ୍ତି । ମନେମନେ ସଂକଳ୍ପବଦ୍ଧ ହେଲି ଯେତେ ଯାହା ହେଲେ ବି ମୟଦାନବଙ୍କ ଇଚ୍ଛାକୁ ସମ୍ମାନ ଦେବି । ଏଇ ଅଳ୍ପ କେଇଦିନର ରହଣୀ ମଧ୍ୟରେ ମୟଦାନବ ଆଉ ତାଙ୍କ କନ୍ୟା ମନ୍ଦୋଦରୀ ପାଇଁ ମୋ ହୃଦୟରେ ଏକ ସ୍ପନ୍ଦନ ଅନୁଭବ କରୁଥିଲି । ମୋତେ ଯେମିତି ଲାଗୁଥିଲା ମୋ ଅଜାଣତରେ ମୁଁ ସେମାନଙ୍କ ଆଡ଼କୁ ଆକର୍ଷିତ ହୋଇ ପଡ଼ିଥିଲି ।

ମୟଦାନବଙ୍କ କଥା ତଥାପି ସରି ନଥିଲା ସେ କହୁଥିଲେ, ଏବେ ମୁଁ ବୃଦ୍ଧ ବୟସରେ ଉପନୀତ । ଆଜିପର୍ଯ୍ୟନ୍ତ ମୋର ଏଇ କନ୍ୟାରତ୍ନଟିର ମୁହଁକୁ ଚାହିଁ ବଞ୍ଚିରହିଛି । ଆପଣଙ୍କ ସହ ସାକ୍ଷାତ ହେବାପରେ ମୋର ଯେମିତି ମନେହେଉଛି, ମୋର ଆଶାୟୀ ମନ ଯାହା ଚାହୁଁଥିଲା ତାହା ଏବେ ମୋତେ ମିଳିଯାଇଛି । ମୋତେ ସବୁ ଆଶ୍ଚର୍ଯ୍ୟ ଲାଗୁଥିଲା । ମୟଦାନବ ତେବେ କ'ଣ କହିବାକୁ ଚାହୁଁଛନ୍ତି । ତାଙ୍କ ସହିତ ମୋର ଏଇ ତ ପ୍ରଥମ ସାକ୍ଷାତ । ଏଇ ଥରୁଟିଏ ସାକ୍ଷାତରେ ମୋ ପ୍ରତି ତାଙ୍କର ଏତେ ଆତ୍ମୀୟତା, ବ୍ୟାକୁଳତା । ମୁଁ ତ ଆଦୌ ଏସବୁ ଆଶା କରି ନଥିଲି । ମୟଦାନବଙ୍କ ଆଲିଙ୍ଗନ ପାଶରେ ମୁଁ ରହିଯାଇଥିଲି । ସେ ଛଳଛଳ ଚକ୍ଷୁରେ ମୋତେ କହୁଥିଲେ । ହେ ବିଶ୍ରବାନନ୍ଦନ । ମୁଁ ତୁମକୁ ଜାମାତା ଭାବେ ବରଣ କରିବାକୁ ଚାହେଁ । ମୋର ଏଇ କନ୍ୟା ମନ୍ଦୋଦରୀ ପାଇଁ ତୁମେ ହିଁ ତାର ଯୋଗ୍ୟ ପତି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


ହଁ.... ଯିଏ ମୋ ମନକୁ ଏଭଳି ମୋହାଚ୍ଛନ୍ନ କରିସାରିଛି ଯିବା ପୂର୍ବରୁ ଅନ୍ତତଃ ପକ୍ଷେ ତାର ପରିଚୟ ଜାଣିବା ଦରକାର । ତେଣୁ ସଂକୋଚ ନକରି କହିଲି ମୁଁ ଲଙ୍କାର ରାଜା ବିଶ୍ରବା ସୁତ ରାଣ । ମୋ ନିକଟରେ ତୁମର ପରିଚୟ ଦେବାପାଇଁ ଯଦି କିଛି ଆପତ୍ତି ନଥାଏ ତେବେ ବିନା ଦ୍ୱିଧାରେ ପ୍ରକାଶ କର "ତୁମେ କିଏ ? କାଳବିଳମ୍ବ ନକରି ସଂଗେସଂଗେ ତରୁଣୀ ଜଣକ କହିଲେ ମୁଁ ମନ୍ଦୋଦରୀ ମୟଦାନବଙ୍କ କନ୍ୟା । ଏଇ ନିକଟରେ ଆମ ଆଶ୍ରମ । ଆପଣ ଆଜି ମୋତେ ସାହାଯ୍ୟ କରି ଋଣୀ କରି ଦେଇଛନ୍ତି । ଆସନ୍ତୁନା, ଆମ ଆଶ୍ରମକୁ । ବାପା ଆପଣଙ୍କୁ ଦେଖି ବହୁତ ଖୁସି ହେବେ । ତାର ଅନୁନୟ ଭରା ନିମନ୍ତ୍ରଣକୁ ଏଡ଼ାଇ ପାରିଲି ନାହିଁ । ବରଂ ଅତି ଆଗ୍ରହରେ ତା ପଛେପଛେ ତାକୁ ଅନୁସରଣ କଲି । ଯିବା ବାଟରେ ପଚାରିଲି ଯଦି କିଛି ନ ଭାବ ତେବେ ଗୋଟିଏ ପ୍ରଶ୍ନ ପଚାରିବି ଗୋଟିଏ କାହିଁକି ଶତଶତ ପ୍ରଶ୍ନ ପଚାରିବାର ଅଧିକାର ତ ଆପଣଙ୍କର ଅଛି । ଆପଣ ଆମ ରାଜ୍ୟର ରାଜା ନା । ତରୁଣୀଟି ମୁହଁରେ ଫୁଟି ଉଠିଥିଲା ହସର ଫୁଆରା । ସତରେ ଯେମିତି ସେଇ ହସ ମଧ୍ୟରେ ସେ ମୋର ପ୍ରଶ୍ନର ଉତ୍ତର ଦେଇ କହୁଥିଲା ଅବିବାହିତା ବୋଲି କ'ଣ ମୁହଁ ଖୋଲି କହିବାକୁ ପଡ଼ିବ ରାଜ । ଆପଣ କ'ଣ ମୋ ମନର ଅକୁହା କଥା ଜାଣିପାରୁ ନାହାନ୍ତି । ନା ଜାଣିଶୁଣି ନଜାଣିବାର ଅଭିନୟ କରୁଛନ୍ତି । ଆପଣା ପରା ରାଜା, ପ୍ରଜାମାନଙ୍କର ସୁଖ




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦଭେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୫୬ ॥

ଘରେ ବାହାଘର, ବ୍ରତଘର, ପିତୃ ଶ୍ରାଦ୍ଧ ବା ମଉଳା ଶ୍ରାଦ୍ଧ ହେଲେ, କୁଳ ପୁରୋହିତ ବାପାଙ୍କୁ ସ୍ମରଣ କରାଇ ଦେବା ପାଇଁ ପଚାରୁଥିଲେ,'ଗୋତ୍ରର ନାମ କହନ୍ତୁ ।' ବାପା କହୁ ଥିଲେ ' କଶ୍ୟପ ।' ମୁଁ ଜାଣିଥିଲି ଯେ କଶ୍ୟପ ହେଉଛନ୍ତି ଆମର ପ୍ରଥମ ପୂର୍ବଜ, ଯାହାଙ୍କ ଠାରୁ ଆମର ବଂଶ ସୃଷ୍ଟି ହୋଇଥିଲା । ବହୁତ ବର୍ଷ ପୂର୍ବେ ଉତ୍ତର ଆକାଶରେ ଧ୍ରୁବ ତାରା ନିକଟରେ କଶ୍ୟପ ନାମରେ ଏକ ତାରକା ଦେଖା ଦେଇଥିଲେ । ନବମ ଶ୍ରେଣୀରେ ପଢିଲାବେଳେ, ବାପା ମୋ ପାଇଁ ତେର ଖଣ୍ଡ ଭାଗବତ, ଖଣ୍ଡେ ଗୀତା ବହି ଏବଂ ଓଡ଼ିଶା, ଭାରତ ଓ ପୃଥିବୀର ତିନୋଟି ମାନଚିତ୍ର ଆଣି ଦେଇଥିଲେ । ମୁଁ ଭାଗବତରେ ବର୍ଣ୍ଣିତ କଶ୍ୟପଙ୍କୁ ସେହି ମାନ ଚିତ୍ରରେ ଖୋଜିଥିଲି, ଖୋଜିଥିଲି ହରପ୍ପା, ମହେଞ୍ଜୋ ଦାରୋ, ରାକ୍ଷୀ ଗଡ, ମେହେରଗଡର ଭଗ୍ନ ସ୍ତୁପ ତଳେ । ଉତ୍ତର ଆକାଶରେ !! ସେ ମୋତେ କେଉଁଠାରେ ବି ମିଳି ନଥିଲେ । ସେଦିନ ମୋର ମନେ ହୋଇଥିଲା, ଭାଗବତରେ ବର୍ଣ୍ଣିତ ଏହି କଶ୍ୟପ ଏବଂ ତାଙ୍କର ସୃଷ୍ଟି ରଚନା ଏକ କପାଳ କଳ୍ପିତ ମନୋରଞ୍ଜକ କାହାଣୀ । କିନ୍ତୁ ଆଜି ଷାଠିଏ ବର୍ଷ ପରେ ମୁଁ ସେହି ଭାଗବତକୁ ଧ୍ୟାନର ସହିତ ଅଧ୍ୟୟନ କରି ଏହାର ପ୍ରତିଟି ପଦରେ ଥିବା ସତ୍ୟତାକୁ ମୁଁ ଅନୁଭବ କରୁଛି !! .

...... ହଁ, ଏହିଠାରୁ ହିଁ ମୋର ଉପକ୍ରମଣିକା ଶେଷ ହେଲା । ଏବଂ, ଉପନ୍ୟାସର ଆରମ୍ଭ ହେଲା ।

ପ୍ରଥମେ ଶୂନ୍ୟ ମହାକାଶରେ ମହତ୍ ବିକାରର ତରଙ୍ଗମାନ ସୃଷ୍ଟି ହେଲା । ସେଥିରୁ ସୂକ୍ଷ୍ମାତି ସୂକ୍ଷ୍ମ ପରମ ଅଣୁ ନାଭିକମାନେ ସୃଷ୍ଟି ହେଲେ । ସୃଷ୍ଟି ହେଲା ଆଦି ଜ୍ୟୋତି । ସେଥିରୁ ବିଭିନ୍ନ ଉତ୍ତପ୍ତ ବାଷ୍ପ ଓ ଆଲୋକ ସୃଷ୍ଟି ହେଲେ । ସେମାନେ ଶୀତଳ ହେଲେ ଓ ବିଶେଷ ଅଣୁ ମାନେ ଏକାଠି ହୋଇ ଏକ ପରମ ଅଣୁ ସୃଷ୍ଟି କଲେ । ସୃଷ୍ଟି ହେଲା ଓମ୍ ଶବ୍ଦ । ପରମାଣୁର ନାଭିକରୁ ସୃଷ୍ଟି ହେଲା ସୃଜନ ରୂପକ ପଦ୍ମ । ସେହି ପଦ୍ମ ଉପରେ ବସି ଜଡ ଓ ଜୀବ ମଧ୍ୟରେ ଥିବା ବ୍ରହ୍ମ ବା ବ୍ରହ୍ମା ସୃଷ୍ଟି ସର୍ଜନା କଲେ । ତାହା ମଧ୍ୟରେ ବୈଦ୍ୟୁତିକ ପରମାଣୁଟି ଘୁରିବାରେ ଲାଗିଲା ଓ ଚକ୍ର ସୃଷ୍ଟି ହେଲା । ଏହା ପରେ ବିଭିନ୍ନ ଅଣୁ ମାନେ ଏକତ୍ରିତ ହୋଇ ପଦାର୍ଥ ମାନଙ୍କୁ ସୃଷ୍ଟି କଲେ ଓ ଗଦା ବା ସ୍ତୁପ ଶକ୍ତି ସୃଷ୍ଟି ହେଲା । ସୃଷ୍ଟି ହେଲା ଏକ ସୁବର୍ଣ୍ଣ ବା ଆଦି ଅନ୍ତହୀନ ଅଣ୍ଡ । ଅଣ୍ଡରୁ ସୃଜନ ଉପାଦାନ ସହ ପ୍ରଜାପତି ନୀହାରିକା ସୃଷ୍ଟି ହେଲା । ତାରକା ମାନଙ୍କ ମୃତ୍ୟୁ ହେଲା ଓ କୃଷ୍ଣାବର୍ତ୍ତ ରୂପକ ଶଙ୍ଖ ସୃଷ୍ଟି ହେଲା । ତାପରେ ଏକ ସୁବର୍ଣ୍ଣ ଅଣ୍ଡର ବିସ୍ଫୋରଣ ହୋଇ ଧ୍ରୁବ ତାରା, ସନକ, ସନତ, ସନାତନ, ସନନ୍ଦ,ଅନ୍ୟାନ୍ୟ ନକ୍ଷତ୍ର ଏବଂ କଶ୍ୟପ ନକ୍ଷତ୍ର ଓ ଅଦିତି ଜ୍ୟୋତିର ମିଳନରୁ ସୂର୍ଯ୍ୟ ସୃଷ୍ଟି ହେଲେ । ତାହାପରେ ପୃଥିବୀ ସୃଷ୍ଟି ହେଲା । କ୍ରମେ ନବଧା ପ୍ରଜାପତି ମାନେ ପୃଥିବୀରେ ତାରକାମାନଙ୍କ ଅଣୁରେ ପୃଥିବୀରେ ପଦାର୍ଥ ମାନ ସୃଷ୍ଟି କଲେ । ଏହି ପରମାଣୁ ସଂରଚନା କରୁଥିଲେ ଉପେନ୍ଦ୍ର ବା ବାମନ ପ୍ରଜାପତି । କଶ୍ୟପ ଏହି ଜନ୍ମରେ ଜଳ ମଧ୍ୟରେ ଜୀବକୋଷ ସଂରକ୍ଷଣ କରୁଥିଲେ । ପୃଥିବୀର ନାଭି ବା ବିଷୁବ ବୃତ୍ତ ଅଞ୍ଚଳରୁ ପୁଣି ଜୀବ ଗଠନ ହେଲା । ଏହି ପରି ପରମାଣୁ ମାନେ ପୃଥିବୀରେ ସମସ୍ତ ଜୀବ ଓ ଜଡ ଦେହ ରେ ବ୍ୟାପି ଗଲେ । ଆନ୍ତ ର୍ବିଜ୍ଞାନରେ ଏହି ଶକ୍ତି ମାନଙ୍କର ସ୍ୱତନ୍ତ୍ର ସ୍ୱରୂପ, କାର୍ଯ୍ୟ ଓ ନାମ ଥିଲା । ଏମାନେ ଆଦି ମାତା, ସମୟ ରୂପକ ଶିବ, ବ୍ରହ୍ମା, ବିଷ୍ଣୁ, ଅଦିତି, କଶ୍ୟପ ଆଦି ନାମରେ ନାମିତ ହେଲେ । ପୃଥିବୀରେ ଜୀବ ସୃଷ୍ଟି ହେଲେ, ଉଲକା ପାତରେ ବିନାଶ ହେଲେ ଏବଂ ହିମାଳୟର ଉଦ୍ଭବ ପୂର୍ବରୁ ନୃବାନର ପର୍ଯ୍ୟନ୍ତ ସୃଷ୍ଟି ହୋଇ ସେହି ଅବିଭକ୍ତ ପୃଥିବୀରେ ବ୍ୟାପିବାରେ ଲାଗିଲେ । ହିମାଳୟର ଉଦ୍ଭବ ପରେ ବରାହ ମାନେ ସେହି କର୍ଦ୍ଦମାକ୍ତ ପୃଥିବୀକୁ ଶସ୍ୟ ଉପଯୋଗୀ କରିଥିଲେ । ନୃବାନର ମାନେ କ୍ରମେ ଆଫ୍ରିକାରୁ ଆସି ଏସିଆ ଓ ଇୟୁରୋପ ଆଦି ସ୍ଥାନରେ ସଭ୍ୟ ମାନବରେ ପରିଣତ ହେଲେ । ପ୍ରାୟ ପଚାଶ ହଜାର ବର୍ଷ ପୂର୍ବେ ଜଳ ବାୟୁରେ ପରିବର୍ତ୍ତନ ହେତୁ ସେଥିରୁ କେତେକ ଦଳ ଭାରତରେ ପ୍ରବେଶ କଲେ । ସେମାନେ ଉତ୍ତର ଆଡ଼କୁ ଗତି କଲେ ଓ ଓଡ଼ିଶା, ମଧ୍ୟ ପ୍ରଦେଶ, ପଶ୍ଚିମବଙ୍ଗ ଆଦି ଅଞ୍ଚଳରେ ବାସ କଲେ । ଏହି ମାନେ ଦ୍ରାବିଡ଼ ଥିଲେ । ଏହି ସ୍ଥାନରେ ବ୍ରହ୍ମା ସ୍ୱୟମ୍ଭୁବ ଓ ଶତ ରୂପାଙ୍କୁ ସଭ୍ୟମାନବ ରୂପେ ନିଜ ଦେହରୁ ସୃଷ୍ଟି କରିଥିଲେ ।

ଭାଗବତ ଅନୁସାରେ ସ୍ୱୟମ୍ଭୁବଙ୍କ ପୁତ୍ର ପ୍ରିୟ ବ୍ରତ ନିଜ ରଥରେ ପୃଥିବୀର ଅଧିକାଂଶ ଅଞ୍ଚଳ ଭ୍ରମଣ କରିଥିଲେ । ଯଦିବା ସେହି ଅଞ୍ଚଳରେ ଶାସନ କର୍ତ୍ତାମାନେ ରହିଥିଲେ ଏବଂ ପ୍ରିୟବ୍ରତଙ୍କର କୌଣସି ଅଧିକାର ନଥିଲା, ତଥାପି ସେ ନିଜ ପୁରୁଷାର୍ଥ ବଳରେ ବିନା ଯୁଦ୍ଧରେ ଏହି ସାମ୍ରାଜ୍ୟ ଜୟ କରିଥିଲେ । ଏକ ମନେ ହେଉ ଥିବା ସମୁଦ୍ରକୁ ସେ ସାତ ଭାଗରେ ବିଭକ୍ତ କରିଥିଲେ । ପ୍ରିୟବ୍ରତ ଓଡ଼ିଶାର ଗନ୍ଧ ମାର୍ଦ୍ଦନ(ବଲାଙ୍ଗୀର, ବରଗଡ଼) ପର୍ବତରେ ବ୍ରହ୍ମା ଓ ବିଷ୍ଣୁଙ୍କ ସଭାରେ ଯୋଗ ଦେଇଥିଲେ । ତାଙ୍କର ପୁତ୍ର ଅଗ୍ନିଧ୍ର ଜମ୍ବୁ ଦ୍ୱୀପ ଓ ଇନ୍ଦ୍ରଜିତ ପ୍ଲକ୍ଷ ଦ୍ୱୀପର ଶାସନ କର୍ତ୍ତା ଥିଲେ । ଅଗ୍ନିଧ୍ର ମନ୍ଦର ପର୍ବତରେ ଅପସରୀ ପୂର୍ବଚିତ୍ତିଙ୍କୁ ବିବାହ କରିଥିଲେ । ଏହି ବଂଶରେ ଋଷଭଙ୍କଠାରୁ ଋଷି ଶବ୍ଦର ଉତ୍ପତ୍ତି ହୋଇଥିଲା । ଏହି ମାନଙ୍କ ବଂଶଜମାନେ ଋଷିଆ ପର୍ଯ୍ୟନ୍ତ ବସତି ସ୍ଥାପନ କରିଥିଲେ । ପ୍ରିୟ ବ୍ରତଙ୍କ ପୁତ୍ର ଉତ୍କଳ, ଉତ୍କଳର ଶାସନ କର୍ତ୍ତା ଥିଲେ । ତାଙ୍କ ସମୟରେ ଉତ୍କଳ କଳାରେ ଅତି ଉତ୍କର୍ଷ ଲାଭ କରିଥିଲା । ଏହି ବଂଶର ଭରତଙ୍କଠାରୁ ସୂର୍ଯ୍ୟ ବଂଶ ପ୍ରତିଷ୍ଠା ହୋଇଥିଲା । ଭ ଚକ୍ରର ଅର୍ଥ ରାଶି ବା ନକ୍ଷତ୍ର ଚକ୍ର । ଭରତଙ୍କ ସହିତ ତେଣୁ ରାଶି, ନକ୍ଷତ୍ରର କୌଣସି ପ୍ରକାର ସମ୍ପର୍କ ଥିଲା । ତାଙ୍କର ଅନ୍ୟତମ ଭାଇ ଦ୍ରବିଡ ଏବଂ ପରେ ମହୀଶୂରରେ ମଳୟ କେତୁ ଦ୍ରାବିଡ଼ ମାନଙ୍କ ରାଜା ଥିଲେ । ସେହି ପୁଣ୍ୟ ପୁରୁଷ ଭରତ ଆମ ମହାନଦୀରେ ଦିନେ ଜଳ ତର୍ପଣ କରୁଥିଲେ । ବର୍ଷରେ ଆଲୋକ ଯେତିକି ପଥ ଅତିକ୍ରମ କରେ, ପ୍ରିୟବ୍ରତଙ୍କ ସାମ୍ରାଜ୍ୟର ଆୟତନ ସେତିକି ଥିବାରୁ ଏହାର ନାମ ଭାରତ ବର୍ଷ ହୋଇ ଥିଲା । ଏହି ବର୍ଷ, ସମ୍ବତ୍ସର, ବତ୍ସର ଆଦି ଶବ୍ଦ ଶ୍ରୀବତ୍ସ ମୁନିଙ୍କ ନାମରେ ପ୍ରଚଳିତ ଥିଲା ।

ପୃଥିବୀରେ ପ୍ରଥମେ ସନକ, ସନନ୍ଦ, ସନାତନ ଆଦି ସତ୍ୟର ଅନୁସନ୍ଧାନ କରି ସମ୍ୟକ୍ ଜ୍ଞାନ ଲାଭ କରିଥିଲେ । ସେହି ଜ୍ଞାନ ହିଁ ସନାତନ ଧର୍ମ । ତାହାପରେ ବ୍ରହ୍ମା ସାତ ଋଷି ଓ ପରେ ଦଶ ଜଣ ଋଷି ପୁତ୍ରଙ୍କୁ ପୃଥିବୀର ସଭ୍ୟ ମାନବ ରୂପେ ଜନ୍ମ ଦେଲେ । ଏହି ସମୟରେ ଗଢି ଉଠିଲା ଋଷିଆ ଏବଂ ପରେ ମେଶୋ ପଟାମିଆ (ଇରାକ) ସଭ୍ୟତା । ଚତୁର୍ଥ ସଭ୍ୟ ମାନବ ରୂପେ ସେ ଶତ ରୂପା ଓ ସ୍ୱୟଂ ଭୁବଙ୍କୁ ଜନ୍ମ ଦେଲେ । ତୃତୀୟ ରେ ବ୍ରହ୍ମା ନୀଳ ଲୋହିତଙ୍କୁ ଜନ୍ମ ଦେଲେ । ସେହି ସମୟରେ ଆଫ୍ରିକାର ନୀଳ ନଦୀ ଓ ଲୋହିତ ସାଗର ମଧ୍ୟରେ ଗଢି ଉଠିଲା ମିଶର ସଭ୍ୟତା ବା ନୀଳ ଲୋହିତ ସଭ୍ୟତା । ଏହିମାନେ ହିଁ ତପସ୍ୟା ସିଦ୍ଧ ହୋଇ ରୁଦ୍ର ଓ ଆଦି ମନ୍ୟୁରୂପେ ସମ୍ମାନିତ ହୋଇ ଥିଲେ ।

ଏମାନଙ୍କ ସହିତ କଶ୍ୟପଙ୍କର କି ସମ୍ପର୍କ ଥିଲା ? ?


(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ଦିପ୍ତିମୟୀ ନାୟକ

# ନାରୀର ଲଜ୍ୟା ଅନ୍ୟମାନେ ଜାଣିବେ କାହିଁକି

ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ସମସ୍ୟା ରହିଥାଏ । ସେ ପୁରୁଷ ହୁଅନ୍ତୁ କିମ୍ବା ନାରୀ । ତେଣୁ ଆମେମାନେ ଯେଉଁ କହୁଛେ ନାରୀ କେବଳ ଅସହ୍ୟ ଯନ୍ତ୍ରଣା ସହେ ତାକୁ ଦିନଟିଏ ଛୁଟି ଦେବା ଜରୁରୀ ତେବେ ସେମାନଙ୍କୁ ମଧ୍ୟ ଗୋଟେ କଥା ପୁରୁଷ କଣ କୌଣସି ଶାରୀରିକ ଯନ୍ତ୍ରଣା ସହନ୍ତିନି ନା ସେମାନଙ୍କର ଗୋଟେ ବଳକା ଛୁଟି ନେବାକୁ ଇଚ୍ଛା ହୁଏନି । ଋତୁସ୍ରାବ ଏକ ସାଧାରଣ କଥା ତେଣୁ ଏକଥାକୁ ଏତେ ଚର୍ଚ୍ଚା କାହିଁକି । କଣ ପାଇଁ ନାରୀର ଲଜ୍ୟା ଏବଂ ଗୋପନୀୟତା ବିଷୟରେ ଅନ୍ୟମାନେ ଜାଣିବେ । କାହିଁକି ନାରୀଟିଏ ତା ପିରିୟଡ଼ ସମୟରେ ଜଣେଇବ ମୁଁ ପିରିୟଡ଼ ହୋଇଛି ମୋତେ ଛୁଟି ଦରକାର । ଛୁଟି ନେବାକୁ ଚାହିଁଲେ ସେ ଅନ୍ୟ କୌଣସି ଉପାୟରେ ଛୁଟି ନେଇପାରିବେ କିନ୍ତୁ ସେ କାହିଁକି ତାଙ୍କ କାର୍ଯ୍ୟାଳୟରେ ଜଣାଇବେ ମୁଁ ପିରିୟଡ଼ ହୋଇଛି ମୋତେ ଦିନଟା ଛୁଟି ଦରକାର । ଯଦିଓ ପିରିୟଡ଼ ସମୟରେ ନାରୀର ଯନ୍ତ୍ରଣା ଦ୍ୱିଗୁଣିତ ହୋଇଯାଇଥାଏ ତେବେ ଏହି ଦିନଟା ଛୁଟି କଣ ତାଙ୍କ ଯନ୍ତ୍ରଣାକୁ ଦୂର କରିଦେବକି । ସେ ଚାହିଁଲେ ୩ ଦିନ କିମ୍ବା ୭ ଦିନ ଛୁଟି ନେବାପାଇଁ କହିପାରିଥାନ୍ତେ କାରଣ ଗୋଟେ ଦିନରେ ଯନ୍ତ୍ରଣା ଦୂର ହୁଏନି । ତାହେଲେ କାହିଁକି ଗୋଟେ ଦିନ ଛୁଟି ନେବାକୁ ଯାଇ ସେ ତାଙ୍କ କାର୍ଯ୍ୟାଳୟର ସହକର୍ମୀ ମାନଙ୍କୁ ଜଣାଇବେ । କଣ ଆବଶ୍ୟକତା ରହିଛି ଏହି ଅଯଥା କଥା କହିବାରେ । ଅନେକ ସମୟରେ ଦେଖିବାକୁ ମିଳେ ଯଦି ଗୋଟେ ମହିଳା କୁହେ ତାର ପିରିୟଡ଼ ହୋଇଛି ସେତେବେଳେ ତା ସହଯୋଗୀ ମାନେ ଚିଡ଼ାଚିଡି କରନ୍ତି କଣ ଅନ୍ୟମାନେ ଏୟା ଚାହାଁନ୍ତି କି ନାରୀଟିଏ ଯେତେବେଳେ ତା ପିରିୟଡ଼ କଥା କହି ତା କାର୍ଯ୍ୟାଳୟରୁ ଛୁଟି ନେବ ସେତେବେଳେ ତା କାର୍ଯ୍ୟାଳୟ ଭିତରେ ଚର୍ଚ୍ଚା ହେଉ ସେ ପିରିୟଡ଼ ହୋଇଛି ସେଥିପାଇଁ କାର୍ଯ୍ୟାଳୟକୁ ଆସିନି ।



ସବୁ କଥା ସମସ୍ତଙ୍କୁ ଖୋଲାଖୋଲି ଭାବରେ କୁହାଯାଏନି ଯଦି ସେମିତି ହେଉଥାନ୍ତା ତାହାଲେ ନାରୀ ଓ ପୁରୁଷର ସହବାସ ସମସ୍ତଙ୍କ ସାମ୍ନାରେ ହୁଅନ୍ତା ତାଙ୍କ ପାଇଁ କୌଣସି କୋଠରୀର ଆବଶ୍ୟକତା ରୁହନ୍ତାନି । ଯେମିତି ସହବାସ ସମୟରେ ଗୋପନୀୟତା ଜରୁରୀ ହୋଇଥାଏ ଠିକ ସେମିତି କାର୍ଯ୍ୟରତ ମହିଳାଙ୍କ ପାଇଁ କାର୍ଯ୍ୟାଳୟରେ ତାଙ୍କ ଗୋପନୀୟତା କଥାକୁ ଗୋପନ ରଖାଯିବା ଜରୁରୀ । ଏଠି କେହି କେହି କହିବେ ନାରୀଟିଏ ଯଦି କହିବନି ତାର ଯନ୍ତ୍ରଣାକୁ କେହି ବୁଝିବେନି । ତେଣୁ ସେମାନଙ୍କୁ ଗୋଟେ କଥା ଯଦି ନାରୀର ଯନ୍ତ୍ରଣା ବୁଝୁଛ ଗୋଟେ ଦିନ ବଦଳରେ ୩ ଦିନ କିମ୍ବା ୭ ଦିନ ଛୁଟି ଦେବା କଥା ଉଠାଅ କିନ୍ତୁ ଗୋଟେ ଦିନ ଛୁଟି ନେବାକୁ ଯାଇ ତମ ମାସିକ ଋତୁସ୍ରାବ କେତେ ତାରିଖରେ ହୁଏ କାହାକୁ ଜଣାଅନି ଯଦି ଏତେ ଜଣେଇବାର ଇଚ୍ଛା ତେବେ ଜଣେଇ ହେଉଥାଅ । ନାରୀ ଯେତେ ନିଜକୁ ସୁରକ୍ଷିତ କହିଲେ ମଧ୍ୟ ସେ ଆଜି ଅସୁରକ୍ଷିତ । ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ ଯେତେ ଚିତ୍କାର କହିଲେ ସୁଦ୍ଧା ନାରୀ ଅବଳା ନାରୀ ଦୁର୍ବଳା । ଏକଥା କହିବାର ମାନେ ହେଲା ଯଦି ଆଜିର ନାରୀ ଅବଳା ଦୁର୍ବଳା ହୋଇନଥାନ୍ତା ତାହାଲେ ରାତି ଅନ୍ଧାରେ ଘରୁ ଏକା ଗୋଡ଼ କାଢ଼ିବାକୁ ଡରୁ ନଥାନ୍ତା କି ସେ ଯୁଆଡେ ଗଲେ ତା ସୁରକ୍ଷା କବଚ ତା ବାପ, ଭାଇ, ସାଙ୍ଗସାଥୀଙ୍କୁ ନେଇ ଯାଉନଥାନ୍ତା । କି ଏମିତି ରାତି ପାହିଲେ ବଡ଼ ବଡ଼ ଖବର କାଗଜରେ ଲେଖା ହେଉନଥାନ୍ତା ନାରୀ ଅସୁରକ୍ଷିତ ସବୁ କଥାର ଉଚିତ ବିଚାର ଥାଏ କିନ୍ତୁ ଏ କିଭଳି ବିଚାର ଯେଉଁଠି ଗୋଟେ ନାରୀଟିଏ ଛୁଟି ନେବାକୁ ଚାହିଁଲେ ତା ଗୋପନୀୟତା ତା କାର୍ଯ୍ୟାଳୟରେ ଜଣେଇବ । ସବୁ କାର୍ଯ୍ୟାଳୟରେ କଣ ନାରୀ ଥାଆନ୍ତି କିଛି କାର୍ଯ୍ୟାଳୟ ଗୁଡିକରେ ପୁରୁଷ ଥାଆନ୍ତି ତେଣୁ ସେ ଜଣେ ପୁରୁଷକୁ କାହିଁକି କହିବ ମୋର ଏହି କାରଣ ପାଇଁ ଛୁଟି ଦରକାର । ଦିନଟା ଛୁଟି ମାଗିବ ବାକି ଦିନ କଣ ଏୟା ଶୁଣିବ ହେଇଛି ତମର ବ୍ଲିଡ଼ିଙ୍ଗ ହେଉଛି ନା କମିଲାଣି କେତେ ତାରିଖରେ ସରିବ ତମର ପିରିୟଡ଼ । ତେବେ କାର୍ଯ୍ୟାଳୟ ଗୁଡିକରେ କାମ ହେବ ନା ଅନ୍ୟ ନାରୀ ମାନଙ୍କ ପିରିୟଡ଼ ବିଷୟରେ ଚର୍ଚ୍ଚା ହେବ । ପିରିୟଡ଼ କଥା ସମସ୍ତେ ଜାଣନ୍ତି । ସଚେତନ ମଧ୍ୟ ଅଛନ୍ତି । ଗୃହିଣୀ ମାନେ ମଧ୍ୟ ସେମାନଙ୍କ ପିରିୟଡ଼ ସମୟରେ ନିଜ କାମ ନିଜେ କରନ୍ତି । ଶାଶୁ ଶଶୁର, ପିଲା ଛୁଆଙ୍କ ଭଲ ମନ୍ଦ ବୁଝି ନିଜ ଆରମ ଭୁଲି ଯାଆନ୍ତି । କାରଣ ସେମାନେ ଜାଣନ୍ତି ଏ କଷ୍ଟ ସେମାନଙ୍କୁ ୩ ଦିନ କିମ୍ବା ୭ ଦିନ ସହିବାକୁ ହେବ ତା ବୋଲି ନୁହେଁ ସେମାନେ ନିଜ ଘର କାମ କରିବା ଛାଡି ଦିଅନ୍ତି । ଠିକ ସେମିତି ଗୋଟେ ଦିନରେ ଛୁଟି ନେଇ ଅଯଥା ନିଜ ଲଜ୍ୟାକୁ ଜଣେଇବା କିଛି ଦରକାର ନାହିଁ ଯଦି ପାରୁଛନ୍ତି ୩ ଦିନ କିମ୍ବା ୭ ଦିନ ଛୁଟି ଦିଅନ୍ତୁ । ଏହି ଗୋପନୀୟତାକୁ ଗୋପନ ରଖନ୍ତୁ କାରଣ ସବୁ ଗୋପନୀୟତା ସମସ୍ତଙ୍କୁ ଜଣାଯାଏନି । ଯଦିଓ କେହି କେହି କହିବେ ଆପଣ କେଉଁ ଯୁଗରେ ଅଛନ୍ତି ତେବେ ସେମାନଙ୍କୁ ମଧ୍ୟ ଗୋଟେ କଥା ଯେଉଁ ଯୁଗର ଦ୍ୱାହି ଦେଇ ତୁମେ ଏତେ ମଡ଼ନ କଥା କହୁଛ ତାହେଲେ କୁହ ଆଗକୁ ଯଦି କୌଣସି କାର୍ଯ୍ୟାଳୟରେ କିଛି ଅସୁବିଧା ହେବ ସେଥିପାଇଁ ତୁମେ ଦାୟୀ ହୋଇପାରିବ କି । ଉଦାହରଣ ସ୍ୱରୂପ ଯେତେବେଳେ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେବାକୁ ବିଦ୍ୟାଳୟ ପରିସର ଭିତରକୁ ପ୍ରବେଶ କରନ୍ତି ସେତେବେଳେ ଛାତ୍ରଛାତ୍ରୀ ମାନଙ୍କୁ ଚେକିଂ କରାଯାଏ ପୁଅ ପିଲାଙ୍କୁ ପୁଅ ସାର ଚେକିଂ କରନ୍ତି ଝିଅ ପିଲାଙ୍କୁ ଝିଅ ମାଡାମ ବା ମହିଳା ଶିକ୍ଷୟତ୍ରୀ ମାନେ ଚେକିଂ କରନ୍ତି । ଠିକ ସେମିତି ଗୋଟେ ନାରୀ ଯେତେବେଳେ ପିରିୟଡ଼ ହେବ ସେତେବେଳେ ସେହି କାର୍ଯ୍ୟାଳୟ ଜାଣିବ କେମିତି ଉକ୍ତ ମହିଳା ଜଣକ ପିରିୟଡ଼ ହୋଇଛନ୍ତି । ତାଙ୍କର ମଧ୍ୟ କିଛି ଚେକିଂ ହେବ ଏବଂ ଅନ୍ୟମାନେ ଜାଣିବେ ହଁ ସତରେ ଏ ପିରିୟଡ଼ ହୋଇଛନ୍ତି ୟାଙ୍କୁ ଦିନଟା ଛୁଟି ଦିଆଯିବ । ଆଉ ଯଦି ଉକ୍ତ କାର୍ଯ୍ୟାଳୟରେ କେହି ନାରୀ ନଥିବେ ତାହେଲେ ସେମାନଙ୍କର କେମିତି ଚେକିଂ ହେବ । ତେଣୁ ଗୋପନର କଥା ଗୋପନରେ ରହୁ ଯଦି ଆପଣଙ୍କର ଅସହ୍ୟ ଯନ୍ତ୍ରଣା ହେଉଛି ତେବେ ଆପଣ ଉକ୍ତ କାର୍ଯ୍ୟାଳୟରେ କହିପାରିବେ ମୁଁ ଶାରୀରିକ ଅସୁସ୍ଥତା ମନେ କରୁଛି ମୋତେ ନିହାତି ଛୁଟି ଆବଶ୍ୟକ । ତେଣୁ ଆପଣଙ୍କୁ ଛୁଟି ମିଳିଯିବ କିନ୍ତୁ ଅଯଥା ଦିନଟା ପାଇଁ ବାକି ଦିନ ଗୁଡିକ ଆଲୋଚନାର ଦିନ କରିଦିଅନ୍ତୁନି । ଏପରି କରିବା ଦ୍ୱାରା ଅନେକ ଅପରାଧ ଘଟିବ କେତେ ଯେ ଝିଅ ବଳାତ୍କାରର ଶିକାର ହେବେ ତାହାର କଳ୍ପନା ନାହିଁ । ତେଣୁ ନାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଗୋଟେ ଦିନ ଛୁଟିକୁ ହଟେଇ ଦିଅନ୍ତୁ ନଚେତ ସରକାର ଅନ୍ୟ କୌଣସି ଜରୁରୀ ଛୁଟି ଘୋଷଣା କରନ୍ତୁ ଯାହାଦ୍ୱାରା ପ୍ରତ୍ୟେକ ମହିଳା ଉପକୃତ ହେବେ ।


+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଶ୍ରମ କାର୍ଯ୍ୟାଳୟ ଛକ ନିକଟରେ ସ୍ଥାପିତ କରିବା ପାଇଁ ଦାବିପତ୍ର

ଜୟପୁର,୨୧/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ଥାନୀୟ ପୌର ପରିଷଦରେ ଦୀର୍ଘ ଦିନ ଧରି ପଡ଼ି ରହିଛି ଓଡ଼ିଶାର ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି। କିଛି ଦିନ ତଳେ ଜୟପୁର ମ୍ୟୁନିସିପାଲିଟିର କାଉନସିଲିଂ ବୈଠକରେ ଜୟପୁର ସ୍ଥିତ ମୁଖ୍ୟ ଟ୍ରାଫିକ ଛକ ନିକଟରେ ବିଜୁବାବୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବିଜୁଜନତା ଦଳର କାଉନସିଲର ମାନେ ଦାବି କରିଆସୁଥିବା କହି କାଉନସିଲିଂ ବୈଠକରୁ କକ୍ଷ ତ୍ୟାଗ କରିଥିଲେ। ଯାହା ଫଳରେ କି ଚଳିତ ମାସର କାଉସିଲିଂ ବୈଠକ ହୋଇପାରି ନ ଥିଲା। ସେପଟେ ଜୟପୁର ସ୍ଥିତ ୭ ନମ୍ବର ୱାର୍ଡର ବାପୁଜୀ ନଗର ନିକଟରେ ଥିବା ଶ୍ରମ କାର୍ଯ୍ୟାଳୟ ଛକ ଠାରେ ବିଜୁବାବୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସ୍ଥାନୀୟ ଲୋକେ ଦୀର୍ଘ ଦିନ ଧରି ପ୍ରସ୍ତାବ ଦେଇଆସୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ସହରର ସୌନ୍ଦର୍ଯ୍ୟକରଣ ସହିତ ସ୍ୱର୍ଗତ ବିଜୁବାବୁଙ୍କ ସ୍ମୃତି ନିମନ୍ତେ ଯଥାଶୀଘ୍ର ଶ୍ରମ କାର୍ଯ୍ୟାଳୟ ଛକ ନିକଟରେ ପ୍ରତିମୂର୍ତ୍ତି ସ୍ଥାପନ ନେଇ ମ୍ୟୁନିସିପାଲିଟି ଅଧିନସ୍ଥ ୭ ନମ୍ବର ୱାର୍ଡ ବାପୁଜୀ ନଗର ଲୋକେ ଦାବି କରିଛନ୍ତି। ଆଜି ବାପୁଜୀ ନଗରର ଡାର୍ବେଲ୍ ଖରା, ନାରାୟଣ ସୂର୍ଯ୍ୟ, ମଙ୍ଗଳା ଚାଲାଣ, ବୃନ୍ଦାବନ ଖରା,୫ ନମ୍ବର ୱାର୍ଡର କାଉନସିଲର ପ୍ରଣବ କିଶୋର ନାୟକ, ମହେଶ୍ୱର ନାୟକ ପୌରପରିଷଦର ମୁଖ୍ୟ କିରାଣୀ ଚପଲା ମିଶ୍ରଙ୍କୁ ଭେଟି ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପୌର ପ୍ରଶାସନ କେଉଁଠାରେ ପ୍ରବାଦ ପୁରୁଷ ବିଜୁପଟନାୟକଙ୍କ ପ୍ରତିମୂର୍ତ୍ତି ଆଗାମୀ ଦିନରେ ସ୍ଥାପନ କରିବ ତାହା ଦେଖିବାକୁ ବାକି ରହିଲା।

# ଭୀମ ଭୋଇଙ୍କ ଜନ୍ମ ସ୍ମୃତି ପୀଠରେ ନବାନ୍ନ ଉତ୍ସବ

ସୁବର୍ଣ୍ଣପୁର,୨୧/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ଜନ୍ମ ସ୍ମୃତି ପୀଠରେ ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ମଙ୍ଗଳବାର ମହିମା ଧର୍ମାବଲମ୍ବୀ ସାଧୁସନ୍ଥ ମାନେ ନବାନ୍ନ ଉତ୍ସବ ପାଳନ କରିଛନ୍ତି। ବାବା ଜୟବାଦିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ବହୁ ସାଧୁସନ୍ଥ ଯୋଗଦେଇ ଥିଲେ। ଶ୍ରାବଣ ପୂର୍ଣ୍ଣିମା ସୋମବାର ସକାଳ ଠାରୁ ଉପବାସ ଓ ଉଜାଗର ରହି ସନ୍ଧ୍ୟାରେ ଅଖଣ୍ଡ ବ୍ରାହ୍ମ ଧ୍ୱନିରେ ବିଶ୍ୱ କଲ୍ୟାଣ ପାଇଁ ଘୃତାହୁତି ଅର୍ପଣ, ଆଠ ଭଜନ, ଅବକାଶ ଜଣାଣ, ଦର୍ଶନ ସ୍ତୁତି ପ୍ରାର୍ଥନା ଓ ପ୍ରଭୁନାମ ଭଜନ ଜଣାଣ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳେ ବ୍ରାହ୍ମ ମୁହୂର୍ତ୍ତରେ ସପ୍ତମୃତ ପଣା ସହ ଅନ୍ନହାଣ୍ଡି ଶୂନ୍ୟକୁ ବଢ଼ାଇ ଶୁନ୍ୟ ବ୍ରହ୍ମଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ମହିମା ଅଲେଖ ଧ୍ୱନିରେ ପରିବେଶ ଉତ୍ସବ ମୁଖରିତ ହୋଇ ଉଠିଥିଲା। ଏବଂ ସମସ୍ତ ମହିମା ଧର୍ମାବଲମ୍ବୀ ନବାନ୍ନ ଭକ୍ଷଣ କରିଥିଲେ। ସମସ୍ତେ ନବାନ୍ନ ଭକ୍ଷଣ କଲାପରେ ପୂଜ୍ୟ ସାଧୁଙ୍କୁ ଶରଣ ମାନ୍ୟ କରି ଆଶୀର୍ବାଦ କାମନା କରିବା ସହ ପରସ୍ପର ମଧ୍ୟରେ ଶରଣ ମାନ୍ୟ କରିଥିଲେ। ବାସ୍ତବିକ ଜୀବନରେ ଠିକ ରାସ୍ତା ରେ ନେବାକୁ ହେଲେ ଧର୍ମର ଆବଶ୍ୟକତା ରହିଛି।ଯୁଗେ ଯୁଗେ ମଣିଷ ସମାଜକୁ ସତ୍ୟ, ଶାନ୍ତିରେ ଜୀବନ ଯାପନ କରିବା ସହିତ ମନରେ ସ୍ନେହ, ପ୍ରେମ, ଶ୍ରଦ୍ଧା , ଭକ୍ତି ଭାବ ଜାଗ୍ରତ କରିବା ପାଇଁ ଅନେକ ଧର୍ମ ଓ ଧର୍ମ ପ୍ରଚାରକ ଙ୍କ ଆବିର୍ଭାବ ଘଟିଛି। ତା ମଧ୍ୟରୁ ଅଲେଖ ମହିମା ଧର୍ମ ଏକ ସର୍ବ ପୁରାତନ ଧର୍ମ। ଏହି ଧର୍ମର ପ୍ରତିଷ୍ଠାତା ହେଉଛନ୍ତି ମହିମା ଗୋସାଇଁ। ତତ୍ ସହିତ ଅନ୍ୟତମ ଶିଷ୍ୟ ତଥା ଧର୍ମ ପ୍ରଚାରକ ହେଉଛନ୍ତି ସନ୍ଥକବି ଭୀମ ଭୋଇ। ସନ୍ଥକବି ଙ୍କ ବାଣୀ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଚିର ସ୍ମରଣୀୟ ଓ ବନ୍ଦନୀୟ। ଏହି ମହିମା ଧର୍ମ ପରମ୍ପରା ଅନୁସାରେ ବୈଶାଖ ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ସ୍ୱତନ୍ତ୍ର ମହତ୍ୱ ରହିଛି।ଏଥିରେ ଉତମ ବାଦୀ, କୁବେର ବାଦୀ,ବଳୀୟାର ବାଦୀ, ବାବା ମଙ୍ଗଳ ବାବା, ଭଜମନ ଜଗଦଳା , ରାଜେନ୍ଦ୍ର ଜଗଦଳା ,ଶ୍ୟାମ ଭକ୍ତ, କୁମର ଲୁହା, ଅରୁଣ ବାଦୀ ଓ ଅଞ୍ଚଳର ଅନ୍ୟାନ୍ୟ ଭକ୍ତ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ,୨୧/୦୮ (ନି.ପ୍ର): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୨ ଗୋଟି ଅଭିଯୋଗ ମିଳିଥିଲା। ସେଥି ମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ, ୨ ଗୋଟି ଗ୍ରାମ ସମସ୍ୟା ସମ୍ପର୍କିତ, ୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ସହାୟତା ସମ୍ପର୍କିତ ଓ ୧ ଗୋଟି ରେଡକ୍ରସ ସହାୟତା ସମ୍ପର୍କରେ ଆବେଦନ ରହିଥିଲା। ତତକ୍ଷଣାତ ୭ ଗୋଟି ଅଭିଯୋଗ ର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମଓ ଡା. ବିନୋଦ ରଥ, ଅଭିଯୋଗ ପ୍ରକୋଷ୍ଠ ଡେପୁଟି କଲେକ୍ଟର ଆଶୁତୋଷ ଦେ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ମୁତାହାଣ୍ଡି ସରପଂଚଙ୍କ ବିରୁଦ୍ଧରେ ଅନସ୍ଥା ପ୍ରସ୍ତାବ ନେଇ ପ୍ରଶାସନର ଦ୍ୱାରସ୍ଥ

ଜୟପୁର,୨୧/୦୮ (ନି.ପ୍ର): କୋରାପୁଟ ଜିଲା କୋଟପାଡ ବ୍ଲକର ମୁତାହାଣ୍ଡି ଗ୍ରାମ ପଂଚାୟତର ୱାର୍ଡ ମେମ୍ବର ଓ ଗ୍ରାମବାସୀ ମାନେ ଆଜି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ବାବୁ ଲାଲ ସାମଲଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମୁତାହଣ୍ଡି ପଂଚାୟତର ସରପଂଚ ବିଭିନ୍ନ ଅନିୟମିତତା କାର୍ଯ୍ୟକଳାପରେ ସଂପୃକ୍ତ ଥିବା ପରିଲକ୍ଷିତ ହୋଇଅଛି । ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ବାବଦକୁ ୪୬ ଜଣ ହିତାଧିକାରିଙ୍କ ଠାରୁ ୪୮ ଲକ୍ଷ ଟଙ୍କା ଓ ମଧୁବାବୁ, ଜାତୀୟ ବାର୍ଦ୍ଧକ୍ୟ ଭତା ହିତାଧିକାରୀଙ୍କ ଭତା ଟଙ୍କା ହେରଫେର୍ କରି ଆତ୍ମସାତ କରିଛନ୍ତି । ହିରିଶ୍ଚନ୍ଦ୍ର ଯୋଜନା ଅର୍ଥକୁ ମୃତ ବ୍ୟକ୍ତିର ପରିବାରକୁ ନେଦେଇ ଆତ୍ମସାତ କରିବା, କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ପାଣ୍ଠିକୁ ଦୁରୁପଯୋଗ କରିବା ଆଦି ଉଲ୍ଲେଖ କରାଯାଇଛି । ସରପଂଚଙ୍କ ବିରୁଦ୍ଧରେ ଆଗତ କରାଯାଇଥିବା ଅନସ୍ଥା ପ୍ରସ୍ତାବ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ନାଏବ ସରପଂଚ ସରିତା ସଗରିଆ, ସମିତି ମେମ୍ବର ଗୁରୁ ନାଥ ହରିଜନ ଙ୍କ ସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଉକ୍ତ ଦାବି ପତ୍ରର ନକଲ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ଜଣାଯାଇଛି ।

# ବଙ୍ଗଳାଦେଶରେ ହିନ୍ଦୁଙ୍କୁ ଅତ୍ୟାଚାର ପ୍ରତିବାଦରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଘଟଗାଁ,୨୧/୦୮ (ନି.ପ୍ର): ବଙ୍ଗଳାଦେଶରେ ହିନ୍ଦୁ ଦେବାଦେବୀ ମନ୍ଦିର ଭଙ୍ଗାରୁଜା, ଦେବାଦେବୀଙ୍କୁ ପୋଡାଜଳା କରିବା, ହିନ୍ଦୁ ମହିଳା ମାନଙ୍କୁ ଅତ୍ୟାଚାର କରିବା, ହିନ୍ଦୁ ମାନଙ୍କୁ ହତ୍ୟା କରିବା ସହିତ ଘରଦ୍ୱାର ଭଙ୍ଗାରୁଜା କରିବା ପ୍ରତିବାଦରେ ଆଜି ଆନନ୍ଦପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଶତାଧିକ ହିନ୍ଦୁ ପ୍ରେମି ମାନଙ୍କର ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭାରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହୋଇଥିବା ଆକ୍ରମଣ, ହତ୍ୟା, ମା ଭଉଣୀ ମାନଙ୍କୁ ଅତ୍ୟାଚାର ଓ ମନ୍ଦିର ଭଙ୍ଗାରୁଜା ଘଟଣାର ନିନ୍ଦା କରିବା ସହିତ ମୌଳବାଦୀ ମାନେ ଏଭଳି କାର୍ଯ୍ୟକଳାପ ବନ୍ଦ ନକଲେ ଏହାର ଜବାବ ହିନ୍ଦୁ ସମାଜ ଦେବ ବୋଲି ଶ୍ରୀ ସାହୁ କହିଥିଲେ।

ଏହି ପ୍ରତିବାଦ ସଭା ଓ ଶୋଭାଯାତ୍ରାରେ ଘସିପୁରା ବିଜେପି ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ଆନନ୍ଦପୁର ମୁନିସିପାଲିଟି ଉପ ନଗରପାଳ ଦୁର୍ଗା ଚରଣ ଦଲେଇ, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଫେସର ପଞ୍ଚାନନ ରାଉତ, ତ୍ରିଲୋଚନ ଦାଶ, ସୁମତୀ ଯେନା, ଦେବରଞ୍ଜନ ସାହୁ, ଟୁକୁନ ହୋତା, ପ୍ରଶାନ୍ତ କୁମାର ମହାପାତ୍ର, ରଂଜନ କୁମାର ଯେନା, ଆଶିଷ କୁମାର ବେହେରା, ନାରାୟଣ ବାରିକ, ନରେନ୍ଦ୍ର କୁମାର ପଣ୍ଡା, ବାଇଧର ସାହୁ, ପରିଆ ସାହୁ, ନୃସିଂହ ଚରଣ ରାମ, ରବିନ୍ଦ୍ର କୁମାର ସାହୁ, ପ୍ରାଣବନ୍ଧୁ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ରାଜେନ୍ଦ୍ର କୁମାର ସାହୁ, ରାଜାପ୍ରଭୁ ଦାସ, ବିଜୟ କୁମାର ମିଶ୍ର,ଅକ୍ଷୟ କୁମାର ସାମଲ, ବିନୋଦ ଦାସ, ପବିତ୍ର କୁମାର ବେହେରା, ମନୋରଞ୍ଜନ ସିଂ, ସଚିନ ମଲ୍ଲିକ, ଗଗନ ବିହାରୀ ସିଂହ, ମୁରଲିଧର ମିଶ୍ର, ରବି ନାରାୟଣ ହେତା, ମଦନ ପାଣି, କୈଳାସ ଚନ୍ଦ୍ର ନାୟକ, ଉଦ୍ଧବ ଚରଣ ସାହୁ, ଅଜୟ କୁମାର ସେଠୀ ସୂର୍ଯ୍ୟ ପ୍ରକାଶ ସାହୁ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ଗଞ୍ଜେଇ ଚାଲାଣ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର,୨୧/୦୮ (ନି.ପ୍ର): ଗଞ୍ଜେଇ ଚାଲାଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଛତିଶଗଡ ଦୁର୍ଗ ଜିଲାର ଆକାଶ ଉପାଧ୍ୟାୟ (୨୬)। ପୋଲିସ ସୂଚନା ଅନୁଯାୟୀ, ଏକ କାରରେ ଗତ ୧୨.୭.୨୦୨୨ ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କୁସୁମପୁଟ ନିକଟରେ ଜୟପୁର ସଦର ପୋଲିସ ଚଢଉ କରିଥିଲା । ପୋଲିସକୁ ଦେଖି କାର ଓ ଗଞ୍ଜେଇକୁ ଛାଡି ଚାଲାଣକାରି ଚମ୍ପଟ ମାରିଥିଲା । ଏନେଇ ଜୟପୁର ସଦର ପୋଲିସ କାର ଓ ଗଞ୍ଜେଇକୁ ଜବତ କରି ମାମଲା ରୁଜୁ କରିଥିଲା । ତଦନ୍ତରେ ଜାଣି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ନାକଟିଦେଉଳ ବ୍ଲକରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,୨୧/୦୮ (ନି.ପ୍ର): ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଉକ୍ତ ଜନ ଅଭିଯୋଗ ଶୁଣାଣି ରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହିତ ଅନ୍ୟ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୧୧୮ ଟି ଆବେଦନ ଗ୍ରହଣ କରାଯାଇଥିଲା, ଯେଉଁ ଥିରେ ୮୫ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୩୩ ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ୪୨ ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା। ଆଜି ଜିଲ୍ଲାପାଳ ଅଭିଯୋଗ ଶୁଣାଣି ପୂର୍ବରୁ ୪ ଜଣ ହିତାଧିକାରୀଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିବା ସହ ୧୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧ୍ୟକ ଭତ୍ତା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଅଧୀନ ରେ ୬ ଜଣ ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲାପାଳ, ନାକଟିଦେଉଳ ଠାରେ ସ୍ଥିତ କମ୍ୟୁନିଟି ହେଲଥ ସେଣ୍ଟର ପରିଦର୍ଶନ କରିଥିଲେ। ଆସନ୍ତା ଅଗଷ୍ଟ ମାସ ୨୭ ତାରିଖ ରେ ଅଭିଯୋଗ ଶୁଣାଣି ବ୍ଲକ୍ କାର୍ଯ୍ୟାଳୟ କୁଚିଣ୍ଡା ଠାରେ ଅନୁଷ୍ଠିତ ହେବ ।

# ଗୋଲାମୁଣ୍ଡାରେ ଜିଲ୍ଲାପାଳଙ୍କ ଜନଶୁଣାଣୀ

ଭବାନୀପାଟଣା ,୨୧/୦୮ (ନି.ପ୍ର): ଆଜି ଗୋଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ,ଧର୍ମଗଡ ଧିମନ ଚକମା, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ,ବି ଡି ଓ ଶ୍ରୀଧର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୬୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।୧୦ ଟି ଅଭିଯୋଗର ସମାଧାନ ତୁରନ୍ତ କରଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୨ ଜଣ ଏବଂ ରେଡକ୍ରସ ପାଣ୍ଠିରୁ ୧ ଜଣଙ୍କୁ ସହାୟତା ପ୍ରଦାନ ମଞ୍ଜୁର କରାଯାଇଥିଲା।

# ଯୁବ କୁଲୁତା ସମାଜ ତରଫରୁ ବୃକ୍ଷରୋପଣ

ବଲାଙ୍ଗୀର,୨୧/୦୮ (ନି.ପ୍ର): ଲୋଇସିଂହା ବ୍ଲକ କୁସଙ୍ଗ ଡିଗ୍ରୀ କଲେଜରେ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ବିଜୟ କୁମାର କଲେତ, ଡ. ଲକ୍ଷ୍ମଣ ମେହେର ଅତିଥି ରୂପେ ଯୋଗଦାନ ଦେଇ ପରିବେଶ ସୁରକ୍ଷା ପାଇଁ ଯୁବ ସମାଜ ସଜାଗ ରହିବା ଦରକାର ବୋଲି କହିଥିଲେ। ବଲାଙ୍ଗୀର ଜିଲ୍ଲାକୁ ସବୁଜମୟ କରିବା ମୂଳ ଲକ୍ଷ୍ୟ ବୋଲି ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ତଥା ପ୍ରକୃତି ମିତ୍ର ଅସିମ କୁମାର ଭୋଇ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକ ଭୁବନେଶ୍ୱର ଭୋଇ, ସଦସ୍ୟ ଝୁନୁ ପ୍ରଧାନ, ଜୁଲୁ ସାହୁ, ଶିବା ଗଡତ୍ୟା, ଇଶ୍ୱର ବିଶ୍ୱାଲ, ରୁଦ୍ର ଭୋଇ, ବିଜେଶ ସାହୁ, ନିତେଶ ବେହେରା, ସୁମିତ ପାତ୍ର ତଥା କଲେଜ ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଚମ୍ପୁଆରେ ଜିଲ୍ଲାପାଳ ଓ ଆରକ୍ଷି ଅଧିକ୍ଷଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ଚମ୍ପୁଆ,୨୧/୦୮ (ନି.ପ୍ର): ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ଠାରେ ଆଜି କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଦଗଡୁଙ୍କ ଅଧକ୍ଷତାରେ ଏକ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୪୭ ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିବା ଜଣାପଡିଛି। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ପୃଷ୍ଟି, ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳ, ତହସିଲଦାର ଧର୍ମେନ୍ଦ୍ର ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ପିଡି ଡିଆରଡିଏ କୁମାର ନାଗ ଭୂଷଣ, ଏଡିଏମ ଯଦୁମଣି ମହଲାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଭତା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ହେବା ସମ୍ପର୍କିତ ୭୦ ଟି ଅଭିଯୋଗ ହୋଇଥଲା। ଅନ୍ୟ ୭୭ ଟି ଅଭିଯୋଗ ଗୁଡ଼ିକ ମଧ୍ୟରେ ଉପଖଣ୍ଡ ଚିକିତ୍ସାଳୟରେ ଡ଼ାକ୍ତର ଅଭାବ, ନୂତନ ଡିଜିଟାଲ ଏକ୍ସ - ରେ ମେସିନ ସ୍ଥାପନ , ଫିଜିଓ ଥେରାପି ସେଂଟର ଖୋଲିବା ପାଇଁ ଆସିଥିବା ଉପକରଣକୁ ଅତିଶୀଘ୍ର କାର୍ଯ୍ୟକ୍ଷମ, ଚିକିତ୍ସାଳୟରେ ବିଦ୍ୟୁତ ସମସ୍ୟା ଦୂର ପାଇଁ ନୂତନ ଜେନେରେଟର ସ୍ଥାପନ ଓ ଟ୍ରୋମାକେୟାର ସେଣ୍ଟର ଖୋଲିବା ସମେତ ଚମ୍ପୁଆରେ ନୂତନ ବିଦ୍ୟୁତ ଗ୍ରିଡ୍ ସ୍ଥାପନରେ ବିଳମ୍ବ, ଚମ୍ପୁଆରେ ଅନୁପ୍ରବେଶ କାରୀଙ୍କ ବିଶୃଙ୍ଖଳା ବୃଦ୍ଧି , ସହରାଂଚଳ ପୋଲିସ୍ ଆଉଟପୋଷ୍ଟ ସ୍ଥାପନ, ନିଷିଦ୍ଧ ସତ୍ୱେ ଭାରୀଯାନ ଚଳାଚଳ ଯୋଗୁ ସାତ କୁଟୁଣିଆ ଠାରୁ କାଞ୍ଜିଆଶୂଳା ପୂର୍ତ୍ତ ବିଭାଗ ରାସ୍ତାର ଦୂରାବସ୍ଥା, ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ, ଚମ୍ପୁଆ ମହତାବ ହାଇସ୍କୁଲରେ ନିୟମିତ ପ୍ରଧାନ ଶିକ୍ଷକ ନିଯୁକ୍ତି ଓ ଶିକ୍ଷକ ଅଭାବ ଆଦି ନେଇ ଅଭିଯୋଗ ହୋଇଥଲା।

# ଏସ୍‌ୟୁଜେର ପ୍ରାନ୍ତୀୟ ସମାବେଶ ଓ ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା,୨୧/୦୮ (ନି.ପ୍ର): ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ପ୍ରାନ୍ତିୟ ସମାବେଶ ଓ ଆଲୋଚନା ଚକ୍ର ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି । ସଂଘର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ବିଜେପି ରାଜ୍ୟ ମୁଖ ପାତ୍ର ଯୁବନେତା ତେଜେଶ୍ୱର ପରିଡା ଓ ପୌରାଧ୍ୟକ୍ଷା ସରିତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ସ୍ୱଧର୍ମ ପାଳନ କଲେ ଗଣମାଧ୍ୟମର ବିଶ୍ୱାସନୀୟତା ଓ ଗରିମା ବୃଦ୍ଧିପାଇବ । ଏହା ଗଣତନ୍ତ୍ରରେ ଅବକ୍ଷୟକୁ ରୋକିବା ସହିତ ସୁଦୃଢ଼ କରିପାରିବ । ଏଥିପ୍ରତି ଗଣମାଧ୍ୟମ ପ୍ରତିନିଧି ଓ ଗଣମାଧ୍ୟମ ସଂସ୍ଥା ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି ବୋଲି ବକ୍ତବ୍ୟ ରଖିଥିଲେ । ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି ଆଲୋଚନାର ଆଭିମୁଖ୍ୟ ପ୍ରକାଶ କରିଥିଲେ । ଏସୟୁଜେ ରାଜ୍ୟ ସଭାପତି ଶ୍ରୀନାୟକ ସରକାରଙ୍କ ପକ୍ଷରୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ବିଭିନ୍ନ ଦାବି ଉପସ୍ଥାପିତ କରିଥିଲେ । ଜିଲ୍ଲା ସଭାପତି ଦୈତାରୀ ଜେନା ସ୍ୱାଗତ ଭାଷଣ ଓ ଜିଲ୍ଲା ଉପସଭାପତି ଅସିତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସମ୍ପାଦକ ପ୍ରଶାନ୍ତ ନାୟକ ଏହି ସମାବେଶରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡାକ୍ତରୀ ଛାତ୍ରୀଙ୍କ ନ୍ୟାୟ ପ୍ରଦାନ ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ବିକ୍ଷୋଭ ପ୍ରଦର୍ଶନ

ଧର୍ମଶାଳା,୨୧/୦୮ (ନି.ପ୍ର): ଆର.ଜି.କର ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମହିଳା ସଂଗଠନ ସଭାନେତ୍ରୀ ମଧୁସ୍ମିତା ସାହୁଙ୍କ ନେତୃତ୍ୱରେ ଯାଜପୁର ଜିଲା ଧର୍ମଶାଳା ଶାଖା ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାମାନେ ଜାରକାସ୍ଥିତ ଶାନ୍ତି ବଜାରରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପଂହଚି ଫାଟକ ନିକଟରେ ପଂହଚି ଥିଲେ । ସେଠାରେ ବିଭିନ୍ନ ନାରାବାଜି ସହ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ । ଡାକ୍ତରୀ ଛାତ୍ରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ,ମଦ ଓ ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣଭାବେ ବନ୍ଦ, ଅଶ୍ଳୀଳତା, ଅପସଂସ୍କୃତି ଓ ନଗ୍ନତାର ପ୍ରଚାର ପ୍ରସାର ବନ୍ଦ, ଏସ୍‌ସିବି ମେଡିକାଲରେ ମହିଳା ରୋଗୀଙ୍କର ଦୁଷ୍କର୍ମ ଘଟଣାର ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବା ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥି ସହିତ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଝୁନା ସାହୁ,ସସ୍ମିତା ଭଞ୍ଜ,ପ୍ରତିମା ଭଞ୍ଜ,ସସ୍ମିତା ଦାସ,ରତ୍ନପ୍ରଭା ସାହୁ,ମମିତା ସାହୁ ଓ ନୟନା ଭଞ୍ଜ ପ୍ରମୁଖ କାଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ୫୦ରୁ ଉର୍ଦ୍ଧ ମହିଳା ଏଥିରେ ସାମିଲ ହୋଇଥିଲେ ।

# ଭଦ୍ରକ-ଖଡ଼ଗପୁର ରେଳ ସେକସନ ମଧ୍ୟରେ ହେବ ଫେନସିଂ

## ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୦୨.୧୨ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୨୧/୦୮ (ନି.ପ୍ର): ରେଳ ନିରାପତାକୁ ବୃଦ୍ଧି କରାଇବା ସହିତ ଟ୍ରେନ ମାନଙ୍କର ବେଗବୃଦ୍ଧି ବଢାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଭାରତୀୟ ରେଳବାଇ ଭଦ୍ରକ-ବାଲେଶ୍ୱର-ଖଡ଼ଗପୁର ରେଳ ସେକ୍ସନରେ ନିରାପତା ବାଡ (ଫେନସିଂ) ପ୍ରକଳ୍ପ ପାଇଁ ୨୦୨୦୨.୧୨ କୋଟି ଟଙ୍କା ମଞ୍ଜୁର କରିଛି। ସମ୍ବେଦନଶୀଳ ରେଳ ଧାରଣା ପାଖରେ ଏହି କାର୍ଯ୍ୟ କରାଯିବ । ଉଭୟ ଡବଲ୍ ଡବ୍ଲୁ ମେଟାଲ୍ ବିମ୍ କ୍ରାସ୍ ବ୍ୟାରିୟର ଏବଂ ଫିକ୍ସଡ୍ ନଟ୍ ଫେନ୍ସିଂ ବ୍ୟାରିୟର ଏହି ସମ୍ବେଦନଶୀଳ କ୍ଷେତ୍ରମାନଙ୍କରେ ନିର୍ମାଣ କରାଯିବ । ଫେନସିଂ ପାଇଁ ଏହି ସ୍ଥାନ ଗୁଡିକ ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଛି କାରଣ ରେଳ ଧାରଣା ଉଚ୍ଚତା ପ୍ରାୟ ଚଳପ୍ରଚଳ ଅଞ୍ଚଳର ଭୂମିସ୍ତର ସହିତ ସମାନ ରହିଛି ଯାହାଦ୍ୱାରା ଗୃହପାଳିତ ପଶୁ ଏବଂ ଅନଧିକାର ପ୍ରବେଶକୁ ରେଳ ଟ୍ରାକ ପାର ହେବାପାଇଁ ବାରଣ କରାଯାଇ ପାରିବ । ଏହି ନିରାପତା ବାଡ଼ କେବଳ ସୁରକ୍ଷିତ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ ନାହିଁ ବରଂ ରେଳ ଧାରଣାକୁ ଅନଧିକୃତ ପ୍ରବେଶ, ରେଳ ଧାରଣା ନିକଟରେ ଗୋରୁ କିମ୍ବା ଗୃହପାଳିତ ପଶୁ ଚରାଇବା ଏବଂ ରେଳ ଲାଇନ ନିକଟରେ ବଣୁଆ ଜନ୍ତୁର ଗତିବିଧି ଉପରେ ମଧ୍ୟ ଏହା ପ୍ରତିବନ୍ଧକ ଲଗାଇବ ।

ଏହି ବାଡ଼ଦେବା କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ଯେକୌଣସି ବ୍ୟାଘାତକୁ ଏଡାଇବା ପାଇଁ ରେଳ ମନ୍ତ୍ରଣାଳୟ ଟ୍ରାକ ନିକଟରେ ନିଜ ସୀମା ମଧ୍ୟରେ ପ୍ରାଚୀର ନିର୍ମାଣ କରିବାକୁ ନିଷ୍ପତି ନେଇଛି । ବର୍ତ୍ତମାନର ଯୋଜନାରେ ରେଳ ଜମିର ସୀମାନ୍ତରେ ଫେନସିଂ ନିର୍ମାଣ ଅନ୍ତର୍ଭୁକ୍ତ, ପ୍ରକୃତ ଦୂରତା ସହିତ ଜୋନାଲ ରେଳ କର୍ତ୍ତୃପକ୍ଷର ସ୍ଥାନିତ ସ୍ଥିତି, ରକ୍ଷଣାବେକ୍ଷଣ ଆବଶ୍ୟକତା, ମଲ୍ଟି ଟ୍ରାକିଂ କାର୍ଯ୍ୟ, ଅନଧିକାର ପ୍ରବେଶ ଏବଂ ପ୍ରସ୍ତାବିତ ବାଡ଼ର ସାମଗ୍ରିକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ ।

ଏହି ପଦକ୍ଷେପଟି "ଲେଭଲ୍ କ୍ରସିଂ, ଫ୍ଲାଏଓଭର, ଉପମାର୍ଗ, ବ୍ରିଜ୍ ଏବଂ ପ୍ରବେଶ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଟ୍ରାକ୍ ପ୍ରବେଶକୁ ସିଲ୍ କରିବାକୁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ, ରେଳ ଟ୍ରାକ୍ ନିକଟରେ ଚରୁଥିବା ବା ବିଚରଣ କରୁଥିବା ଗୃହପାଳିତ ପଶୁ ରେଳ ଲାଇନରେ ପ୍ରବେଶ କରିପାରିବେ ନାହିଁ । ଏହା ମଧ୍ୟ ଯାତାୟାତର ସୁଗମତା ପାଇଁ ଲାଭ ପ୍ରଦାନ କରିବ ଏବଂ ପଶୁମାନଙ୍କ ଜୀବନ ନଷ୍ଟ ହେବ ନାହିଁ ।

ଏହି ବାବଦରେ ଦକ୍ଷିଣ ପୂର୍ବ ରେଳପଥ ମଧ୍ୟରେ ଭଦ୍ରକ-ବାଲେଶ୍ୱର-ଖଡ଼ଗପୁର ରେଳ ସେକ୍ସନ ରେ ଏହି ନିରାପତା ଜନିତ କାର୍ଯ୍ୟପାଇଁ ୨୦୨.୧୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ବାଲିଛକ-ରଖାମାଇନ୍ସ ପାଇଁ ୧୪୧.୪୯ ଓ ହାଓଡ଼ା-ଦୁଆନ ରେଳ ସେକ୍ସନ ରେ ନିରାପତା ଜନିତ ବାଡ଼ ଦେବା କାର୍ଯ୍ୟ ପାଇଁ ୧୦୩.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଅଛି ଯାହାଦ୍ୱାରା ଏହି ମାର୍ଗରେ ୧୩୦ କିଲୋମିଟର ଏବଂ ତା'ଠାରୁ ଅଧିକ ବେଗରେ ଟ୍ରେନର ନିରାପଦ ଚଳାଚଳ କରାଯାଇ ପାରିବ ।

# ଯାଜପୁରରେ ଆଜିଠାରୁ ଆରମ୍ଭ ହେଲା ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର

ଧର୍ମଶାଳା,୨୧/୦୮ (ନି.ପ୍ର): ଆଜିଠାରୁ ଯାଜପୁର ଜିଲାରେ ଆରମ୍ଭ ହୋଇଛି ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର । ଲୋକମାନଙ୍କ ନିକଟରେ ପ୍ରଶାସନିକ ସେବା ପଂହଚାଇବା ପାଇଁ ଜିଲାପାଳ ପି.ଅନ୍ୱେଶା ରେଡ୍ଡୀ ପଂଚାୟତ ସ୍ତରୀୟ ଅଭିଯୋଗ ଶିବିର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ଜିଲାର ସମସ୍ତ ପଂଚାୟତରେ ଏହି ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଧର୍ମଶାଳା ,ବଡଚଣା,ରସୁଲପୁର,ବରୀ ବ୍ଲକରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଜାରକା ପଂଚାୟତରେ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି । ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ,ତହସିଲଦାର ଶୁଭଙ୍କର ମହାନ୍ତି,ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ପ୍ରମୁଖ ଯୋଗ ଦେଇ ଲୋକମାନଙ୍କ ଅଭିଯୋଗ ଯାଂଚ କରିଥିଲେ । ବିଶେଷ କରି ଭର୍ତ୍ତା,ଆବାସ ଯୋଜନା,ରାଜସ୍ୱ ବିଭାଗ ସମ୍ପର୍କୀତ ଅଭିଯୋଗ ରହିଥିବା ବେଳେ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ପର୍ଯ୍ୟାୟ କ୍ରମେ ବିଭିନ୍ନ ପଂଚାୟତରେ ଏଭଳି ଶିବିର ଆୟୋଜନ କରାଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି କୁହାଯାଇଛି । ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ସମସ୍ତ ଜନସାଧାରଣ ଅଭିଯୋଗ କରି ପାରୁ ନ ଥିବା ବେଳେ ପଂଚାୟତ ସ୍ତରରେ ଏହି ଶିବିରରୁ ଜନସାଧାରଣ ସୁଫଳ ପାଇବ ବୋଲି ଲକ୍ଷ୍ୟ ରଖା ଯାଇଛି ।

# ଜିଲ୍ଲା ସ୍କୁଲ୍ ସଂପତ୍ତିର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ସିଭିଲ୍ ସୋସାଇଟି ପ୍ରତିନିଧି ଭେଟିଲେ



ବାଲେଶ୍ୱର, ୨୧/୮ (ନି.ପ୍ର): ସିଭିଲ୍ ସୋସାଇଟି ପକ୍ଷରୁ ଏକ ପ୍ରତିନିଧିଦଳ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାସ୍କୁଲ୍‌ର ଭୂସମ୍ପତ୍ତିର ସୁରକ୍ଷା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ଏହି ଗୌରବମୟ ତଥା ପ୍ରାଚୀନ ଶିକ୍ଷାନୁଷ୍ଠାନର ଦୀର୍ଘ ୧୭୧ ବର୍ଷ ମଧ୍ୟରେ ଅନୁଷ୍ଠାନ ନାମରେ କୌଣସି ଭୂସମ୍ପତ୍ତି ନଥିବାର ଦାବିପତ୍ରରେ ଅଭିଯୋଗ କରାଯାଇଛି। ସ୍କୁଲ୍ ପରିସରରେ ଥିବା ୧୨ ଏକରରୁ ଊର୍ଦ୍ଧ୍ୱ ଭୂସମ୍ପତ୍ତି ଶିକ୍ଷାନୁଷ୍ଠାନ ଦଖଲରେ ଥିଲେ ମଧ୍ୟ ଏହି ସମ୍ପତ୍ତିର ଅଦ୍ୟାବଧି ଜିଲ୍ଲାସ୍କୁଲ୍ ନାମରେ ଆବଶ୍ୟକୀୟ କାଗଜପତ୍ର ନାହିଁ। ପରମିଟ୍ ପଡ଼ିଆକୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଖେଳପଡ଼ିଆ ଭାବେ ଦୀର୍ଘବର୍ଷ ଧରି ବ୍ୟବହର କରିଆସୁଥିଲେ। ଗତ ୨୦୦୨ ମସିହାରେ ତତ୍‌କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ରାଜିନାମା ଅନୁଯାୟୀ ଜିଲ୍ଲା ସ୍କୁଲ୍ ସମ୍ମୁଖରେ ଥିବା ପୁରୁଣା ଷ୍ଟାଡିୟମ୍‌କୁ ଜିଲ୍ଲା ସ୍କୁଲ୍ ନାମରେ ଓ ପରମିଟ୍ ପଡ଼ିଆକୁ ଜିଲ୍ଲା କ୍ରୀଡ଼ା ସଂଘ ନାମରେ ବଦଳନାମା ନିମିତ୍ତ ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ପୁରୁଣା ଷ୍ଟାଡିୟମ୍‌କୁ ଜିଲ୍ଲା ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ବ୍ୟବହାର କରି ଆସୁଛନ୍ତି। କିନ୍ତୁ ପୁରୁଣା ଷ୍ଟାଡିୟମ୍‌ର ଏ ୪-୬୨ ଡି. ପରିମିତ ସମ୍ପତ୍ତି ବାଲେଶ୍ୱର ପୌର ପରିଷଦ ନାମରେ ରହିଥିବାରୁ ଗତ ସପ୍ତାହରେ ଏଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଖେଳିବାର ସୁଯୋଗ ହରାଇବେ। ତେଣୁ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଅବସ୍ଥିତ ଥିବା ଭୂସମ୍ପତ୍ତି ସମେତ ପୁରୁଣା ଷ୍ଟାଡିୟମ୍‌ର ସମ୍ପତ୍ତି ଜିଲ୍ଲା ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରିବା ସହ ନିର୍ମାଣାଧିନ କଲ୍ୟାଣମଣ୍ଡପ କାର୍ଯ୍ୟ ବନ୍ଦ କରିବାକୁ ପ୍ରତିନିଧିମଣ୍ଡଳ ଜିଲ୍ଲାପାଳଙ୍କ ନିକଟରେ ଆବଶ୍ୟକୀୟ ଦସ୍ତାବିଜ ସହ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରିଥିଲେ। ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ସ୍କୁଲ୍ ପରିଚାଳନା କମିଟିର ସଭାପତି ଓ ସଦସ୍ୟମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାସ୍କୁଲ୍ ବ୍ୟବହାର କରୁଥିବା ସମସ୍ତ ଭୂସମ୍ପତ୍ତି ବିଦ୍ୟାଳୟ ନାମରେ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ଅଭିଯୋଗ ଉପରେ ଜିଲ୍ଲାପାଳ ସର୍‌ଜମିନ୍ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଉଭୟ ସଂଗଠନକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପ୍ରତିନିଧିମାନେ ପ୍ରକାଶ କରିଛନ୍ତି। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ସମ୍ପାଦକ ମନୋଜ ନାୟକଙ୍କ ସମେତ ସୀତାରାମ ପ୍ରଧାନ, ରଘୁନାଥ ଲେଙ୍କା, ଦାମୋଦର ନାୟକ, ବିପ୍ଳବ କୁମାର ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ ସାହୁ, ଶ୍ୟାମସୁନ୍ଦର ଜେନା, କମଳାକାନ୍ତ ବେହେରା, ସୋମନାଥ ନାୟକ, ଗଙ୍ଗାଧର ଦଳେଇ, ଶରତ ଚନ୍ଦ୍ର ଦଳେଇ, ରାଜେଶ ଗିରି, ସନ୍ତୋଷ କୁମାର ମିଶ୍ର, ସୁଶାନ୍ତ କୁମାର ବେହେରା ଓ ଜ୍ଞାନାନନ୍ଦ ମିଶ୍ର ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ଓ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପରିବାରର ବୋଝ ପାଇଁ ଯୁବକଙ୍କ ଜୀବନ ଗଲା: ବିଲକାମ ପାଇଁ ଆସି ବଜ୍ରାଘାତରେ ଚାଲିଗଲା ଜୀବନ



ନୀଳଗିରି, ୨୧/୮ (ନି.ପ୍ର): ପେଟର ଭୋକ, ପରିବାରର ବୋଝ ପାଇଁ ଶେଷରେ ଜଣେ ଯୁବକର ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧୀନ ଦକ୍ଷିଣ ନରସିଂହପୁର ପଞ୍ଚାୟତ ଉଲଡଙ୍ଗଗ୍ରାମରେ। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଗରଡି ପଞ୍ଚାୟତ ଅସ୍ତରୁଖୀ ଗାଁର ଆଜି ଚାରିଜଣ ଶ୍ରମିକ ବିଲ କାମ କରିବା ପାଇଁ ଉଲଡଙ୍ଗ ଗାଁ କୁ ଆସିଥିଲେ। ଦୁଇଜଣ ଅନ୍ୟ ଚାଷ ଜମିରେ କାମ କରୁଥିବା ବେଳେ ଭୀମ ମାଝୀ(୩୦) ଏବଂ ସ୍ତ୍ରୀ ସୀତା ମାଝୀ ଉଲଡଙ୍ଗ ଗାଁର ପ୍ରିୟବ୍ରତ ସ୍ୱାଇଁଙ୍କ ବିଲକୁ ଚାଷ କାମ ପାଇଁ ଯାଉଥିବା ସମୟରେ ଅଚାନକ ଭୀମ ମାଝୀଙ୍କ ଉପରେ ବଜ୍ରାଘାତ ହୋଇଥିଲା ଫଳରେ ଭୀମ ମାଝୀ ସଂଜ୍ଞାହୀନ ଭାବେ ଗୁରୁତର ହୋଇପଡିଥିଲେ। ଜମି ମାଲିକ ତୁରନ୍ତ ୧୦୮ ଯୋଗେ ଭୀମ ମାଝୀଙ୍କୁ ନୀଳଗିରି ଡ଼ାକ୍ତରଖାନାକୁ ଆଣିଥିଲେ ହେଁ ଡ଼ାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ତେବେ ଭୀମ ମାଝୀଙ୍କ ଦୁଇ ଝିଅ ଜଣେ ପୁଅ ଥିବା ଜଣାପଡିଛି। ଏନେଇ ନୀଳଗିରି ଥାନାରେ ୪୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।

# ବିଜେପି ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୨୧/୮ (ନି.ପ୍ର): ଆଜି ଅପରାହ୍ନରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲା କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନ କର୍ମଶାଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସାମୁହିକ ବନ୍ଦେ ମାତରମ୍ ଗାନ ଓ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହ ଜୀଙ୍କୁ ସ୍ମୃତି ଦିବସରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ମହାପାତ୍ର ପ୍ରାରମ୍ଭିକ ସୂଚନା ସହିତ କର୍ମଶାଳା ପାଇଁ ବିଭିନ୍ନ ବିଭାଗୀୟ ଦାଇତ୍ୱ ବଣ୍ଟନ କରିଥିଲେ। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କର୍ମଶାଳା ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା ଉପସଭାପତି କମଳଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ରାଜେଶ ମହାକୁଡ଼ ଓ ଜିଲ୍ଲା ସମ୍ପାଦକ ଆଶିଷ ଘୋଷ ମଞ୍ଚାସିନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି କମଳା ବିନ୍ଧାଣି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରା ରେଖା ମହାପାତ୍ର, ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ଅନୀଲ ସାହୁ, ଏସସି ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ସଂସ୍କୃତ ଶାସ୍ତ୍ରୀ ସନ୍ତୋଷ ସେଠୀ, ସମ୍ପାଦକ ବିଜୟ ସାହୁ ଓ ସସ୍ମିତା ଚାନ୍ଦ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହସଂଯୋଜକ ରଣଜିତ ପୁଷ୍ଟି, ସୁଇଟି ବିରିକ, ପ୍ରାଶାନ୍ତି ପଣ୍ଡା, ସ୍ୱାଧିନ ପଣ୍ଡା, କୌଶିକ ଚାନ୍ଦ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ସୁରଝଙ୍କାର ସେଠୀ, ଏସଟି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ସୁକାନ୍ତି ଦେବ ଗୋସ୍ୱାମୀ, ମଧୁଶ୍ରୀ ପଣ୍ଡା, ଜୁବଲି ମହାନ୍ତି ଓ ମନୋରଞ୍ଜନ ବେହେରା, ସୁମନ୍ତ ମହାଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟାଟା ଷ୍ଟିଲ ଫାଉଣ୍ଡେସନର 'ଆମ ସଂସ୍କୃତି ଆମ ଗର୍ବ' ଉତ୍ସବ ପାଳିତ




ଲଙ୍ଗଳେଶ୍ୱର, ୨୧/୮ (ନି.ପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ ଓ ସୁବର୍ଣ୍ଣ ରେଖା ପୋର୍ଟ ପ୍ରା ଲି ପକ୍ଷରୁ ସୋମବାର ଜାମ ଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଆମ ସଂସ୍କୃତି ଆମ ଗର୍ବ ଉତ୍ସବ ପାଳିତ ହୋଇ ଯାଇଛି। ବାଲେଶ୍ୱର ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ କୁମାର ଦାସ ଓ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରିଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ କଲେଜ ଅଧ୍ୟକ୍ଷା ଲିପିକା ଜାନା, ସୁବର୍ଣ୍ଣ ରେଖା ପୋର୍ଟ ପ୍ରା ଲି ର ଇ ଡି ସୁଶାନ୍ତ କୁମାର ମିଶ୍ର ମିଳିତ ଭାବେ ଉଦଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କବି ବ୍ରଜେନ୍ଦ୍ର ନାଥ ଗିରି, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, କଲେଜ ପରିଚାଳନା କମିଟି ସଭାପତି ସୃଷ୍ଟିଧର ପାତ୍ର, ସେଇଠୁ ଆରମ୍ଭ ଖବର କାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ବାଲିଆପାଳ ଅଫିସ ମୁଖ୍ୟ ପ୍ରମୋଦ କୁମାର ପାତ୍ର ପ୍ରାକ ସୂଚନା ସୌଗତ ଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ଦୟାନିଧି ସାହୁ, ପ୍ରାକ୍ତନ ଅଧ୍ୟାପକ କୁଞ୍ଜ କାନ୍ତ ପାତ୍ର, ବିଜୟ କୁମାର ପରିଡା, କବି ନଳିନୀ କାନ୍ତ ପାଢ଼ୀ, କ୍ୱୀ ଭାରତୀ ସରିତା ମହାନ୍ତି, ମିନତୀ ଦେବୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସଂସ୍କୃତି ଓ ସାହିତ୍ୟ ବିକାଶର କଥା କହେ ବୋଲି କହି ଥିଲେ। ବର୍ଷୀୟାନ ସାହିତ୍ୟିକ କୁମୁଦ ରଞ୍ଜନ ସାହୁ, ସନ୍ୟାସୀ ବେହେରା, ଗୀତିକାର ରାମାନାଥ କର, ହରେକୃଷ୍ଣ ମଲ୍ଲିକ, ମାହେଶ୍ୱରୀ ଗିରି, ବିଜୟ କୁମାର ପାତ୍ର ପ୍ରମୁଖ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡଗରା ମଦର ଟେରାସା ଅନ୍ଧ ମୂକ ବଧିର ବିଦ୍ୟାଳୟର ଛାତ୍ର ଛାତ୍ରୀ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।ସ୍ୱେଚ୍ଛାସେବୀ ସଂଗଠନର ମହିଳାମାନେ ଫୁଲ ତୋଡ଼ା ଓ ଉପାୟନ ଦେଇ ସମବେତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରଶାସନିକ ମୁଖ୍ୟ ବିରଜା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

OFFICE OF THE PRINCIPAL
KAPTIPADA HIGHER SECONDARY SCHOOL, NUASAHI
DIST-MAYURBHANJ, PIN-757040, ODISHA
Email-id-kaptipadacollege.nuasahi@gmail.com,
Mobile No-9937819190
Letter No. 624 Date- 21/08/2024

WALK-IN-INTERVIEW

Wanted a Guest faculty in the Subject logic. Desirous candidates minimum 55% marks in P.G Level for Lecturers may attend the interview in the office of the Principal at 11.00 A.M. on dt.27.08.2024 with all testimonials. No TA/DA is allowed .

S/d Principal I/C-Cum Secretary
Mobile No - 9937819190

# ବାଲିଆପାଳରେ ଭାରତ ବନ୍ଦ ପ୍ରଭାବହୀନ



ଲଙ୍ଗଳେଶ୍ୱର , ୨୧/୮ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ବିରୁଦ୍ଧରେ ଦେଶବ୍ୟାପୀ ୧୨ ଘଣ୍ଟିଆ ଭାରତ ବନ୍ଦ ପାଳନ କରାଯାଉଥିବାବେଳ ବାଲିଆପାଳ ବ୍ଲକରେ ଏହାର ପ୍ରଭାବ ପଡିନାହିଁ। ପ୍ରଶାସନ ଏନେଇ ସବୁ ଜାଗାରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବାଲିଆପାଳ, ସିମୁଳିଆ ଲଙ୍ଗଳେଶ୍ୱର,କାଳିପଦା ପ୍ରମୁଖ ବଜାରମାନଙ୍କରେ ଦୋକାନ ଖୋଲାରହିଥିବା ବେଳେ ବାଲେଶ୍ୱର, ମୟୂରଭଞ୍ଜ,ଦୀଘା ଆଦି ସ୍ଥାନକୁ ବସ ଚଳାଚଳ ଓ ମାଲ ପରିବହନର ବ୍ୟବସ୍ଥା ସ୍ୱାଭାବିକ ରହିଥିଲା ।ସେହିପରି ସ୍କୁଲ କଲେଜ, ସରକାରୀ ବେସରକାରୀ ସବୁ ପ୍ରତିଷ୍ଠାନ ଖୋଲା ରହିଛି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଭିଜିଲାନ୍ସ ଜାଲରେ...

ଏନେଇ ଠିକା ସଂସ୍ଥା ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଆଜି ଅପରାହ୍ନରେ ଠିକା ସଂସ୍ଥାର ଜଣେ କର୍ମଚାରୀ ଯୋଜନା ବଦ୍ଧ ଭାବେ ଶ୍ରୀ ଦାଶଙ୍କୁ ଡିଲ୍ ହୋଇଥିବା ୨୫ ହଜାର ଟଙ୍କା ତାଙ୍କ ସରକାରୀ କ୍ୱାର୍ଟର୍ସରେ ଦେଉଥିଲେ। ଠିକ୍ ସେହି ସମୟରେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ରଙ୍ଗେ ହାତ ମାଡି ବସିଥିଲେ। ଏପରିକି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏବେ ତାଙ୍କ ଅଫିସ୍, ସରକାରୀ କ୍ୱାର୍ଟର୍ସ ଓ ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରୁଛି।

### ରାଜ୍ୟସଭା ନାମାଙ୍କନରେ...

ତାଙ୍କୁ ସୁରକ୍ଷା କବଚ ମିଳିବ। ଖାଲି ସେତିକି ନୁହଁ ବିଜେପି ନିଜ ତୃଣମୂଳ ସ୍ତରର ସଂଗଠନକୁ ସୁଦୃଢ଼ କରିବାକୁ ଏପରି ଯୋଜନା କରୁଥିବା ନେଇ ବି ଚର୍ଚ୍ଚା ହେଉଛି। ଯେଉଁଥିଲାଗି ଦକ୍ଷତା ସଂପନ୍ନ ନେତାଙ୍କ ଉପରେ ବିଜେପିର ନଜର। ଗତ ନିର୍ବାଚନରେ ବିଜେଡି ଲୋକସଭାରେ ଖାତା ଖୋଲି ପାରିନଥିଲା। ଆଉ ରାଜ୍ୟସଭା ସଦସ୍ୟ ସଂଖ୍ୟା ବି ୮କୁ ଖସିଲାଣି। ଏଭଳି ସ୍ଥଳରେ ବିଜେଡିରୁ ଆଉ କେତେ ନେତା ବିଜେପି ଆସୁଛନ୍ତି ଏବଂ ବିଜେଡି କେମିତି ନିଜ ଗଡ଼ ବଞ୍ଚାଉଛି ତାଉପରେ ନଜର।

### ଭୟଙ୍କର ବଜ୍ରପାତ...

କାମାକ୍ଷାନଗର କୁଦୁଆ ଗାଁରେ ଜଣେ, ଭଦ୍ରକ ଚାନ୍ଦବାଲି ସଶିକାଦେଇପୁରରେ ବି ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଭଞ୍ଜନଗର ବଡ଼ଗଡ଼ ଥାନା ଗୋକୁଳପୁର, କେନ୍ଦ୍ରାପଡା ସଦର ଥାନା ଆୟବା ଗାଁରେ ବି ଜୀବନ ନେଇଛି ବଜ୍ରପାତ। ତେବେ ସମ୍ବଲପୁର ଶାସନ ଥାନା ଡବଲା ଗାଁରେ ଏବଂ ଭଦ୍ରକ ବାସୁଦେବପୁର ଚୂଡ଼ାମଣି ଗାଁରେ ବଜ୍ରାଘାତରେ ୨ ଗୁରୁତର ହୋଇପଡ଼ିଛନ୍ତି।

### ଚିକିଟି ବିଷାକ୍ତ ମଦ...

ଜେନାପୁରର ଲୋକନାଥ ବେହେରାଙ୍କ ବିୟୋଗ ଖବର। ଉଭୟେ ଗଞ୍ଜଉଏରେ ଚିକିତ୍ସାଧିନ ଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ ୧୨ ଜଣଙ୍କ ବି ଚିକିତ୍ସା ଚାଲିଛି ବଡ଼ ମେଡ଼ିକାଲରେ। କିନ୍ତୁ ମୃତ୍ୟୁର ବିଭୀଷିକା ଆଜି ଦୋହଲାଇ ଦେଉଛି ସାରା ଜେନାପୁର ଗାଁକୁ। ଜୁର ବେହେରାଙ୍କ ମୃତ୍ୟୁ ପରେ ମୃତଦେହକୁ ଧରି ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦାବିରେ ରାସ୍ତାରୋକ କରିଥିଲେ ଆତ୍ମୀୟ ସ୍ୱଜନ ଏବଂ ଗାଁ ଲୋକେ। କେଉଁଠୁ ଆସିଲା ଏହି ବିଷାକ୍ତ ମଦ ବିଷାକ୍ତ ମଦର ସୌଦାଗର କିଏ ? ସେନେଇ ତନାଘନା ଜାରି ରଖିଛି ଅବକାରୀ ବିଭାଗ। ଏହା ଭିତରେ ୫ ଜଣଙ୍କୁ ବି ଗିରଫ କରିସାରିଛି। ମଦ ପିଇ ଅସୁସ୍ଥ ହୋଇପଡ଼ିଥିଲେ ଚିକିଟି କରବାଲୁଆ ଓ ଜେନା ସାହିର ମୋଟ୍ ୧୬ ଜଣ। କୁହାଯାଉଛି, ଏମାନେ ସମସ୍ତେ ମାଉନ୍ଦପୁର ନିକଟରେ ବିକ୍ରି ହେଉଥିବା ଦେଶୀ ମଦ ପିଇଥିଲେ। ଯାହାର ବ୍ୟବସାୟୀ ହେଉଛି ଦିଗପହଣ୍ଡି ଅଞ୍ଚଳର ସୁରେନ୍ଦ୍ର ମଲ୍ଲିକ। ଅବକାରୀ ବିଭାଗର ଅତିରିକ୍ତ କମିଶନରଙ୍କ କହିବା କଥା, ବେଆଇନ ମଦ କାରବାର ଅଭିଯୋଗରେ ସୁରେନ୍ଦ୍ର ପୂର୍ବରୁ ବି ଜେଲ୍ ଯାଇଛି। ଜେଲରୁ ମୁକୁଳି ପୁଣି ଚଳାଇଥିଲା ମଦ ବେପାର। ତେବେ କିଏ ଏହି ସୁରେନ୍ଦ୍ର ମଲ୍ଲିକ? କାହା ଛତ୍ରଛାୟାରେ ସେ ଚଳାଇଥିଲା ବେଆଇନ ମଦ କାରବାର ଏସବୁ ପ୍ରଶ୍ନ ଭିତରେ, ନିଶା ନିବାରଣ ସଂସ୍ଥା କହିଛି, ଜିଲ୍ଲାରେ ମଦ ବନ୍ଦ ପାଇଁ ୧୦ ଲକ୍ଷ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ଦିଆଯାଇଥିଲା ପୂର୍ବ ବିଜେଡି ସରକାରକୁ। କିନ୍ତୁ ରାଜନୈତିକ ଲିଙ୍କ୍ ଥିବା ଯୋଗୁ କିଛି ଫରକ ପଡ଼ିନାହିଁ। ଗଂଜାମ ଜିଲ୍ଲାରେ ୨୫ଟି ଲାଇସେନ୍ସପ୍ରାପ୍ତ ମହୁଲି ମଦ ଭାଟି ରହିଛି ସତ। କିନ୍ତୁ ରାଜନୈତିକ ଛତ୍ରଛାୟାରେ ଛତୁଫୁଟିଲା ଭଳି ଚାଲିଛି ଅନେକ ବେଆଇନ ମଦ ଭାଟି। ପରିଣାମ ସ୍ୱରୂପ ୨୦୦୬, ମାର୍ଚ୍ଚ ୧୭ ରେ ଜିଲ୍ଲାର ସାନରାମଚନ୍ଦ୍ରପୁର, ଗଡ଼ହୁମ୍ମା, ମଧୁରଚୁଆଁ ଗାଁରେ ୨୨ ଜଣଙ୍କ ଯାଇଥିଲା ଜୀବନ। କିଏ ଆଖି ହରାଇ ଅନ୍ଧ ହୋଇଗଲେ ତ ଆଉ କିଏ ବିକଳାଙ୍ଗ ଅବସ୍ଥାକୁ ଚାଲିଆସିଲେ। ଗଂଜାମରେ ଏଭଳି ମଦ ବିଭୀଷିକାକୁ ନେଇ ତେଜିଛି ରାଜନୀତି। ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ଶାସକ-ବିରୋଧୀ। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡିକୁ ଘଟଣା ଭିତରକୁ ଟାଣି ଚିକିଟି ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଅଭିଯୋଗ କରିଛନ୍ତି, ବର୍ଷ ବର୍ଷ ଧରି ବିଜେଡି ଲିଙ୍କରେ ଚାଲିଥିଲା ମଦ କାରବାର। ଯାହାର ତଦନ୍ତ ହେଲେ ସବୁକଥା ଧରାପଡ଼ିବ। ଅପରପକ୍ଷେ ବିଜେଡି କହିଛି, ଚୋରା ମଦ କାରବାର ବଢୁଥିବାରୁ ଚିକିଟିରେ ମଦ ମୃତ୍ୟୁ ହୋଇଛି। ଏହାର ଜଉଡ ସ୍ତରୀୟ ତଦନ୍ତ ହେଉ।

### ବେଆଇନ ମଦ କାରବାରରେ ସଂପୃକ୍ତଙ୍କ ...

ଅଞ୍ଚଳରେ ତୀକ୍ଷଣ ଦୃଷ୍ଟି ରଖିବା ସହିତ ବେଆଇନ ମଦ ଭାଟି ଓ ବିକ୍ରି ସ୍ଥାନରେ ଚଢ଼ଉ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଚିକିଟି ଘଟଣାରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସିତ ହେଉଥିବା ସମସ୍ତଙ୍କ ଅବସ୍ଥା ଭଲ ଅଛି ବୋଲି ଜଣାପଡ଼ିଛି। ଏହି ଘଟଣାରେ ବ୍ରହ୍ମପୁରର ଅବକାରୀ ସୁପରିଟେଣ୍ଡେଣ୍ଟଙ୍କୁ କାର୍ଯ୍ୟରୁ ଅପସାରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଚିକିଟି ବେଆଇନ ମଦ କାରବାର ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ ପକ୍ଷରୁ ଗତକାଲି ସନ୍ଧ୍ୟା ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୭,୨୭୪ ଲିଟର ବେଆଇନ ମଦ ଜବତ କରାଯିବା ସହ ୭୨ ଜଣଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ କେବଳ ଗଞ୍ଜାମ ଜିଲ୍ଲାରେ ୩୮୫ ଲିଟର ମଦ ଜବତ ହୋଇଛି। ଆଗାମୀ ଦିନରେ ଏପରି ଚଢ଼ଉକୁ ଜୋରଦାର କରାଯିବା ସହ ବେଆଇନ ମଦ କାରବାରରେ ଲିପ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବଦଳିଲା ଯୁକ୍ତ ଦୁଇ ପରୀକ୍ଷା ...

ଅନୁପାତରେ ଥିଓରୀ- ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ। ନନ୍ ପ୍ରାକ୍ଟିକାଲ ବିଷୟରେ ୮୦ ଥିଓରୀ, ୨୦ ଇଣ୍ଟରନାଲ୍ ପରୀକ୍ଷା ରହିବ। ସେହିପରି ନନ୍ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଫୁଲ୍ ମାର୍କ ୮୦, ପାସ୍ ମାର୍କ ୨୪ ରହିବ। ୮୦ ମାର୍କରୁ ୨୪ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବେ । ନହେଲେ ଫେଲ୍ ବୋଲି ବିବେଚନା କରାଯିବ। ବାକି ୨୦ ମାର୍କ ଇଣ୍ଟରନାଲ ପରୀକ୍ଷା ହେବ। ସେଥିରେ ପରୀକ୍ଷାର୍ଥୀ ଯେତିକି ମାର୍କ ରଖିବେ ତାକୁ ମୋଟ ମାର୍କ ସହ ସଂଯୋଗ କରାଯିବ। ହେଲେ ଥିଓରି ମାର୍କ ସହ ଏହାକୁ ମିଶାଇ ପାସ୍ ବୋଲି ଗଣାଯିବ ନାହିଁ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସିବିଏସଇ ଢାଞ୍ଚାକୁ ଆପଣାଯିବା ସହ ବାଧ୍ୟତାମୂଳକ ଭାବେ ଇଂରାଜୀ ଓ ମାତୃଭାଷାରେ ଆସୁଥିବା ରଚନା ଲେଖନୀକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି। ସେହିପରି କୌଣସି ବିଷୟର ପ୍ରଶ୍ନପତ୍ରରେ ଆଉ ୧୦ ମାର୍କର ପ୍ରଶ୍ନ ରହିବନି। କଳା ବିଭାଗ ବିଷୟ ଗୁଡ଼ିକରେ ସର୍ବାଧିକ ୮ ମାର୍କ ଏବଂ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୫ମାର୍କ ପର୍ଯ୍ୟନ୍ତ ପ୍ରଶ୍ନ ଆସିବ। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ ଶିକ୍ଷାବର୍ଷରୁ ଏହା ଲାଗୁ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ନୂଆ ପଶ୍ନପତ୍ର କିଭଳି ରହିବ ଏବଂ ମାର୍କ କିପରି ଦିଆଯିବ ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ୪୫ ବର୍ଷ ପରେ...

ରହୁଥିବା ଭାରତୀୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତାଙ୍କୁ ସ୍ୱାଗତ କରିବାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ପୋଲାଣ୍ଡ ପରେ ମୋଦି ଅଗଷ୍ଟ ୨୩ ତାରିଖରେ ୟୁକ୍ରେନ ଗସ୍ତ ମଧ୍ୟ କରିବେ। ଏଥିପାଇଁ ସେ ପୋଲାଣ୍ଡରୁ ୟୁକ୍ରେନ ପର୍ଯ୍ୟନ୍ତ ୧୦ ଘଣ୍ଟା ଟ୍ରେନରେ ଯାତ୍ରା କରିବେ। ୧୯୯୨ ମସିହାରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବା ପରେ ୟୁକ୍ରେନକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ହେବ ପ୍ରଥମ ଗସ୍ତ। ପ୍ରଧାନମନ୍ତ୍ରୀଙ୍କ ୟୁକ୍ରେନ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ ତଥା ବିସ୍ତାର କରିବାରେ ସହାୟକ ହେବ।

### କେନାଲ ପାଣିରେ ...

ଏମିତି କ୍ୱିଣ୍ଟାଲ୍ କ୍ୱିଣ୍ଟାଲ ଚାଉଳ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଚାଉଳ ସମ୍ପର୍କରେ ଶ୍ରମିକମାନଙ୍କୁ ପଚାରିଥିଲେ। ହେଲେ ସେମାନେ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ଏତେ ପରିମାଣର ଅରୁଆ ଚାଉଳ ଆସିଲା କେଉଁଠୁ? ପାଣିରେ ଫିଙ୍ଗିଲେ କାହିଁକି? ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ଚର୍ଚ୍ଚା ହେଉଛି କେନାଲରେ ଫିଙ୍ଗା ଯାଇଥିବା ଅରୁଆ ଚାଉଳ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଆଦାୟ ହୋଇଥାଇପାରେ।

# ସିଲିଗୁଡିରେ ଏବିଭିପିର ବିରୋଧ ପ୍ରଦର୍ଶନ

ସିଲିଗୁଡି, ୨୧/୮ (ନି.ପ୍ର): କୋଲକତା ଆର.ଜି. କର ଘଟଣାକୁ ନେଇ ସାରା ଦେଶରେ ବିରୋଧ ଚାଲିଛି। ବୁଧବାର ଦିନ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିଲିଗୁଡିର କଂଚନଂଜଙ୍ଗା ଷ୍ଟାଡିୟମରୁ ଏବିଭିପି ରାଲି ଆରମ୍ଭ ହୋଇଥିଲା। ଯାହା ହସ୍ପିଟାଲ୍ ମୋଡ୍, ହାସମି ଚୌକ, ହିଲକାର୍ଟ ରୋଡ୍ ମଧ୍ୟରେ ବିଡିଓ କାର୍ଯ୍ୟାଳୟରେ ପହଂଚିଥିଲା । ଏଠାରେ, ଏବିଭିପି ରାଲିକୁ ଦୃଷ୍ଟିରେ ରଖି ବିଡିଓ କାର୍ଯ୍ୟାଳୟ ବାହାରେ ବହୁ ସଂଖ୍ୟକ ପୋଲିସ ନିୟୋଜିତ ହୋଇଥିଲେ। ଏବିଭିପି କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ପୋଡି ଥିଲେ। ଯେଉଁଥିପାଇଁ ପରିବେଶ ସର ଗରମ ହୋଇଗଲା । ପୋଲିସ ଏବଂ ଏବିଭିପି କର୍ମଚାରୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପରେ ଏବିଭିପି ପ୍ରତିନିଧି ଦଳ ଏସଡିଓ କାର୍ଯ୍ୟାଳୟରେ ସ୍ମାରକପତ୍ର ଦାଖଲ କରିଥିଲେ।

ଗୁରୁବାର, ୨୨ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ଏବଂ ଶିଶୁ ଯୌନ ନିର୍ଯ୍ୟାତନାର ବିଲୋପ ପାଇଁ ସଚେତନତା କାର୍ଯ୍ୟକ୍ରମ

ବଡ଼ସାହି , ୨୧/୮ (ନି.ପ୍ର): ସମ୍ପ୍ରତି ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ମାନଙ୍କ ଅଧିକାର ଓ ବାଲ୍ୟ ବିବାହ ବିଲୋପ ପାଇଁ ସଚେତନତା କାର୍ଯ୍ୟକ୍ରମ ବଡ଼ସାହି ବ୍ଲକ ଠାରେ ଓଡିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ (ବିଏଡିସି) ଦ୍ୱାରା ଅନୁଷ୍ଠିତ ହୋଇଯାଇଛି, ଏହି ସଚେତନତା କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ଅଧିକାର ଓ ନ୍ୟାୟ ପ୍ରଦାନ ଦିଗରେ ଯଥା ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ଘୋଷଣା ପାଇଁ ଶିଶୁ ଚାଲାଣ ଓ ଅପହରଣ, ଶିଶୁ ଯୌନ ନିର୍ଯାତନା, ବାଲ୍ୟ ବିବାହ ରୋକିବା ଓ ବନ୍ଦ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ବଡ଼ସାହି ବ୍ଲକରେ ମିଶନ ଶକ୍ତି ଭବନ ଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି, ଏହି ସଚେତନତା କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ମହାପାତ୍ର, ବାଲ୍ୟ ବିବାହ ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ, ଲେଡି ସୁପରଭାଇଜର ଏବଂ ଅଙ୍ଗନବାଡି କର୍ମୀ ପ୍ରମୁଖ ଉଦ ?ବୋଧନ ଦେଇ ଶିଶୁ ଅଧିକାର ଓ ସଚେତନତା ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ର ବିଲୋପ ପାଇଁ ବିଶେଷ ଭାବେ ଆଲୋଚନା କରିଥିଲେ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ ଫାଉଂଡେସନ ସହାୟତା ରେ ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଏହି ସଭାକାର୍ଯ୍ୟ ପ୍ରାରମ୍ଭରେ ରାଜଶ୍ରୀ ବେହେରା ସ୍ୱାଗତ ଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ, ଏହା ପରେ ବିଏଡିସିର ସମ୍ପାଦକ ଗୋପାଳ କୃଷ୍ଣ କର ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ବିଲୋପର ଆଭିମୁଖ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅଭିଭାଷଣ ପ୍ରଦାନ କରିଥିଲେ, ସେଠାକାର ଲେଡି ସୁପରଭାଇଜର ମାନେ ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନା ଓ ବାଲ୍ୟ ବିବାହ ବନ୍ଦ କରାଯିବ ଉପରେ ଗୁରୁତ୍ୱ ଆରୋପ କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ: ଜିଲ୍ଲାରୁ ପାଇବେ ୯୯୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ



ଭଦ୍ରକ, ୨୧/୮ (ନି.ପ୍ର): ପବିତ୍ର ଗୁରୁଦିବସ ସେପ୍ଟେମ୍ବର ୫ ତାରିଖରେ ଓଡ଼ିଶା ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ରାଜ୍ୟ ସ୍ତରରେ ଓ ରାଜ୍ୟର ସମସ୍ତ ଜିଲ୍ଲା ସ୍ତରରେ ପାଳନ କରାଯିବାକୁ ଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାରେ ଆୟୋଜନ ଓ ପରିଚାଳନା ନେଇ ଭଦ୍ରକ ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାଳନ୍ଦୀ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ଚରଣ ବାରିକ୍, ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିର୍କା ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ବି.ଇ.ଓ, ଡି.ଆଇ.ଇ.ଟି.ର ଅଧକ୍ଷ ଓ ଅନ୍ୟ ସଂପୃକ୍ତ ଶିକ୍ଷା ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟକି ମୁଖ୍ୟମନ୍ତ୍ରୀ ଦ୍ୱାରା ପ୍ରଥମ ଥର ପାଇଁ ପ୍ରଦାନ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ଭଦ୍ରକ ଜିଲ୍ଲାରେ ୯୯୦ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପୁରସ୍କାର ପାଇବେ। ୮୨୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାର, ୧୭୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର ପ୍ରଦାନ କରାଯିବ। ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ଆଧାରରେ ମେରିଟ୍ ସ୍କଲାରସିପ୍ ମଧ କେତେ ଜଣଙ୍କୁ ପ୍ରଦାନ କରାଯିବା ନେଇ ରାଜ୍ୟସ୍ତରରୁ ନିର୍ଦ୍ଧାରଣ କରାଯିବା ଯୋଜନା ଅଛି। ଏମାନଙ୍କ ମଧ୍ୟରୁ ୨୫ ଜଣ ରାଜ୍ୟ ସ୍ତରକୁ ଯିବେ। ଜିଲ୍ଲା ସ୍ତରରେ ଏହି ପୁରସ୍କାର ରାଶି ୧୦ ହଜାର ଟଙ୍କା, ବ୍ଲକ୍, ସ୍ତରରେ ୫ ହଜାର ଟଙ୍କା ଓ ମେରିଟ୍ ସ୍କଲାରସିପ୍ ରାଶି ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ସମସ୍ତ ଜିଲ୍ଲା ସ୍ତରରେ ଏକ ସମୟରେ ଦିନ ୧୦ଟାରେ ଆରମ୍ଭ ହେବ ମଧ୍ୟାହ୍ନ ୧୨ଟାରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମକୁ ସମସ୍ତ ଜିଲ୍ଲାସ୍ତରରେ ପ୍ରସାରଣ କରାଯିବ। ସୂଚନାଯୋଗ୍ୟକି ହାଇସ୍କୁଲ ପରୀକ୍ଷା ଫଳାଫଳ ଆଧାରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଓଡ଼ିଆରେ ୯୦ ନମ୍ବରରୁ ଉର୍ଦ୍ଧ୍ୱ ରଖିଥିବା ପିଲାଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର ପ୍ରଦାନ କରାଯାଉଛି। ଏହି କାର୍ଯ୍ୟ ଆୟୋଜନ ନେଇ ସ୍ଥାନ ନିର୍ଦ୍ଧାରଣ ଏବଂ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ପାଇଁ ପୋଲିସ୍, ଅଗ୍ନିଶମ, ପିଲାମାନଙ୍କ ଯିବା ଆସିବା ପାଇଁ ଆର୍.ଟି.ଓ.ଙ୍କ ମାଧମରେ ବସ ଯୋଗାଣ, ଭ୍ରାମ୍ୟମାଣ ଶୌଚଳୟ, ପାନୀୟଜଳ ଆଦି ବ୍ୟବସ୍ଥା ସମ୍ବନ୍ଧରେ ବିଚାର ବିମର୍ଷ କରାଯାଇ ଆବଶ୍ୟକମତେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ




ବାରିପଦା , ୨୧/୮ (ନି.ପ୍ର): ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି, ବାରିପଦା ଆନୁକୂଲ୍ୟରେ ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା କକ୍ଷରେ ସମିତିର ସଭାପତି ଡ. ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ପୌରହିତ୍ୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ତଥା ବୟୋଜ୍ୟେଷ୍ଠ ପ୍ରତିଭା ସୁଦର୍ଶନ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସଭାପତି ଡ. ପଣ୍ଡା ସମ୍ବର୍ଦ୍ଧିତ କରିବା ପରେ ସମିତିର ଉପ-ସଭାପତି ରଘୁନାଥ ପଣ୍ଡା ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ନାଏକ, ବରିଷ୍ଠ ସଦସ୍ୟ ଡ. କୁଞ୍ଜବନ ପୃଷ୍ଟି, ରଞ୍ଜନ ପାତ୍ର, ସର୍ବେଶ୍ୱର ଭୂୟାଁ, ନନୀଗୋପାଳ ମହାନ୍ତି, ହରିହର ମହାନ୍ତ, ଈଶ୍ୱର ଚନ୍ଦ୍ର ଦାସ, ଅଶ୍ୱିନୀ ପାତ୍ର, ଚନ୍ଦ୍ର ଶେଖର ମହାନ୍ତି, ସନ୍ତୋଷ ବେହେରା, ପ୍ରଫୁଲ୍ଲ ଦାସ, ଉପେନ୍ଦ୍ର ମାଝୀ, ଦୁଷ୍ମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଆୟୋଜକ ବିକ୍ରମ କେଶରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ସୁରକ୍ଷାବଳୟ ମଧ୍ୟରେ ନିର୍ମିତ ବେଆଇନ୍ ଇଟାଭାଟି ଗୁଡିକ ଉଚ୍ଛେଦ ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ



ନୀଳଗିରି , ୨୧/୮ (ନି.ପ୍ର): କୁଲଡିହା ଅଭୟାରଣ୍ୟ ହାତୀ ସୁରକ୍ଷାବଳୟ(ଇଏସଜେଡ)ମଧ୍ୟରେ ଅବସ୍ଥିତ ବେଆଇନ୍ ଚିମିନି ଇଟାଭାଟି ଗୁଡିକ ତୁରନ୍ତ ଉଚ୍ଛେଦ ନେଇ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ପୂର୍ବରୁ ବହୁବାର ଏନେଇ ରାଜସ୍ୱ ବିଭାଗଙ୍କୁ ଅବଗତ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଏପର୍ଯ୍ୟନ୍ତ ମଧ ଉକ୍ତ ଜୈବ ସୁରକ୍ଷା ବଳୟ ମଧ୍ୟରେ ୧୪ଗୋଟି ଚିମିନୀ ଇଟାଭାଟି ବେଆଇନ ଭାବେ ଚାଲିଛି ଯାହା ପରିବେଶ ପ୍ରେମୀ ମାନଙ୍କୁ ମର୍ମାହତ କରିଛି।ସାରା ଭାରତବର୍ଷରେ ହାତୀ ଅଭୟାରଣ୍ୟର ମାନ୍ୟତା ପାଇ ପରିବେଶ ପ୍ରେମୀଙ୍କୁ ଆକର୍ଷିତ କରୁଥିବା ଏହି ଅଭୟାରଣ୍ୟରୁ ମୁହଁ ଫେରାଇ ନେଇଥିବା ବେଳେ ହାତୀବଂଶ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ତେଣୁ ଜୈବ ବିବିଧତାର ସୁରକ୍ଷା ପାଇଁ ଉକ୍ତ ଅଂଚଳରେ ବେଆଇନ୍ ଭାବେ ଗଢିଉଠିଥିବା ଇଟାଭାଟି ଗୁଡିକ ବନ୍ଦ କରିବା ଜରୁରୀ ହୋଇପଡ଼ିଛି। ଏଥିସହିତ ଗୋଚର ଜମି ଉପରେ ମାଫିଆ ମାନଙ୍କର ଲୋଲୁପ ଦୃଷ୍ଟି କାରଣରୁ ଚାରଣଜମି ନଷ୍ଟ ହେବାକୁ ବସିଛି। ଫଳରେ ଖାଦ୍ୟ ଅନ୍ୱେଷଣରେ ଉକ୍ତ ଅଭୟାରଣ୍ୟରେ ବସବାସ କରିଥିବା ହାତୀ ସମେତ ଅନ୍ୟ ଜୀବଜନ୍ତୁ ମାନେ ଗାଁ ମୁହାଁ ହେଉଛନ୍ତି। ଯାହାଫଳରେ ହାତୀ ମଣିଷର ଲଢେଇରେ କେତେବେଳେ ହାତୀର ପ୍ରାଣହାନି ଘଟୁଛିତ କେତେବେଳେ ନିରୀହ ମଣିଷର ଜୀବନ ଯାଉଛି। ବହୁ ଘରଦ୍ୱାର ନଷ୍ଟ ହେବା ସହିତ ଫସଲହାନୀ ହେଉଛି। ବନବିଭାଗ ମଧ ନିରବଦ୍ରଷ୍ଟା ସାଜିଛି। ସରକାର କୋଟିକୋଟି ଟଙ୍କା ଏବାବଦରେ ପାଣ୍ଠି ଯୋଗାଇ ଦେଇଥିଲେ ହେଁ ସବୁ ପାଣିରେ ପଡୁଛି। ସୌର ତାରବାଡ ଏବଂ ଟ୍ରେଂଚ ନିର୍ମାଣ କରାଯାଇ କୋଟିକୋଟି ଟଙ୍କା ହରିଲୁଟ କରାଯାଇଛି। ଯଦି ଏଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଇଥାନ୍ତା ତାହେଲେ ଅଭୟାରଣ୍ୟର ହାତୀ ଗାଁ କିମ୍ବା ସହର ମୁହାଁ ହେଉନଥାନ୍ତେ। ତେଣୁ ଉକ୍ତ ସୁରକ୍ଷାବଳୟ ମଧ୍ୟରେ ଅବସ୍ଥିତ ବେଆଇନ୍ ଇଟାଭାଟି ଗୁଡିକ ତୁରନ୍ତ ଉଚ୍ଛେଦ କରିବାକୁ ଜିଲ୍ଲାପାଳ ସମେତ ନୀଳଗିରି ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଚିଠିଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ଅନକାପଲ୍ଲୀ କେମିକାଲ ଫ୍ୟାକ୍ଟରୀରେ ବ୍ଲାଷ୍ଟ: ୮ କର୍ମଚାରୀ ଆହତ

ନୂଆଦିଲ୍ଲୀ, ୨୧/୮ : ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀର ଏକ କେମିକାଲ ଫ୍ୟାକ୍ଟ୍ରିରେ ବୁଧବାର ଦିନ ହୋଇଥିବା ବ୍ଲାଷ୍ଟରେ ୮ କର୍ମଚାରୀ ଆହତ ହୋଇଛନ୍ତି। ଅନକାପଲ୍ଲୀର ପୋଲିସ୍ ଅଧିକ୍ଷକ ମୁରଲୀ କୃଷ୍ଣା ଘଟଣାର ସ୍ପଷ୍ଟତା ଦେଇ କହିଛନ୍ତି ଯେ ଅଚ୍ୟୁତାପୁରମ ଇଣ୍ଡଷ୍ଟ୍ରିୟାଲ ସ୍ପେଶାଲ ଇକୋନୋମିକ ଜୋନ୍‌ରେ ଥିବା ସହିଥି ଫାର୍ମରେ ଏକ ରିଏକ୍ଟରରେ ବ୍ଲାଷ୍ଟ କାରଣରୁ ନିଆଁ ଲାଗିଥିଲା। ଏଥିରେ କମ୍ପାନୀର ୮ କର୍ମଚାରୀ ଆହତ ହୋଇଥିଲେ। ଏଥିରେ ୨ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ପୋଲିସ୍ ମୁତାବିକ କମ୍ପାନୀର ୮ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବାବେଳେ ୧୫ କର୍ମଚାରୀଙ୍କୁ ଦମକଳ ଟିମ୍ ବାହାରକୁ ବାହାର କରିଥିଲେ।

# ଜନ ସାଧାରଣଙ୍କ ସମସ୍ୟା ନେଇ ବିଡ଼ିଓଙ୍କ ସହିତ ବିଜେପି ନେତୃ ମଣ୍ଡଳୀଙ୍କ ଦ୍ୱାରା ସମାଧାନ




ଲଙ୍ଗଳେଶ୍ୱର, ୨୧/୮ (ନି.ପ୍ର): ବାଲିଆପାଳ ବ୍ଲକର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ବରିଷ୍ଠ ବିଜେପି ନେତୃମଣ୍ଡଳୀଙ୍କ ସହ ବିଡ଼ିଓଙ୍କ ଦ୍ୱାରା ସମାଧାନ କରାଯାଇଥିଲା। ବିଜେପି ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ସାପ୍ତାହିକ ଜନଶୁଣାଣି ମାଧ୍ୟମରେ ବୁଧବାର ବାଲିଆପାଳ ବିଡିଓଙ୍କ ସହିତ ବିଜେପି ନେତା ଶ୍ୟାମାପ୍ରସାଦ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା, ସରପଞ୍ଚ ଜୟନାରାୟଣ ମହାପାତ୍ର, ମଣ୍ଡଳ ସଭାପତି କଳଲୋଚନ ଦତ୍ତ, ଯୁବ ମୋର୍ଚ୍ଚା ସଭାପତି ଧୀରେନ ସେଠୀ,ସୁବଳ ଚନ୍ଦ୍ର ଦାସ, ଅଜୟ କୁମାର ଜେନା, ସଞ୍ଜୟ ପରିଡା, ମନ୍ମଥ ପାତ୍ର, ଗୌରହରି ଦେ, ବିଶ୍ୱଜିତ ନନ୍ଦ, ସତ୍ୟରଞ୍ଜନ ମଣ୍ଡଳ, ସରୋଜ କର, ରୀତାଞ୍ଜଳୀ ଜେନା, ସୁବାସ ସି, କାର୍ତିକ ବିଶ୍ୱାଳ, ନରୋତ୍ତମ ଗିରି ପ୍ରମୁଖ ସାମିଲ ହୋଇ ବିଭିନ୍ନ ପଞ୍ଚାୟତରେ ରେସନ କାର୍ଡ, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ,ବାର୍ଦ୍ଧକ୍ୟ ଭତ୍ତା ଓ ରାସ୍ତା ମରାମତି ଓ ନିର୍ମାଣ ପ୍ରଭୃତି ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ବିଜେପି ନେତୃମଣ୍ଡଳୀ ତହସିଲଦାର ଓ ଆଇ ଆଇସିଙ୍କୁ ଭେଟି ଲୋକଙ୍କ ବିଭିନ୍ନ ବସମସ୍ୟା ବିଷୟରେ ଆଲୋଚନା କରି ସମାଧାନ କରାଇଥିଲେ।

# ଘରେ ପଶି ଚୋରି ଉଦ୍ୟମ: ଥାନାରେ ଏତଲା

ବେତନଟୀ , ୨୧/୮ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଥାନା ଅଧୀନ କେଶୁରା ଗ୍ରାମର ରମେଶ ପାତ୍ରଙ୍କ ଘରକୁ ପଶି ଚୋରି ଉଦ୍ୟମ କରୁଥିବା ଜଣେ ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଶ୍ରାବଣ ମାସ ଥିବାରୁ ସୋମବାର ରମେଶ ଶିବ ମନ୍ଦିରକୁ ପାଣି ଢାଳିବାକୁ ଯାଇଥିଲେ ଓ ଏହାର ସୁଯୋଗ ନେଇ ସେହି ଗ୍ରାମର ଦିଲ୍ଲୀପ ପାତ୍ର (ବାୟା)ଛାତ ଉପର ଦେଇ ଚୋରି କରିବା ଉଦ୍ୟେଶରେ ପଶିଥିଲା । ଶବ୍ଦ ପାଇ ରମେଶଙ୍କ ପତ୍ନୀ ମହେଶ୍ୱତା ପାତ୍ର ଛାତ ଉପରକୁ ଯିବାରୁ ଦିଲ୍ଲୀପ ଏକ ରୋଡ଼ ଯୋଗେ ମହେଶ୍ୱତାଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା ।ଓ ମହେଶ୍ୱତା ଜୋରରେ ଚିତ୍କାର କରିବାରୁ ଦିଲ୍ଲୀପ ସେଠାରୁ ଚମ୍ପଟ ମାରିଥିଲା । ଏ ସଂକ୍ରାନ୍ତରେ ମହେଶ୍ୱତା ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଓ ପ୍ରକାଶ ଥାଉ କି ରମେଶଙ୍କ ଘରୁ ପୂର୍ବରୁ ୨ଟି ଗାଡି ବ୍ୟାଟେରୀ ଚୋରି ହୋଇଥିଲା । ତେଣୁ ଏଥିରେ ଦିଲ୍ଲୀପର ସମ୍ପୃକ୍ତି ଥାଇପାରେ ବୋଲି ରମେଶଙ୍କ ପତ୍ନୀ ମହେଶ୍ୱତା ଅଭିଯୋଗ ଆଣିଛନ୍ତି ଓ ତେବେ ବୈଶିଙ୍ଗା ପୋଲିସ ୨୭୮/୨୪ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ପ୍ରମୁଖ ପୁରୋଧା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହ ଜୀଙ୍କ ସ୍ମୃତି ଦିବସ ପାଳିତ




ବାଲେଶ୍ୱର, ୨୧/୮ (ନି.ପ୍ର): ଆଜି ଅପରାହ୍ନରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ପ୍ରମୁଖ ପୁରୋଧା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହ ଜୀଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗବାସୀ କଲ୍ୟାଣ ସିଂହ ଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି କଲ୍ୟାଣ ସିଂହ ଜୀଙ୍କ ସାମାଜିକ ଓ ରାଜନୈତିକ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ। ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଜିଲ୍ଲା ଉପସଭାପତି କମଳା ବିନ୍ଧାଣି ଓ କରୁଣାକର ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରା ରେଖା ମହାପାତ୍ର, ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ଅନୀଲ ସାହୁ, ଏସସି ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ସଂସ୍କୃତ ଶାସ୍ତ୍ରୀ ସନ୍ତୋଷ ସେଠୀ, ସମ୍ପାଦକ ବିଜୟ ସାହୁ ଓ ସସ୍ମିତା ଚାନ୍ଦ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହସଂଯୋଜକ ରଣଜିତ ପୃଷ୍ଟି, ସୁଇଟି ବାରିକ, ପ୍ରାଶାନ୍ତି ପଣ୍ଡା, ସ୍ୱାଧିନ ପଣ୍ଡା, କୌଶିକ ଚାନ୍ଦ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ସୁରଝଙ୍କାର ସେଠୀ, ଏସଟି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ସୁକାନ୍ତି ଦେବ ଗୋସ୍ୱାମୀ, ମଧୁଶ୍ରୀ ପଣ୍ଡା, ଜୁବଲି ମହାନ୍ତି ଓ ମନୋରଞ୍ଜନ ବେହେରା, ବିଶ୍ୱଜିତ ନନ୍ଦ, ସୁମନ୍ତ ମହାଳିକ ପର୍ଯ୍ୟାୟକ୍ରମେ କଲ୍ୟାଣ ସିଂହ ଜୀଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କଳାଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ବଡସାହି, ୨୧/୮ (ନି.ପ୍ର): ୧୯୫୦ ମସିହା ସେପଟ୍ଟେମ୍ବର ୬ ତାରିଖ ଦିନ କୁଡୁମୀ ଜାତିକୁ ଆଦିବାସୀ ବର୍ଗ(ଝଞ୍ଜ)ରୁ ବାଦ୍ ଦେଇଥିବାରୁ କୁଡୁମୀ ଜାତି ପ୍ରତି ହେଇଥିବା ଐତିହାସିକ ଅନ୍ୟାୟ ପ୍ରତିବାଦରେ ୬ ସେପଟ୍ଟେମ୍ବର କଳା ଦିବସ ପାଳନ କରାଯିବ । ଏଥିପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ଆହ୍ୱାନରେ ବଡ଼ସାହି ବ୍ଲକରେ କୁଡୁମୀ ସେନା ପକ୍ଷରୁ କଳା ଦିବସ ପାଳନ ପାଇଁ ଦୁର୍ଗାପୁର ଗ୍ରା:ପ: ଟିକରବାଟୀ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ଏ ବର୍ଷ ମଧ ପଲ୍ଲୀରୁ ଦିଲ୍ଲୀ ପର୍ଯନ୍ତ ଏହି ଦିବସକୁ ପାଳନ କରାଯିବା ପାଇଁ କୁଡୁମୀ ସେନାର ଲୋକନାଥ ମହାନ୍ତଙ୍କ ନେତୃତ୍ୱରେ ଅନୁଉ ବୈଠକରେ ମତପ୍ରକାଶ ପାଇଛି ।। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ସେନାର କର୍ମକର୍ତ୍ତା କ୍ଷେତ୍ରମୋହନ ମହାନ୍ତ , ଟିକିଲି ମହାନ୍ତ , ବୁଲୁ ମହାନ୍ତ, ଗୁରୁଚରଣ ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ,ମୋହନ ସୁନ୍ଦର ମହାନ୍ତ,ପ୍ରିୟନାଥ ମହାନ୍ତ , ସନ୍ତୋଷ ମହାନ୍ତ, ଜେଠୁ ମହାନ୍ତ, କୁଡୁମି ମହିଳା ସେନାର ଭାରତୀ ମହାନ୍ତ, ଜୟନ୍ତୀ ମହାନ୍ତ, କାଞ୍ଚନୀ ମହାନ୍ତ, ରେବତୀ ମହାନ୍ତ , ପ୍ରତିଭା ମହାନ୍ତ, କୁଡୁମି ଛାତ୍ର ସେନାର ଲିପୁନ ମହାନ୍ତ , ପପୁନ ମହାନ୍ତ , ଜଗଦୀଶ ମହାନ୍ତ ମନୁ ମହାନ୍ତ , ବିଶ୍ୱଜିତ୍ ମହାନ୍ତ , ଦିପୁ ମହାନ୍ତ ପ୍ରମୁଖ ଯୋଗ ଦେଇ ଆଲୋଚନା ଭାଗ ନେଇଥିଲେ ।

# ମିଶନ ତାଲ: ରାଣୀ ପୋଖରୀରେ ଆଠ ଶହ ମଂଜି ରୋପଣ




ଉଦଳା, ୨୧/୮ (ନି.ପ୍ର): ତାଳ ଗଛର ସଂଖ୍ୟା କମିଯିବା ଯୋଗୁଁ ବର୍ତ୍ତମାନ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ 'ମିଶନ ତାଳ' ତରଫରୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ତାଳଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସେହିପରି ନିକଟରେ କପ୍ତିପଦା ବ୍ଲକର ରାଣୀ ପୋଖରୀ ପଂଚାୟତ ଅନ୍ତର୍ଗତ ଲାମ୍ବୁଆସାହି ଗ୍ରାମ ଠାରେ ପୂର୍ବତନ ସରପଂଚ ମାର୍କଣ୍ଡ ହେମ୍ବ୍ରମଙ୍କ ନେତୃତ୍ୱରେ ପ୍ରାୟ ଆଠ ଶହ ତାଳ ମଂଜି ରୋପଣ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଗ୍ରାମର ଦେହୁରିଙ୍କ ସମେତ ବହୁ ସ୍ୱେଚ୍ଛାସେବି ସହଯୋଗ କରିଥିଲେ । ତାଳ ଗଛକୁ ବଂଚାଇବା ପାଇଁ ବହୁ ଅଧିକ ଯତ୍ନର ଆବଶ୍ୟକତା ନାହିଁ । ପ୍ରତିବର୍ଷ ଯେଉଁ ପରିମାଣରେ ତାଳ ଗଛ ରୋପଣ କରାଯାଉଛି ଆଉ କିଛି ବର୍ଷ ପରେ ଏ ଅଂଚଳରେ ଏକ ବିରାଟ ତାଳଗଛର ଜଂଗଲ ଦେଖିବାକୁ ମିଳିବ ବୋଲି ସ୍ୱେଚ୍ଛାସେବି ମାନେ କହିଛନ୍ତି । ସେହିପରି ତାଳ ଗଛ ସଂଖ୍ୟା କମିଯିବା ଯୋଗୁଁ ବାୟା ଚଢ଼େଇ ବସା ବାନ୍ଧି ପାରୁ ନାହିଁ ଓ ଆଶ୍ରୟ ନେବା ପାଇଁ ସ୍ଥାନ ମଧ ପାଉନଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ଫଳରେ ବାୟା ଚଢ଼େଇଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଥିବାର କଥା ବହୁ ଲୋକ ମତ ଦେଇଛନ୍ତି ।

# ୭ଦିନ ରେଡ୍ କରିବ ଅବକାରୀ ଟିମ୍

ଭୁବନେଶ୍ୱର, ୨୧/୮ (ନି.ପ୍ର): ଗଂଜାମ ଜିଲ୍ଲା ଚିକିଟିରେ ମଦ ମୃତ୍ୟୁ ପରେ ତତ୍ପର ହୋଇଛି ରାଜ୍ୟ ଅବକାରୀ ବିଭାଗ। ବେଆଇନ ମଦ କାରବାର ରୋକିବାକୁ ୭ଦିନ ରେଡ୍ କରିବ ଅବକାରୀ ଟିମ୍ । ଅବକାରୀ କମିଶନର ନରସିଂହ ଭୋଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ରେଡ୍ ର ପ୍ରଥମ ଦିନରେ ୨୦୩ ମାମଲା ରୁଜୁ ହୋଇଥିବା ବେଳେ ୧୧୭ ଗିରଫ ହୋଇଛନ୍ତି। ସେହିପରି ରେଡ୍ ବେଳେ ୧୦ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୧୦୩୩୮ ଲିଟର ମଦ ଜବତ କରାଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo